ବର୍ଷ-୨୬, ସଂଖ୍ୟା-୧୫୭
ଭୁବନେଶ୍ୱର
୧୧, ଜୁନ ୨୦୨୬ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 157
Bhubaneswar
11, June, 2026, Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ନୂଆ ମାଇଲଖୁଣ୍ଟ ହାସଲ କଲେ ମୋଦି



ନୂଆଦିଲ୍ଲୀ, ୧୦।୬(ମହାଭାରତ) ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ନୂଆ ରାଜନୀତିକ ମାଇଲଖୁଣ୍ଟ ହାସଲ କରିଛନ୍ତି। ଭାରତୀୟ ସମ୍ବିଧାନ ଲାଗୁ ହେବା ପରେ ସେ ଦେଶର ସବୁଠାରୁ ଦୀର୍ଘ ସମୟ ଧରି ନିରବଚ୍ଛିନ୍ନ ଭାବେ ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିବାର ଗୌରବ ଅର୍ଜନ କରିଛନ୍ତି। ୨୦୧୪ ମେ’ ୨୬ ରେ ପ୍ରଥମ ଥର ପାଇଁ ଦେଶର ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ ମୋଦି।

ଆଜି ପ୍ରଧାନମନ୍ତ୍ରୀ ପଦରେ କ୍ରମାଗତ ଭାବେ ସେ ୪,୩୯୯ ଦିନ ପୂରଣ କରିଛନ୍ତି। ତାଙ୍କ ବ୍ୟତୀତ ଆଉ କୌଣସି ରାଜନେତା ଏତେ ଦିନ ଯାଏ ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ହୋଇ ପ୍ରଧାନମନ୍ତ୍ରୀ ପଦରେ ଏତେ ଦିନ କାର୍ଯ୍ୟ କରି ନଥିଲେ।

ଏହାପୂର୍ବରୁ ସର୍ବାଧିକ ସମୟ ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିବାର ରେକର୍ଡ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁଙ୍କ ନାଁରେ ରହିଥିଲା। ସେ ଦୀର୍ଘ ୪୩୯୮ ଦିନ ଧରି ନିର୍ବାଚିତ ସରକାରର ନେତୃତ୍ୱ ନେଇଥିଲେ। ୧୯୫୨ରେ ଦେଶରେ ପ୍ରଥମ ନିର୍ବାଚନ ହୋଇଥିଲା। ଏହା ପରଠାରୁ ପଣ୍ଡିତ ନେହରୁ କ୍ରମାଗତ ୪୩୯୮ ଦିନ ପ୍ରଧାନମନ୍ତ୍ରୀ ପଦରେ କାର୍ଯ୍ୟ କରିଥିଲେ।

୧୯୪୭ ଅଗଷ୍ଟ ୧୫ରେ ଭାରତ ସ୍ୱାଧୀନ ହୋଇଥିଲା। ଏହାପରେ ନେହରୁ ଦେଶର ଅନ୍ତରୀଣ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ପାଇଥିଲେ। କିନ୍ତୁ ଗଣତାନ୍ତ୍ରିକ ଉପାୟରେ ନିର୍ବାଚନ ହୋଇ ନଥିଲା। ତଥାପି ଦେଶର ନେତୃତ୍ୱ ନେହରୁ ନେଇଥିଲେ।

ଦେଶରେ ପ୍ରଥମ ନିର୍ବାଚନ ୧୯୫୧-୫୨ ମସିହାରେ ହୋଇଥିଲା। ୧୯୫୨ ଏପ୍ରିଲ ୧୭ରେ ପ୍ରଥମ ଲୋକସଭା ବିଧିବଦ୍ଧ ଭାବେ ଗଠନ ହୋଇଥିଲା। ନୂଆ ଲୋକସଭାର ପ୍ରଥମ ବୈଠକ ୧୯୫୨ ମେ ୧୩ ତାରିଖରେ ବସିଥିଲା। ସେହିଦିନ ପଣ୍ଡିତ ନେହରୁ ଦେଶର ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ପଦ ଓ ଗୋପନୀୟତାର ଶପଥ ନେଇଥିଲେ। ତେଣୁ ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ନେହରୁଙ୍କ କାର୍ଯ୍ୟକାଳ ସେହି ଦିନଠାରୁ ଆରମ୍ଭ ହୋଇଥିଲା।

ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ମୋଦିଙ୍କ କାର୍ଯ୍ୟକାଳ ୨୦୧୪ ମେ ୨୬ ତାରିଖରୁ ଆରମ୍ଭ ହୋଇଛି। ୨୦୧୪, ୨୦୧୯ ଓ ୨୦୨୪ ସାଧାରଣ ନିର୍ବାଚନରେ ସେ ଲୋକସଭାକୁ ନିର୍ବାଚିତ ହୋଇ କ୍ରମାଗତ ତୃତୀୟ ଥର ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଛନ୍ତି।

କିନ୍ତୁ ୧୯୪୭ ମସିହାରୁ ଦେଖିଲେ ପ୍ରଧାନମନ୍ତ୍ରୀ ଭାବେ ନେହରୁଙ୍କ ମୋଟ କାର୍ଯ୍ୟକାଳ ହେଉଛି ୧୬ ବର୍ଷ ୨୮୬ ଦିନ। ତେଣୁ ନେହରୁଙ୍କ ସେହି ରେକର୍ଡ ଭାଙ୍ଗିବା ପାଇଁ ମୋଦିଙ୍କୁ ୨୦୨୯ ନିର୍ବାଚନରେ ଜିତି ପ୍ରଧାନମନ୍ତ୍ରୀ ହେବାର ଆବଶ୍ୟକତା ରହିଛି।

ତଥାପି ଗଣତାନ୍ତ୍ରିକ ପ୍ରକ୍ରିୟାରେ ପ୍ରଧାନମନ୍ତ୍ରୀ ହେବାରେ ମୋଦି ଆଜି ନେହରୁ ପଛରେ ପକାଇ ଦେଇଛନ୍ତି। ଏହି ଐତିହାସିକ ଅବସରରେ ପ୍ରଧାନମନ୍ତ୍ରୀ ମୋଦି ସୋଶାଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ବାର୍ତ୍ତା ସମଗ୍ର ଦେଶକୁ ଦେଇଛନ୍ତି।

ସେ କହିଛନ୍ତି, “ଜନ ସେବା ହେଉଛି ଉତ୍ତମ ଶାସନର ସର୍ବଶ୍ରେଷ୍ଠ ମାପକାଠି। ଯିଏ ନମ୍ରତା, ସମର୍ପଣ ଓ କର୍ତ୍ତବ୍ୟବୋଧ ସହିତ ଅକ୍ଳାନ୍ତ ପରିଶ୍ରମ କରନ୍ତି, ସେ ହିଁ ଲୋକଙ୍କ ବିଶ୍ୱାସ ଜିତି ପାରନ୍ତି।” ସେ ଗୋଟିଏ ସଂସ୍କୃତ ଶ୍ଲୋକ ମଧ୍ୟ ପୋଷ୍ଟ କରିଛନ୍ତି। ସେ କହିଛନ୍ତି ଯେ ଶାସକମାନେ ନାଗରିକଙ୍କ କଲ୍ୟାଣ ପାଇଁ ପ୍ରତିବଦ୍ଧ ରହିବା ଉଚିତ୍ ଓ ନମ୍ରତାର ସହିତ ଶାସନ କରିବା ଦରକାର।” ମୋଦି ନୂଆ ରାଜନୀତିକ ମାଇଲଖୁଣ୍ଟ ହାସଲ କରିଥିବାରୁ ଅନେକ ମନ୍ତ୍ରୀ ଓ ବିଶ୍ୱ ନେତାମାନେ ମଧ୍ୟ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଆଜିର ଏହି ଐତିହାସିକ ଦିନରେ ପ୍ରଧାନମନ୍ତ୍ରୀ ମୋଦି ଏନଡିଏ ବୈଠକର ଅଧ୍ୟକ୍ଷତା ମଧ୍ୟ କରିବେ।

## ଦୀଘା ଜଗନ୍ନାଥ ମନ୍ଦିରରୁ ହଟିଲା ’ଧାମ’ ଶବ୍ଦ

ଭୁବନେଶ୍ୱର, ୧୦।୬(ମହାଭାରତ): ଦୀଘା ଜଗନ୍ନାଥ ମନ୍ଦିରରୁ ହଟିଲା ’ଧାମ’ ଶବ୍ଦ। ଗତକାଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ଘୋଷଣା ପରେ ଧାମ ଶବ୍ଦ ହଟାଯାଇଛି। ମନ୍ଦିର ଫାଟକରେ ଲେଖାଯାଇଥିବା ଫଳକ କାଢି ନିଆଯାଇଛି। ଜଗନ୍ନାଥ ଧାମ ବଦଳରେ ଜଗନ୍ନାଥ ସାଂସ୍କୃତିକ କେନ୍ଦ୍ର ଲେଖାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଚିଠି ପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଦୀଘା ଜଗନ୍ନାଥ ମନ୍ଦିରରୁ ‘ଧାମ’ ଶବ୍ଦ ହଟାଇବା ପାଇଁ ଘୋଷଣା କରିଥିଲେ। ପରିବର୍ତ୍ତନ ପରେ ମୁଖ୍ୟ ମନ୍ଦିରର ନାମ ଶ୍ରୀ ଜଗନ୍ନାଥ ଦେବ ମନ୍ଦିର ଓ ଏହାର ସଂଲଗ୍ନ ପୀଠକୁ ଶ୍ରୀ ଶ୍ରୀ ଜଗନ୍ନାଥ ସାଂସ୍କୃତିକ କେନ୍ଦ୍ର ଭାବେ ନାମିତ କରାଯିବ ବୋଲି କହିଥିଲେ। ଯଦିଓ ସରକାରୀ ଟଙ୍କାରେ ନିର୍ମିତ ଏହି ଭିତ୍ତିଭୂମିକୁ ଶ୍ରୀଶ୍ରୀ ଜଗନ୍ନାଥ ସାଂସ୍କୃତିକ କେନ୍ଦ୍ର ଭାବେ ନାମିତ କରାଯାଇଥିଲା, ତଥାପି ଏଥିରେ ଜୋର ଜବରଦସ୍ତ ‘ଧାମ’ ଶବ୍ଦ ଯୋଡା ଯାଇଥିଲା। ଯାହା ଭାରତୀୟ ପରମ୍ପରା ଓ ସଂସ୍କୃତି ପାଇଁ ଆଣି ଠିକ୍ ନୁହେଁ । ତେଣୁ ସେହି ସାଂସ୍କୃତିକ କେନ୍ଦ୍ରର ନାମରୁ ‘ଧାମ’ ଶବ୍ଦକୁ ହଟାଇବାକୁ ପଶ୍ଚିମବଙ୍ଗ ସରକାର ନିଷ୍ପତ୍ତି ନେଇଥିଲେ। ଏଣିକି ଦୀଘା ମନ୍ଦିରର ନୈତ୍ତିକ ପୂଜା ଏବଂ ନୈତ୍ତିକ ସେବା ଜଗନ୍ନାଥ ମହାପ୍ରଭୁଙ୍କ ପାରମ୍ପରିକ ରୀତିରେ କରାଯିବ ବୋଲି କହିଥିଲେ।

## ଗୃହରକ୍ଷୀଙ୍କ ଦୈନିକ ଭତ୍ତା ୧୧ଟଙ୍କା ବଢିଲା

ଭୁବନେଶ୍ୱର, ୧୦।୬(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଗୃହରକ୍ଷୀମାନଙ୍କ ଦୈନିକ ଭତ୍ତା୬୩୯ ଟଙ୍କାରୁ ୬୫୦ ଟଙ୍କାକୁ ବୃଦ୍ଧି କରିଛନ୍ତି । ଏହି ବର୍ଦ୍ଧିତ ଭତ୍ତା ୨୦୨୬ ଜାନୁଆରୀ ୧ ତାରିଖରୁ ଲାଗୁ ହେବ। ସୂଚନାଯୋଗ୍ୟ ଯେ, ୨୦୨୫ ଜୁଲାଇ ପହିଲାରେ ଗୃହରକ୍ଷୀଙ୍କ ଦୈନିକ ଭତ୍ତା ୬୨୩ରୁ ୬୩୯ ଟଙ୍କାକୁ ବୃଦ୍ଧି କରାଯାଇଥିଲା । ଇତିମଧ୍ୟରେ ରାଜ୍ୟ ସରକାରଙ୍କ ନିୟମିତ କର୍ମଚାରୀମାନଙ୍କ ପାଇଁ ୨ ପ୍ରତିଶତ ଅତିରିକ୍ତ ମହଙ୍ଗା ଭତ୍ତା ୨୦୨୬ ଜାନୁଆରୀ ପହିଲାରୁ ବୃଦ୍ଧି କରିଛନ୍ତି । ଏସବୁକୁ ଦୃଷ୍ଟିରେ ରଖି ଗୃହରକ୍ଷୀମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି ।

## ୧୫ ବରିଷ୍ଠ ଆଇପିଏସ୍ ଅଫିସରଙ୍କୁ ୧୭ ଜିଲ୍ଲାର ସ୍ୱତନ୍ତ୍ର ନିରୀକ୍ଷଣ ଓ ତଦାରଖ ଦାୟିତ୍ୱ

ଭୁବନେଶ୍ୱର, ୧୦।୬(ମହାଭାରତ) : ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ଚରମ ସୀମାରେ ପହଞ୍ଚିବା ଏବଂ ପୁଲିସର କାର୍ଯ୍ୟଦକ୍ଷତା ଉପରେ ଚାରିଆଡୁ ସମାଲୋଚନା ହେବା ପରେ ଶେଷରେ ରାଜ୍ୟ ପୁଲିସ ମୁଖ୍ୟାଳୟର ଚେତା ପଶିଛି । ବିଗତ କିଛି ମାସ ଧରି ହାଜତ ମୃତ୍ୟୁ, ଭିଡ ହିଂସା ଏବଂ ଅପରାଧୀଙ୍କ ବଢୁଥିବା ଦୌରାତ୍ମ୍ୟକୁ ନେଇ ସରକାରଙ୍କ ଛାଟ ପଡିବା ପରେ ସ୍ଥିତି ସଜାଡିବା ପାଇଁ ଅଣ୍ଟା ଭିଡିଛନ୍ତି ପୁଲିସ ଡିଜି ୱାଇ.ବି. ଖୁରାନିଆ ।’ବାର୍ଷିକ ବ୍ଲକ ନିରୀକ୍ଷଣ କାର୍ଯ୍ୟକ୍ରମ-୨୦୨୬’ ଅଧୀନରେ ଡିଜି ପାହ୍ୟାରୁ ଆରମ୍ଭ କରି ଆଇଜି ପାହ୍ୟା ପର୍ଯ୍ୟନ୍ତ ୧୫ ଜଣ ବରିଷ୍ଠ ଆଇପିଏସ୍ ଅଫିସରଙ୍କୁ ୧୭ଟି ଜିଲ୍ଲାର ସ୍ୱତନ୍ତ୍ର ନିରୀକ୍ଷଣ ଓ ତଦାରଖ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଆସନ୍ତା ଜୁଲାଇ ମାସରୁ ଏହି ଅଧିକାରୀମାନେ ସମ୍ପୃକ୍ତ ଜିଲ୍ଲା ଗସ୍ତ କରି ଆଇନଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ ଏବଂ ଥାନାଗୁଡିକର କାର୍ଯ୍ୟକାରିତାର ସମୀକ୍ଷା କରିବେ।

ସୂଚନା ଅନୁସାରେ, କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ରଙ୍କୁ ବାଲେଶ୍ୱର ଓ ଭଦ୍ରକ ଏବଂ ଏଡିଜି ସଞ୍ଜୀବ ପଣ୍ଡାଙ୍କୁ କୋରାପୁଟ ଓ ରାୟଗଡା ଦାୟିତ୍ୱ ଦିଆଯାଇଛି । ସେହିପରି ଅରୁଣ ବୋଥ୍ରା (ଅନୁଗୁଳ), ସୌମେନ୍ଦ୍ର ପ୍ରିୟଦର୍ଶୀ (ଜଗତସିଂହପୁର) ଏବଂ ସଞ୍ଜୟ କୁମାରଙ୍କୁ ସମ୍ବଲପୁର ଭଳି ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା ଦିଆଯାଇଛି । ଡିଜି ଖୁରାନିଆଙ୍କ କାର୍ଯ୍ୟକାଳ ଆସନ୍ତା ଅଗଷ୍ଟରେ ଶେଷ ହେବାକୁ ଯାଉଛି । ଅବସରର ମାତ୍ର ଦୁଇ ମାସ ପୂର୍ବରୁ ଏହି ସକ୍ରିୟତାକୁ ନେଇ ପୁଲିସ ମହଲରେ ଚର୍ଚ୍ଚା ଜୋର ଧରିଛି । ଏତେ ଦିନ ଧରି ତଦାରଖ ଅଭାବରୁ ବ୍ୟବସ୍ଥା ଦିଶାହୀନ ହୋଇଥିବାବେଳେ, ଏହି ଶେଷ ମୁହୂର୍ତ୍ତର ପ୍ରୟାସ କେବଳ କାଗଜପତ୍ରରେ ସୀମିତ ରହିବ ନା ବାସ୍ତବରେ ଆଇନଶୃଙ୍ଖଳାରେ ସୁଧାର ଆଣିବ, ତାହା ଦେଖିବାକୁ ବାକି ରହିଲା ।

## ବଢ଼ିଲା ସ୍ନାତକ ନାମଲେଖା ଅବଧି

ଭୁବନେଶ୍ୱର, ୧୦।୬: ସ୍ନାତକ ପାଠ୍ୟକ୍ରମରେ ନାମଲେଖା ପାଇଁ ଆବେଦନ ସମୟସୀମା ବୃଦ୍ଧି ପାଇଛି। ଜୁନ୍ ୧୬ ତାରିଖ ଯାଏଁ ସାମ୍ସ ପୋର୍ଟାଲରେ ଆବେଦନ କରିପାରିବେ ଛାତ୍ରୀଛାତ୍ର । ଜୁନ୍? ୨୨ ତାରିଖରେ ପ୍ରକାଶିତ ହେବ ପ୍ରଥମ ମେଧା ତାଲିକା । ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ସ୍ନାତକ ଶ୍ରେଣୀରେ ନାମଲେଖା ପ୍ରକ୍ରିୟା ଜାତୀୟ ଶିକ୍ଷା ନୀତି-୨୦୨୦ ଆଧାରରେ କରାଯିବ। , ଛାତ୍ରୀଛାତ୍ରମାନେ ସାମ୍ସ ପୋର୍ଟାଲରେ କମନ ଆପ୍ଲିକେସନ ଫର୍ମ ପୂରଣ କରିବା ସମୟରେ ନିଜ ପସନ୍ଦ ଅନୁଯାୟୀ ମୁଖ୍ୟ ବିଷୟ, ଉପ ବିଷୟ (ମେଜର, ମାଇନର ସବଜେକ୍ଟ) ଚୟନ କରିପାରିବେ।

# ଟିଏମସିର ବିଦ୍ରୋହୀ କ୍ୟାମ୍ପରେ ୧୯ ସାଂସଦ

ନୂଆଦିଲ୍ଲୀ୧୦।୬(ମହାଭାରତ) : ଟିଏମସିରେ ଆରମ୍ଭ ହୋଇଥିବା ବିଭାଜନ ଏବେ ବିସ୍ଫୋରକ ରୂପ ନେଇଛି। ଦଳର ୨୦ ଜଣ ସାଂସଦ ବିଦ୍ରୋହ ଘୋଷଣା କରିଥିବା କୁହାଯାଉଥିଲେ ହେଁ ଏବେ ଗୋଟିଏ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। ବାସ୍ତବରେ ୨୦ ନୁହେଁ, ବରଂ ୧୯ ଜଣ ସାଂସଦ ଏଯାଏ ମମତା ବାନାର୍ଜୀଙ୍କ ଠାରୁ ଅଲଗା ହୋଇ ସ୍ୱତନ୍ତ୍ର ସାମ୍ମୁଖ୍ୟ ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି।



ସେମାନେ ସମସ୍ତେ ଲୋକସଭା ସାଂସଦ କାକୋଳି ଘୋଷ ଦସ୍ତିଦାରଙ୍କ ନେତୃତ୍ୱରେ ଏକାଠି ହୋଇଛନ୍ତି। କାକୋଳି ମଧ୍ୟ ସୋମବାର ଲୋକସଭା ଅଧ୍ୟକ୍ଷଙ୍କୁ ଚିଠି ଲେଖି ଟିଏମସିର ୧୯ ଜଣ ସାଂସଦ ସଂସଦରେ ଏନଡିଏକୁ ସମର୍ଥନ କରିବାକୁ ଇଚ୍ଛୁକ ଥିବା ଜଣାଇଛନ୍ତି। ଏହି ପ୍ରସ୍ତାବରେ ଦସ୍ତଖତ କରିଥିବା ସାଂସଦଙ୍କ ଟିଏମସିର ୟୁସୁଫ ପଠାନ, ରଚନା ବାନାର୍ଜୀ, ସାୟୋନୀ ଘୋଷ ଓ ଶତ୍ରୁଘ୍ନ ସିହ୍ନାଙ୍କ ଭଳି ପ୍ରମୁଖ ତଥା ଚର୍ଚ୍ଚିତ ଚେହେରା ରହିଛନ୍ତି। ବିଦ୍ରୋହୀ କ୍ୟାମ୍ପକୁ ସମର୍ଥନ କରିଥିବା ସାଂସଦଙ୍କ ତାଲିକା ମଧ୍ୟ ସାମ୍ନାକୁ ଆସିଛି।

ତାଲିକାର ୧ ନମ୍ବର ସ୍ଥାନରେ ଆସନସୋଲ ସାଂସଦ ଶତ୍ରୁଘ୍ନ ସିହ୍ନାଙ୍କ ନାଁ ରହିଛି। ଦ୍ୱିତୀୟ କାକୋଳି ଘୋଷଙ୍କ ନାଁ ଅଛି। ସେ ବରସାତ ଆସନରୁ ଜିତିଥିଲେ। ଏହାପରେ କୋଚ ବେହାର ସାଂସଦ ଜଗଦୀଶ ଚନ୍ଦ୍ର ବାସୁନିଆ, ଜାଙ୍ଗିପୁର ସାଂସଦ ଖାଲି ଉର ରେହମନ, ବେହରମପୁର ସାଂସଦ ୟୁସୁଫ ପଠାନ, ମୁର୍ଶିଦାବାଦ ସାଂସଦ ଅବୁ ତାହିର ଖାନ, ବାରକପୁର ସାଂସଦ ପାର୍ଥ ଭୌମିକ, ମଥୁରାପୁର ସାଂସଦ ବାପି ହାଲଦାର, ଯାଦବପୁର ସାଂସଦ ସାୟୋନୀ ଘୋଷ, କୋଲକାତା ଦକ୍ଷିଣ ସାଂସଦ ମାଲା ରୟ, ଅମରାବାଗ ସାଂସଦ ମିତାଲି ବାଗ, ଘଟାଲ ସାଂସଦ ଦୀପକ ଅଧିକାରୀ, ଝଲଗ୍ରାମ ସାଂସଦ କାଳିପଦ ସୋରେନ, ମେଦିନପୁର ସାଂସଦ ଜୁନ ମାଲିଆ, ବାଙ୍କୁରା ସାଂସଦ ଅରୂପ ଚକ୍ରବର୍ତ୍ତୀ, ବର୍ଦ୍ଧମାନ ଇଷ୍ଟ ସାଂସଦ ଶର୍ମିଲା ସରକାର, ବୋଲପୁର ସାଂସଦ ଅସିତ କୁମାର ମଲ, ବୀରଭୂମି ସାଂସଦ ଶତାବ୍ଦୀ ରୟ ଓ ହୁଗଲୀ ସାଂସଦ ରଚନା ବାନାର୍ଜୀଙ୍କ ନାଁ ରହିଛି।

ବିଦ୍ରୋହୀ ଗୋଷ୍ଠୀ କାକୋଳି ଘୋଷଙ୍କୁ ଟିଏମସି ସଂସଦୀୟ ଦଳର ମୁଖ୍ୟ ସଚେତକ ଭାବେ ନିଯୁକ୍ତ କରିଛନ୍ତି। କିନ୍ତୁ ଏହାକୁ ମମତା ଗ୍ରହଣ କରି ନାହାନ୍ତି। କାକୋଳି ନୁହନ୍ତି, ବରଂ କଲ୍ୟାଣ ବାନାର୍ଜୀ ହିଁ ଟିଏମସିର ମୁଖ୍ୟ ସଚେତକ ବୋଲି ଲୋକସଭା ବାଚସ୍ପତି ଓମ ବିର୍ଲାଙ୍କୁ ଟିଏମସି ଅବଗତ କରାଯାଇଛି।

ଲୋକସଭାରେ ଟିଏମସିର ୨୮ ଜଣ ସାଂସଦ ରହିଛନ୍ତି। ଜଣ ପ୍ରକୃତରେ ୨୯ଟି ଲୋକସଭା ଆସନ ଜିତିଥିଲା। କିନ୍ତୁ ବଶିରହାଟ ସାଂସଦ ହାଜି ନୁରୁଲ ଇସଲାମଙ୍କ ଦେହାନ୍ତ ଯୋଗୁ ଗୋଟିଏ ଆସନ ଖାଲି ପଡିଛି।

ଦଳ ବଦଳ ନିରୋଧ ଆଇନକୁ ବାଇପାସ କରିବାକୁ ୧୯ ଜଣ ସାଂସଦଙ୍କୁ ଏକାଠି ହେବାକୁ ପଡିବ। ଏବେ ବିଦ୍ରୋହୀ ଗୋଷ୍ଠୀ ପାଖରେ ସମାନ ୧୯ ଜଣ ସାଂସଦ ରହିଛନ୍ତି। ଏହାର ଅର୍ଥ ମମତାଙ୍କ ସପକ୍ଷରେ କେବଳ ୯ ଜଣ ସାଂସଦ ଅଛନ୍ତି।

### ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ମୃତ୍ୟୁ ମାମଲା

## ଆଗୁଆ ଜାମିନ୍ ଆବେଦନ କଲେ ଓଏଏସ୍ ପ୍ରେମିକ

ଭୁବନେଶ୍ୱର ୧୦।୬(ମହାଭାରତ): କାଠଯୋଡି ନଦୀରୁ ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ଭଞ୍ଜବାଳା ହେମ୍ବ୍ରମ୍ଙ୍କ ମୃତଦେହ ମିଳିବା ଘଟଣା। ହାଇକୋର୍ଟରେ ଚନ୍ଦ୍ରିକାରଙ୍କ ପୁରୁଷ ବନ୍ଧୁ ଭୀମସେନ ଟୁଡୁ। ଆଗୁଆ ଜାମିନ୍ ଆବେଦନ କଲେ ଭୀମସେନ୍ ଟୁଡୁ। ଗତ ୪ ତାରିଖରେ ଚନ୍ଦ୍ରିକାଙ୍କ ମୃତ୍ୟୁ ପରେ ଫେରାର ଥିଲେ ଓଏଏସ ପ୍ରେମିକ।

ସୂଚନା ଯୋଗ୍ୟ ଯେ, ଚନ୍ଦ୍ରିକାଙ୍କ ମା’ ହୀରାମଣି ହାଂସଦାଙ୍କ ଏତଲା ପରେ ବାରଙ୍ଗ ଥାନା ପୁଲିସ ବିଏନ୍ଏସ୍ ଧାରା ୧୦୮ରେ ମାମଲା ରୁଜୁ କରିଛି । ଏହା ଜାମିନ ବିହୀନ ଧର୍ତ୍ତବ୍ୟ ଅପରାଧ ଶ୍ରେଣୀର ଓ ଏଥିରେ ୧୦ ବର୍ଷ ପର୍ଯ୍ୟନ୍ତ ଦଣ୍ଡାଦେଶ ଓ ଜରିମାନାର ବ୍ୟବସ୍ଥା ରହିଛି । ବିନା ୱାରେଣ୍ଟରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିପାରେ ବୋଲି ଗଣମାଧ୍ୟମରେ ସୂଚନା ପାଇଥିଲେ ପୁରୁଷ ବନ୍ଧୁ। ଗିରଫ ଭୟ ଓଏଏସ୍ ପ୍ରେମିକ ହାଇକୋର୍ଟରେ ଜାମିନ୍ ଆବେଦନ କରିଛନ୍ତି। ତେରେ ସେ ହାଇକୋର୍ଟରେ ଆଗୁଆ ଜାମିନ୍ ଆବେଦନ କରୁଥିବା ସୂଚନା ମିଳିଛି। ଗତ ୪ତାରିଖ ସକାଳେ ନେତାଜୀ ସୁଭାଷ ସେତୁ ତଳୁ ବାରଙ୍ଗ ଥାନା ପୁଲିସ ଚନ୍ଦ୍ରିକାଙ୍କ ମୃତଦେହ ଜବତ କରିଥିଲା । ଚନ୍ଦ୍ରିକାଙ୍କ ଘର ମୟୂରଭଞ୍ଜ ଓ ସେ ବାଲେଶ୍ୱର ମେଡିକାଲ୍ କଲେଜରେ ଏମ୍ବିବିଏସ୍ ପଢୁଥିଲେ। ମୃତଦେହ ମିଳିବା ପରେ ପରିବାର ଏହି ମୃତ୍ୟୁ ପାଇଁ ଚନ୍ଦ୍ରିକାଙ୍କ ପ୍ରେମିକ ଓ ପ୍ରେମିକଙ୍କ ଝିଅ ସାଙ୍ଗକୁ ଦାୟୀ କରି ବାରଙ୍ଗ ଥାନାରେ ଏତଲା ଦେଇଥିଲେ ।

## ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର୧୦।୬:: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ସବୁଠୁ ଦୀର୍ଘ ସମୟ ଧରି ଲଗାତାର ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ନୂଆ କୀର୍ତ୍ତିମାନ ସ୍ଥାପନ କରିଥିବା ବେଳେ ତାଙ୍କୁ ଭରପୂର ପ୍ରଶଂସା କରିଛନ୍ତି ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବୁଧବାର ସୋସିଆଲ ମିଡିଆ ପ୍ଲାଟଫର୍ମ ‘ଏକ୍ସ’ରେ ଏକ ଭାବପୂର୍ଣ୍ଣ ବାର୍ତ୍ତା ପୋଷ୍ଟ କରି ସେ ପ୍ରଧାନମନ୍ତ୍ରୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମୋଦିଙ୍କୁ “କୋଟି କୋଟି ଭାରତୀୟଙ୍କ ବିଶ୍ୱାସ, ଗର୍ବ ଓ ଉତ୍ଥାନର ମହାନ ସାରଥୀ” ବୋଲି ବର୍ଣ୍ଣନା କରିବା ସହ “ଆଧୁନିକ ଭାରତର ଅନନ୍ୟ ବିଶ୍ୱକର୍ମା” ବୋଲି ସମ୍ବୋଧନ କରିଛନ୍ତି।

# ପରାଜିତ ନେତାଙ୍କ ସମସ୍ୟା ଶୁଣିଲେ ନବୀନ

ଭୁବନେଶ୍ୱର, ୧୦।୬(ମହାଭାରତ): ୨୦୨୪ ସାଧାରଣ ନିର୍ବାଚନରେ ବିଜେଡିର ଶୋଚନୀୟ ପରାଜୟ ପରେ ପ୍ରଥମଥର ପାଇଁ ପରାଜିତ ନେତାଙ୍କୁ ଏକାଠି ଡାକି ଭେଟିଛନ୍ତି ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ। ଆଉ ସିଧାସଳଖ ସେମାନଙ୍କର ଆପତ୍ତି ଅଭିଯୋଗ ଶୁଣିବା ସହ ନିଜେ ଜିଲ୍ଲାୱାରି ସମୀକ୍ଷା କରିବେ ଓ ପାଗ ଭଲ ହେବାପରେ ଜିଲ୍ଲାୱାରି ଗସ୍ତ କରିବେ ବୋଲି ଆଶ୍ୱସ୍ତ କରାଇଥିବା ଜଣାପଡିଛି। ଦୀର୍ଘ ପ୍ରାୟ ୨ବର୍ଷ ପରେ ନେତାମାନଙ୍କ ସହ ନବୀନଙ୍କ ଦୁଇଘଣ୍ଟା ଧରି ସିଧାସଳଖ ଭାବ ବିନିମୟ ପରେ ବିଜେଡିରେ ଭିକେ ପାଣ୍ଡିଆନଙ୍କ ପତ୍ନୀ ସୁଜାତାଙ୍କ ଏଂଟ୍ରିକୁ ନେଇ ଚାଲିଥିବା ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପଡିଛି। ଏପରିକି ଦଳର ଜଣେ ମଧ୍ୟ ନେତା ଆଜି ନବୀନଙ୍କ ସମ୍ମୁଖରେ ପାଣ୍ଡିଆନ ଓ ତାଙ୍କ ପତ୍ନୀଙ୍କ ସପକ୍ଷରେ କିମ୍ବା ଦଳରେ ନମ୍ବର-ଟୁ ନେତାଙ୍କର ଆବଶ୍ୟକତା ରହିଥିବା ନେଇ ମଧ୍ୟ ମୁହଁ ଖୋଲିନଥିଲେ ବୋଲି ଜଣାପଡିଛି।

କଂଗ୍ରେସରୁ ଆମଦାନୀ ବିଜେଡି ମୁଖପାତ୍ର ମନ୍ମଥ ରାଉତରାୟ ଓ ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ ବିଗତ ଦୁଇଦିନ ଧରି ସୁଜାତାଙ୍କ ସପକ୍ଷରେ ଗଣମାଧ୍ୟମରେ ବୟାନବାଜି କରି ଦଳରେ ଅସ୍ଥିରତା ସୃଷ୍ଟି କରିଥିବାବେଳେ ଆଜି ନବୀନ ସିଧାସଳଖ ନେତାମାନଙ୍କୁ ଭେଟିବା ଓ ନିଜେ ସଂଗଠନ ସମ୍ଭାଳିବା କଥା କହିବା ପରେ ସୁଜାତାଙ୍କ ଦଳରେ ସାମିଲ ହେବା ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି।

ବିଜେଡି ସୂତ୍ର ଅନୁସାରେ, ଆଜି ଶଙ୍ଖଭବନରେ ସନ୍ଧ୍ୟା ୫ଟା ୧୫ରୁ ପ୍ରାୟ ୭ଟା ପର୍ଯ୍ୟନ୍ତ ପରାଜିତ ବିଧାୟକ ପ୍ରାର୍ଥୀମାନଙ୍କ ସହ ନବୀନ ସିଧାସଳଖ ଆଲୋଚନା କରିଥିଲେ। ୩୦ରୁ ୩୫ଜଣ ପରାଜିତ ନେତା ନିଜ ନିଜର ସମସ୍ୟା ଓ ଆପତ୍ତି ସମ୍ପର୍କରେ ସିଧାସଳଖ ନବୀନଙ୍କୁ ଅବଗତ କରିବା ସହ ନବୀନ ମଧ୍ୟ ସମସ୍ତ କଥାକୁ ଶୁଣି ସେମାନଙ୍କୁ ଆବଶ୍ୟକ ପରାମର୍ଶ ଦେଇଥିବା ଜଣାପଡିଛି। ଆଉ କିଛି ନେତା ଲିଖିତ ଭାବେ ମଧ୍ୟ ନବୀନଙ୍କୁ ସେମାନଙ୍କର ସମସ୍ୟା ସମ୍ପର୍କରେ ଅବଗତ କରାଇଥିବା ସୂଚନା ମିଳିଛି। ସେମାନଙ୍କୁ ଆଗାମୀ ଦିନରେ ନବୀନ ନିବାସ ଡାକି



ଆଲୋଚନା କରାଯିବ ବୋଲି ନବୀନ କହିଥିବା ଜଣାପଡିଛି।

ଆଜିର ବୈଠକ ଆରମ୍ଭ ହେବା ପୂର୍ବରୁ ଏସଆଇଆରକୁ ନେଇ ସମସ୍ତ ପରାଜିତ ବିଧାୟକ ପ୍ରାର୍ଥୀମାନଙ୍କୁ ସଚେତନ କରାଯାଇଥିଲା। ଏହାପରେ ବିଜେଡି ସରକାର ସମୟର ବଡ ସଫଳତା ଓ ବିଗତ ୨୪ ମାସର ବିଜେପି ସରକାରର ବିଫଳତା ସମ୍ପର୍କରେ ପରାଜିତ ନେତାମାନଙ୍କୁ ଭିଡିଓ ମାଧ୍ୟମରେ ସୂଚନା ଦିଆଯାଇଥିଲା। ବିଜେଡି ସମୟର ବିଭିନ୍ନ ଲୋକାଭିମୁଖୀ ଯୋଜନା ବାବଦରେ ଲୋକଙ୍କ ପାଖକୁ ଯାଇ ସେମାନଙ୍କୁ ବୁଝାଇବା ପାଇଁ ନବୀନ ପରାମର୍ଶ ଦେଇଥିବା ସୂଚନା ମିଳିଛି। ନେତାମାନେ ନିଜ ନିଜର ଆପତ୍ତି ଓ ସମସ୍ୟା ସମ୍ପର୍କରେ ନବୀନଙ୍କ ସହ ସିଧାସଳଖ ବାର୍ତ୍ତାଳାପ କରିଥିଲେ। ନବୀନ ପ୍ରତ୍ୟେକଙ୍କ କଥା ଶୁଣି ତା’ର ସମାଧାନ ଦେଇଥିଲେ। ବିଭିନ୍ନ ଜିଲ୍ଲାର ନେତାମାନେ ନିଜର ଆର୍ଥିକ ସମସ୍ୟା ଓ କ୍ଷେତ୍ର ସ୍ତରର ଅସୁବିଧା ବିଷୟରେ ଖୋଲାଖୋଲି ଭାବେ ନବୀନଙ୍କ ସାମ୍ନାରେ ରଖିଥିଲେ।

ଗୁଣୁପୁରର ବିଧାୟକ ପ୍ରାର୍ଥୀ ରଘୁନାଥ ଗମାଙ୍ଗ ଓ ମାଲକାନଗିରିର ମାନସ ମାଡକାମୀଙ୍କ ଭଳି ନେତାମାନେ ସଂଗଠନ ଚଲାଇବା ପାଇଁ ପାଣ୍ଠିର ଆବଶ୍ୟକତା ରହିଛି ବୋଲି କହିଥିଲେ। ସେମାନଙ୍କ ପାଖରେ ଅର୍ଥ ଅଭାବ ଥିବାରୁ ଦଳ ତରଫରୁ ପାଣ୍ଠି ଯୋଗାଇ ଦେବାକୁ ଅନୁରୋଧ କରିଥିଲେ ଓ ନବୀନ ମଧ୍ୟ ସେଥିରେ ନିଜର ସମ୍ମତି ଜଣାଇଥିଲେ।

ସେହିପରି ଧର୍ମଶାଳା ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ଓ ଦିଗପହଣ୍ଡିର ବିପ୍ଳବ ପାତ୍ର ଦଳର ସୋସିଆଲ ମିଡିଆକୁ ଅଧିକ ଆକ୍ଟିଭ କରିବା ସହ ବିରୋଧୀଙ୍କୁ କଡା କାଉଣ୍ଟର କରିବା ନେଇ ପ୍ରସ୍ତାବ ଦେଇଥିଲେ। ଧର୍ମଶାଳାରେ ବିଜେପି କର୍ମୀମାନେ ବ୍ୟାପକ ଗୁଣ୍ଡାଗିରି କରୁଥିବା ନେଇ ମଧ୍ୟ ଅବଗତ କରାଇଥିଲେ। ବରିଷ୍ଠ ନେତ୍ରୀ ଟୁକୁନି ସାହୁ ନିଜ ଅଂଚଳରେ ବିଜେପିର ଗୁଣ୍ଡାଗିରି ସମ୍ପର୍କରେ ନବୀନଙ୍କୁ ସୂଚିତ କରିଥିଲେ। ରାଜ୍ୟର ୧୦୦ରୁ ଅଧିକ ନିର୍ବାଚନମଣ୍ଡଳୀରେ ମହିଳା ସମାବେଶ ସଫଳତାର ସହ ଶେଷ ହୋଇସାରିଥିବା ନେଇ ବିଜେଡି ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ବୈଠକରେ ସୂଚନା ଦେଇଥିଲେ।

ସେହିପରି ଜୟପୁର, ରେମୁଣା ଓ ମାଲକାନଗିରିର ପରାଜିତ ବିଜେଡି ପ୍ରାର୍ଥୀମାନେ ନବୀନଙ୍କ ସମ୍ମୁଖରେ ଦଳର ନେତାମାନଙ୍କ ଯୋଗୁ ସେମାନେ ହାରିଥିବା ନେଇ ଅଭିଯୋଗ କରିଥିଲେ । କୌଣସି ବାହ୍ୟ କାରଣ ପାଇଁ ନୁହେଁ ବରଂ ନିଜ ଦଳର ଭିତର ନେତାମାନଙ୍କ ବିଶ୍ୱାସଘାତକତା ଓ ଅନ୍ତର୍ଘାତୀ କାର୍ଯ୍ୟକଳାପ ଯୋଗୁ ହିଁ ସେମାନେ ଏହି ନିର୍ବାଚନରେ ହାରିଥିବା କହିଥିଲେ। ଏହି ନେତାମାନଙ୍କ ବ୍ୟତୀତ ଉମା ସାମନ୍ତରାୟ, ରାଜେନ୍ଦ୍ର ସାହୁ, ପ୍ରଶାନ୍ତ ମୁଦୁଲି, ସ୍ୱରୂପ ଦାସ, ମୁକେଶ ପାଲ, ରମେଶ ମାଝୀ, ସାନନ୍ଦ ମାର୍ଣ୍ଡି, ଦେବେଶ ଆଚାର୍ଯ୍ୟ, ରୁଦ୍ର ମହାରଥୀ ଓ ଅଶୋକ ପଣ୍ଡା ପ୍ରମୁଖ ବିଭିନ୍ନ ସାଂଗଠନିକ ସମସ୍ୟା ସମ୍ପର୍କରେ ନବୀନଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ଅବଗତ କରାଇଥିଲେ।

ତେବେ ଦୀର୍ଘ ୨ବର୍ଷ ପରେ ପ୍ରଥମଥର ପାଇଁ ପରାଜିତ ନେତାମାନଙ୍କର ଏହି ସମୀକ୍ଷା ବୈଠକରେ କୌଣସି ଜଣେ ମଧ୍ୟ ନେତା ରାଜ୍ୟସ୍ତରରେ ସାଂଗଠନିକ ନେତୃତ୍ୱ ସଙ୍କଟକୁ ନେଇ ପ୍ରଶ୍ନ ଉଠାଇ ନଥିଲେ ।ଦଳରେ ‘ନମ୍ବର-ଟୁ’ର ଆବଶ୍ୟକତା ଥିବା ,ଏପରିକି ପାଣ୍ଡିଆନ କିମ୍ବା ତାଙ୍କ ପତ୍ନୀ ସୁଜାତାଙ୍କର ବିଜେଡିରେ ଆବଶ୍ୟକତା ଥିବା ନେଇ ମଧ୍ୟ ପଦୁଟିଏ କହିନଥିଲେ। ଯାହାକି ବିଜେଡିର ଚାଟୁକାର ଗୋଷ୍ଠୀ ଦ୍ୱାରା ସୁଜାତା ଓ ପାଣ୍ଡିଆନ ସପକ୍ଷରେ ଚାଲିଥିବା ପ୍ରଚାରର ପ୍ରଚ୍ଛଦପଟ୍ଟର ନଗ୍ନ ଚିତ୍ରକୁ ପଦାରେ ପକାଇ ଦେଇଛି। ଦଳର ସଂଗଠନ କଥା ବୁଝିବାକୁ ସେ ନିଜେ ସକ୍ଷମ ବୋଲି ଆଜିର ବୈଠକ ମାଧ୍ୟମରେ ନେତାମାନଙ୍କୁ ସନ୍ଦେଶ ଦେବାକୁ ପଛାଇ ନଥିବା ଚର୍ଚ୍ଚା ହେଉଛି।

### ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ମୟୂରଭଞ୍ଜ ଗସ୍ତ

## କାର୍ଯ୍ୟକ୍ରମସ୍ଥଳକୁ ‘ନୋ ଡ୍ରୋନ୍ ଜୋନ୍’ ଓ ‘ନୋ ଫ୍ଲାଇଙ୍ଗ ଜୋନ’ ଘୋଷଣା

ରାଇରଙ୍ଗପୁର, ୧୦।୬(ମହାଭାରତ) ଆସନ୍ତା ଜୁନ୍ ୧୯ ଓ ୨୦ ତାରିଖରେ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ମୟୂରଭଞ୍ଜଜିଲ୍ଲା ରାଇରଙ୍ଗପୁର ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ଏଥିପାଇଁ ସୁରକ୍ଷା ଦୃଷ୍ଟିରୁ ସମସ୍ତ କାର୍ଯ୍ୟକ୍ରମ ସ୍ଥଳ ଓ ଫଙ୍କସନ୍ ସାଇଟ୍‌କୁ ନୋ ଡ୍ରୋନ୍ ଜୋନ୍ ବା ନୋ ଫ୍ଲାଇଙ୍ଗ୍ ଜୋନ୍’ ଘୋଷଣା କରାଯାଇଛି । ମୟୂରଭଞ୍ଜ ଜିଲ୍ଲାପାଳ ଓ ଜିଲ୍ଲାଦଣ୍ଡାଧୀଶଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ଏକ ପତ୍ରରେ କୁହାଯାଇଛି ଯେ, ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ସୁରକ୍ଷା ବ୍ୟବସ୍ଥା କଠୋର କରାଯିବ। ଏହି ସମୟରେ କୌଣସି ମିଡ଼ିଆ କର୍ମୀ, ଇଭେଣ୍ଟ ମ୍ୟାନେଜମେଣ୍ଟ ଟିମ୍ କିମ୍ବା ଅନ୍ୟ କୌଣସି ବ୍ୟକ୍ତି ଡ୍ରୋନ୍ କ୍ୟାମେରା ବ୍ୟବହାର କରିବା ଉପରେ ସମ୍ପୂର୍ଣ୍ଣ ନିଷେଧ ଜାରି ରହିବ। ମୁଖ୍ୟ ନିର୍ଦ୍ଦେଶନାମା ମଧ୍ୟରେ ସମସ୍ତ କାର୍ଯ୍ୟକ୍ରମ ସ୍ଥଳରେ ଉପଯୁକ୍ତ ଡିସପ୍ଲେ ଓ ସାଇନବୋର୍ଡ ଲଗାଇ ସ୍ପଷ୍ଟ ଭାବେ ନୋ ଡ୍ରୋନ୍ ଜୋନ୍ ଜଣାଇ ଦିଆଯିବ।

ଏହି ନିର୍ଦ୍ଦେଶ ଉଲ୍ଲଙ୍ଘନ କଲେ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଓଡ଼ିଶା ଇଣ୍ଟେଲିଜେନ୍ସ ନିର୍ଦ୍ଦେଶକଙ୍କ ପତ୍ର ଅନୁଯାୟୀ ଏହି ସୂଚନା ସମସ୍ତ ଇଲେକ୍ଟ୍ରୋନିକ୍ ମିଡ଼ିଆ କର୍ମୀଙ୍କ ମଧ୍ୟରେ ପ୍ରଚାର କରାଯିବାକୁ କୁହାଯାଇଛି ଏହାକୁ ଭିଭିଆଇପି ଅର୍ଜେଣ୍ଟ’ ବୋଲି ବିବେଚନା କରାଯାଇଛି। ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର,ଏୟାରଷ୍ଟ୍ରିପ,ପାହାଡପୁର, ବାଦାମପାହାଡ ସମେତ ବିଭିନ୍ନ ସ୍ଥାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ସୁରକ୍ଷା ଦୃଷ୍ଟିରୁ ଏହି ପଦକ୍ଷେପ ନିଆଯାଇଥିବାରୁ ସ୍ଥାନୀୟ ପ୍ରଶାସନ ଓ ପୁଲିସ୍ ବିଭାଗ ଉଚ୍ଚ ସତର୍କତା ଅବଲମ୍ବନ କରୁଛନ୍ତି ।

## ଛତୁ ପରଟା

ଆବଶ୍ୟକୀୟ ସାମଗ୍ରୀ : ଅଟା, ଛତୁ, ଲୁଣ, ମଇଦା, ଜୁଆଣୀ, ଘିଅ, ଗୋଲମରିଚ ଗୁଣ୍ଡ, କଟା ପିଆଜ, କଟା କଞ୍ଚା ଲଙ୍କା, କଟା ଅଦା, ଲଙ୍କା ଗୁଣ୍ଡ, ଚାଟ ମସଲା, ଆମଚୁର ପାଉଡର, କଟା ଧନିଆ ଓ ତେଲ ।

ପ୍ରସ୍ତୁତ ପ୍ରଣାଳୀ: ପ୍ରଥମେ ଏକ ପାତ୍ରରେ ଅଟା, ଲୁଣ, ମଇଦା, ଜୁଆଣୀ ଓ ଘିଅ ନେଇ ଭଲ ଭାବେ ଗୋଳାନ୍ତୁ । ଏହାପରେ ଅଳ୍ପ ଅଳ୍ପ ପାଣି ଢାଳି ଅଟାକୁ ଦଳନ୍ତୁ । ଅଟା ଦଳି ସାରିବା ପରେ ନରମ ହେବା ପାଇଁ ଏହାକୁ ଏକ କପଡାରେ ଗୁଡାଇ କିଛି ସମୟ ରଖି ଦିଅନ୍ତୁ । ଏବେ ତାୱା ଗରମ କରି ତେଲ ପକାନ୍ତୁ । ତେଲ ଗରମ ହେବା ପରେ କଟା ଛତୁକୁ ପକାଇ ଅଳ୍ପ ଲୁଣ ଓ ଗୋଲମରିଚ ଗୁଣ୍ଡ ଦେଇ କିଛି ସମୟ ଭାଜନ୍ତୁ । ପରେ ଏଥିରେ କଟା ପିଆଜ, କଟା କଞ୍ଚା ଲଙ୍କା, କଟା ଅଦା, ଲଙ୍କା ଗୁଣ୍ଡ, ଚାଟ ମସଲା, ଆମଚୁର ପାଉଡର ଓ କଟା ଧନିଆ ପତ୍ର ପକାଇ ଭଲ ଭାବେ ଗୋଳାନ୍ତୁ । ମସଲା ପ୍ରସ୍ତୁତ ହୋଇଯିବା ପରେ ଏହାକୁ କାଢି ଥଣ୍ଡା କରନ୍ତୁ । ଏବେ ଚକଟା ଯାଇଥିବା ଅଟାକୁ ଗୁଳା କରନ୍ତୁ ଓ ଏହାକୁ ଅଳ୍ପ ବେଲି ଏହା ମଝିରେ ଛତୁ ପୁର ଦେଇ ପୁଣି ବନ୍ଦ କରିଦିଅନ୍ତୁ । ଏହାପରେ ଏଗୁଡିକୁ ରୁଟି ପରି ବେଲନ୍ତୁ ଏବଂ ଗରମ ତାୱାରେ ପକାଇ ଭଲ ଭାବେ ସେକନ୍ତୁ । ଦୁଇ ପଟ ଭଲ ଭାବେ ସେକି ହୋଇଗଲେ ତେଲ ପକାଇ ଏପଟ ସେପଟ କରନ୍ତୁ । ପ୍ରସ୍ତୁତ ହୋଇଗଲା ସୁଆଦିଆ 'ଛତୁ ପରଟା' । ଏହାକୁ ଚଟଣୀ, ସସ୍ କିମ୍ବା ଦହି ସହିତ ଗରମ ଗରମ ପରଷନ୍ତୁ ।



ଖବର

## ଆଲଫା ଟିଜର ରିଲିଜ୍, ଆକ୍ସନ ଲୁକରେ ନଜର ଆସିଲେ ଆଲିଆ ଭଟ୍ଟ



ଆକ୍ସନ ଏବଂ ରୋମାଞ୍ଚରେ ଭରପୂର ଫିଲ୍ମ ଆଲଫାର ପ୍ରଥମ ଲୁକ୍ ରିଲିଜ୍ ହୋଇଛି । ଯଶରାଜ ଫିଲ୍ମର ସ୍ପାଇ ୟୁନିଭର୍ସରେ ଆଲଫାର ଏଣ୍ଟ୍ରି ହୋଇସାରିଛି । ବବି ଦେଓଲ, ଆଲିଆ ଭଟ୍ଟ ଏବଂ ଶରଭରୀ ୱାଘଙ୍କ ଅଭିନୀତ ଏହି ଫିଲ୍ମର ଟିଜର ଦମଦାର ହୋଇଛି । ଫିଲ୍ମରେ, ୧୮ ବର୍ଷ ବୟସରେ ଆଲିଆ ଭଟ୍ଟ ଗୁପ୍ତଚର ଭାବରେ ପ୍ରଥମ ଆସାଇନମେଣ୍ଟ କରିବାର ଦେଖିବାକୁ ପାଇବେ ଦର୍ଶକ । ଏଥିସହ ଏହି ଫିଲ୍ମରେ ଆଲିଆ ଏବଂ ବବିଙ୍କୁ ବାପା ଏବଂ ଝିଅ ଭୂମିକାରେ ଦେଖିବାକୁ ମିଳିବ ।ଯାହାକୁ ଦେଖିବାକୁ ଦର୍ଶକଙ୍କ ଭିଡ଼ ଜମିବ ।ଆଲଫା ହେଉଛି ଜଣେ ପିତା (ବବି)ଙ୍କ କାହାଣୀ ଯିଏ ତାଙ୍କ ଝିଅ ଆଲିଆଙ୍କୁ ପିଲାଦିନରୁ ଯୁଦ୍ଧ ପାଇଁ ତାଲିମ ଦେଇ ଆସୁଛନ୍ତି । ତାଙ୍କର ୧୮ତମ ଜନ୍ମଦିନରେ, ସେ ତାଙ୍କର ପ୍ରଥମ ମିଶନ ମିଳିଥିଲା । ଆଲିଆଙ୍କ ଚମତ୍କାର ଅଭିନୟ ଲୋକମାନଙ୍କୁ ଆକର୍ଷିତ କରୁଛି ।ଆଲଫା ହେଉଛି ଏକ ଗୁପ୍ତ କାର୍ଯ୍ୟକ୍ରମ । ଯାହା ଭାରତର ପରବର୍ତ୍ତୀ ପିଢ଼ିର ସୈନିକମାନଙ୍କୁ ପ୍ରସ୍ତୁତ କରାଇବ । ଏହି ସୈନିକମାନେ ସବୁଠାରୁ ଫାଷ୍ଟ ଏବଂ ପାୱାରଫୁଲ୍ ହୋଇପାରିବେ ।କେତେକ ଏହାକୁ ଆଶ୍ଚର୍ଯ୍ୟଜନକ ବୋଲି କହିଛନ୍ତି । ପ୍ରଶଂସକମାନେ ଫିଲ୍ମର ରିଲିଜ୍ ଦେଖିବାକୁ ଉତ୍ସାହିତ ଅଛନ୍ତି।

## ଲାଫିଙ୍ଗ୍ ବୁଦ୍ଧ ଜୀବନରେ ଭରିଦିଏ ସମୃଦ୍ଧି

ହିନ୍ଦୁ ଧର୍ମରେ ଲକ୍ଷ୍ମୀ ଏବଂ କୁବେରଙ୍କୁ ଧନ ଏବଂ ସମୃଦ୍ଧିର ଦେବତା ବୋଲି ଗ୍ରହଣ କରାଯାଇଛି । ସେହିପରି ଲାଫିଙ୍ଗ ବୁଦ୍ଧ ସୁଖ ଓ ସମୃଦ୍ଧି ଆଣିଥାଏ ବୋଲି ଚୀନବାସୀ ମାନିଥାନ୍ତି । ଲାଫିଙ୍ଗ ବୁଦ୍ଧର ଏପରି ମହତ୍ତ୍ୱ ଯୋଗୁଁ ଲୋକେ ନିଜ ଘରେ କିମ୍ବା କାହାକୁ ଉପହାର ସଦୃଶ ଏହାକୁ ଦେଇଥାନ୍ତି । କିନ୍ତୁ କ'ଣ ଆପଣ ଜାଣନ୍ତି କି, ଲାଫିଙ୍ଗ ବୁଦ୍ଧକୁ ଘରେ ରଖିବାର ଅନେକ କିଛି ନିୟମ ରହିଛି । ଯାହା ଆପଣଙ୍କ ଜୀବନରେ ସୁଖ ସମୃଦ୍ଧି ଆଣିଥାଏ । ଆସନ୍ତୁ ଜାଣିବା ଘରର କେଉଁ ଦିଗରେ ଲାଫିଙ୍ଗ ବୁଦ୍ଧ ରଖିଲେ କଣ ଲାଭ ମିଳିଥାଏ ।

କୌଣସି ଘରର ଭାଗ୍ୟ ଏବଂ ସୁଖଶାନ୍ତି ପୂର୍ବଦିଗ ସହିତ ଜଡିତ ଥାଏ । ଯଦି ଆପଣ ନିଜ ଘରର ଲୋକମାନଙ୍କର ମଧ୍ୟରେ ସ୍ନେହ, ପ୍ରେମ ଏବଂ ତାଳମେଳ ବଢାଇବାକୁ ଚାହୁଁଛନ୍ତି, ତେବେ ଲାଫିଙ୍ଗ୍ ବୁଦ୍ଧକୁ ପୂର୍ବ ଦିଗରେ ରଖନ୍ତୁ ।

ଫେଙ୍ଗସୁଇ ଅନୁସାରେ ଲାଫିଙ୍ଗ ବୁଦ୍ଧ ନିଜ ଘରର ଦକ୍ଷିଣ ଦିଗରେ ରଖିବା ଦ୍ୱାରା ସକାରାତ୍ମକ ଉର୍ଜା ବଢିଥାଏ, ଯାହା ଧନ ଏବଂ ସୁଖକୁ ଘରକୁ ଆକର୍ଷିତ କରିଥାଏ । ଚାକିରି ହେଉ ଅବା ବ୍ୟବସାୟ ଆପଣଙ୍କ ଶତ୍ରୁ କିଛି ବି କରିପାରିବେ ନାହିଁ ।

ଲାଫିଙ୍ଗ୍ ବୁଦ୍ଧଙ୍କୁ ଘରେ ହେଉ ଅବା ଅଫିସରେ ନିଜ ଆଖି ସିଧା ରଖିବା ଉଚିତ । ଅର୍ଥାତ୍ ଆପଣ ଏହାକୁ ଦେଖିବା ବେଳେ ସିଧା ମୁହଁ କରି ବା ମୁର୍ତ୍ତି ଯେପରି ଉପରକୁ ନଉଠେ । ଅଧିକା ଉଚ୍ଚା କିମ୍ବା ତଳେ ରଖିବା ଉଚିତ ନୁହେଁ ।

ଗଣେଶଙ୍କ ମୁଣ୍ଡ ଯେପରି ମୁଖ୍ୟ ଦ୍ୱାରା ସାମ୍ନାକୁ ରଖୁଛନ୍ତି, ସେଭଳି ଲାଫିଙ୍ଗ ବୁଦ୍ଧକୁ ମଧ୍ୟ ଘରର ମୁଖ୍ୟ ଦ୍ୱାରକୁ ସାମ୍ନା କରି ରଖନ୍ତୁ । ଏପରି କଲେ ଧନ, ସମୃଦ୍ଧି ବୃଦ୍ଧି ହେବ ।



## ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ କରିଥାଏ ଅଳସୀ

ଆଜିକାଲିର ବ୍ୟସ୍ତବହୁଳ ଜୀବନରେ ପ୍ରାୟତଃ ସମସ୍ତଙ୍କର ଉଚ୍ଚ ରକ୍ତଚାପ ସମସ୍ୟା ଦେଖିବାକୁ ମିଳିଥାଏ । ଏପରି ସମସ୍ୟା ହେଲେ ଧମନୀରେ ରକ୍ତର ଚାପ ବଢିଯାଏ । ଯଦି ଆପଣ ଏହି ସମସ୍ୟାର ଚିକିତ୍ସା ନକରାନ୍ତି, ତେବେ ହାର୍ଟ ଆଟାକ, ଷ୍ଟ୍ରୋକ ଏବଂ କିଡନୀ ଫେଲ ହେବାର ଆଶଙ୍କର ରହିଥାଏ । ଯଦି ଆପଣଙ୍କ ରକ୍ତଚାପ ଲଗାତାର ଭାବେ ୧୨୦/୮୦ରୁ ଅଧିକ ରହିଥାଏ, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ଉଚ୍ଚ ରକ୍ତଚାପକୁ କମ୍ କରିବାକୁ ହେଲେ ଆପଣ ଅନେକ କଥାକୁ ଧ୍ୟାନ ଦେବାକୁ ହେବ ।

ଯଦି ଆପଣ ଜଙ୍କ ଫୁଡ୍, ମଦ୍ୟପାନ, ସ୍ମୋକିଂ କରୁଛନ୍ତି, ତେବେ ତୁରନ୍ତ ଏହି ଜିନିଷରୁ ଦୂରେଇ ରୁହନ୍ତୁ । କିନ୍ତୁ ଏହାକୁ ନିୟନ୍ତ୍ରଣ କରିବାକୁ ହେଲେ ଅଳସୀ ଅର୍ଥାତ ଖାଇବା ଆରମ୍ଭ କରନ୍ତୁ । ଏହା ସ୍ୱାସ୍ଥ୍ୟ ପାଇଁ ବେଶ ଫାଇଦାଯୁକ୍ତ । ଏହା ଅନେକ ରୋଗ ପାଇଁ ରାମବାଣ ହୋଇଥାଏ ।

ଏହାକୁ ଖାଇବା ସମୟରେ ଚୋବାଇ ଖାଇବା ଉଚିତ୍ । ଅନେକ ଲୋକ ଏହାକୁ ଭିଜାଇ ଖାଇବାକୁ ପସନ୍ଦ କରିଥାଏ । ଆପଣ ଯଦି ଚାହିଁବେ ଏହାକୁ ଗୁଣ୍ଡ କରି ପାଉଡର କରି ଖାଇପାରିବେ । ଏହା ବ୍ଲଡପ୍ରେସରକୁ କଣ୍ଟ୍ରୋଲ କରି ହାର୍ଟକୁ ସୁସ୍ଥ ରଖିଥାଏ । ଛଅମାସ ପର୍ଯ୍ୟନ୍ତ ପ୍ରତିଦିନ ଅଳସୀ ଖାଇବା ଉଚିତ୍ । ଫଳରେ ହାର୍ଟଆଟାକ ହେବାର ୧୦ ପ୍ରତିଶତ ଆଶଙ୍କା କମ୍ ହୋଇଯାଇଥାଏ ।

ଅଳସୀ ପୋଟାସିୟମ, ଓମେଗା ୩,ଫାଇବର ଭରପୂର ମାତ୍ରାରେ ରହିଥାଏ । ପୋଟାସିୟମ ୟୁରିନରେ ଥିବା ଅତିରିକ୍ତ ସୋଡିୟମକୁ ବାହାର କରିବାରେ କିଡନୀର ସାହାଯ୍ୟ କରିଥାଏ । ୧୦୦ ଗ୍ରାମ ଅଳସୀରେ ୮୧୩ ମିଲିଗ୍ରାମ ପୋଟାସିୟମ ରହିଥାଏ । ରକ୍ତ ଧମନୀ କୋଷିକାକୁ ମଜବୁତ କରିଥାଏ ଫାଇବର । ଯାହା ରକ୍ତଚାପକୁ ନିୟନ୍ତ୍ରଣରେ ରଖିଥାଏ । ଏଥିରେ ଥିବା ଆଲଫା ଲିନୋଲେନିକା ଏସିଡ ଏବଂ ଲିଗନାନ ଉଚ୍ଚ ରକ୍ତଚାପକୁ କଣ୍ଟ୍ରୋଲରେ ରଖିଥାଏ । ଯାହା। ପାଚନ ତନ୍ତ୍ର ଏବଂ ଡାଇବେଟିକ ଜନିତ ରୋଗ ଆଶଙ୍କା କମ୍ କରିଥାଏ ।



## ଦେବଗିରି ପାହାଡ଼ରେ ପୂଜା ପାଉଛନ୍ତି ବାବା ନୀଳକଣ୍ଠେଶ୍ୱର



ରାୟଗଡା ଜିଲ୍ଲା କଲ୍ୟାଣସିଂପୁର ଉପକଣ୍ଠରେ ରହିଛି ପ୍ରସିଦ୍ଧ ଶୈବପୀଠ ନୀଳକଣ୍ଠେଶ୍ୱର । ଦେବଗିରି ପାହାଡ଼ରେ ବିଦ୍ୟମାନ ଏହି ପ୍ରାଚୀନ ଶୈବପୀଠ ସମ୍ପର୍କରେ ଅନେକ ଲୋକକଥା ରହିଛି । ମହାଭାରତ ଯୁଦ୍ଧ ଚାଲିଥିବା ବେଳେ ବଳରାମ ଏହି ଅଞ୍ଚଳର ଦେଇ ଗସ୍ତ କରିଥିଲେ । ସାଙ୍ଗରେ ଥିବା ସୈନ୍ୟସାମନ୍ତଙ୍କୁ ପାଣି ଦେବାପାଇଁ ନିଜ ଲଙ୍ଗଳ ମୁନରେ ଲାଙ୍ଗୁଳି ନଦୀ ସୃଷ୍ଟି କରିଥିଲେ । ଏବେ ଏହା ନାଗାବଳି ନାମରେ ପରିଚିତ ।ସେତେବେଳେ ସେ ଦେବଗିରି ପାହଡ ଉପରେ ସ୍ଫଟିକରେ ନିର୍ମିତ ୫ଟି ଶିବଲିଙ୍ଗ ପ୍ରତିଷ୍ଠା କରିଥିଲେ ।ଇତିହାସରୁ ଜଣାଯାଏ, ଗଙ୍ଗବଂଶ ରାଜୁତ୍ୱ କାଳରୁ ଦେବଗିରି ପାହାଡ଼ରେ ନୀଳକଣ୍ଠେଶ୍ୱର ପୂଜା ପାଇ ଆସୁଛନ୍ତି । ସମୁଦ୍ର ପତନ ଠାରୁ ୩୯୪ ଫୁଟ ବା ୧୨୦ମିଟର ଉଚ୍ଚରେ ପଥର ଗୁମ୍ଫାରେ ପୂଜା ପାଉଛନ୍ତି ନୀଳକଣ୍ଠେଶ୍ୱର ମହାଦେବ । ପାହାଡର ପାଦଦେଶରୁ ଉପରକୁ ଯିବା ପାଇଁ ୪୮୦ଟି ପାହାଚ ରହିଛି । ଏହି ପାହାଚଗୁଡିକ ଭିତରେ ୨୦ ରୁ ୩୦ ଫୁଟ ଓସାରର ୭ଟି ରହିଛି । ୧୭୫୮ରେ ଜୟପୁର ରାଜାଙ୍କ ଅଧୀନସ୍ଥ ସ୍ୱୀକାର କରିଥିଲେ ତତ୍କାଳୀନ କଲ୍ୟାଣସିଂପୁର ରାଜା କୃଷ୍ଣଚନ୍ଦ୍ର ଦେବ । ଜୟପୁର ରାଜା ପ୍ରଥମ ବିକ୍ରମ ଦେବ ବାବା ପାତାଳେଶ୍ୱରଙ୍କ ଅଭିଷେକ କରିଥିଲେ ।ନିଜ ରାଜ୍ୟରେ ପାତାଳେଶ୍ୱରଙ୍କ ଅଭିଷେକ ହେଉଥିଲେ ମଧ କୃଷ୍ଣଚନ୍ଦ୍ର ଦେବଙ୍କୁ ନିମନ୍ତ୍ରଣ କରାଯାଇନଥିଲା ।ଶିବଭକ୍ତ କୃଷ୍ଣଚନ୍ଦ୍ର ଦେବ ଦୁଃଖରେ ଭାଙ୍ଗି ପଡିଥିଲେ । ସ୍ୱପ୍ନାଦେଶ ପରେ ଦେବଗିରିର ପାହାଡ ଶିଖରରେ ଅବସ୍ଥାନ କରୁଥିବା ନୀଳକଣ୍ଠେଶ୍ୱରଙ୍କୁ ରାଜା ପାଇଥିଲେ। କୃଷ୍ଣଚନ୍ଦ୍ର ଦେବ ଅପୁତ୍ରିକ ଥିଲେ। ଉ□ରାଧିକାରୀକୁ ନେଇ ସେ ଚିନ୍ତିତ ଥିଲେ। ବାବା ନୀଳକଣ୍ଠେଶ୍ୱରଙ୍କ ପୂଜାର୍ଚ୍ଚନା କରି ରାଜା କୃଷ୍ଣଚନ୍ଦ୍ର ଦେବ ପୁତ୍ର ସନ୍ତାନ ଲାଭ କରିଥିଲେ । ପରେ ରାଜା ପ୍ରଭୁଙ୍କୁ ନିୟମିତ ପୂଜା କରିବା ପାଇଁ ବ୍ରହ୍ମଣମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହି ଦିନଠାରୁ ପ୍ରଭୁଙ୍କୁ ନିୟମିତ ପୂଜାର୍ଚ୍ଚନା କରାଯାଉଛି ।ପହାଡର ଉପରେ ଗଙ୍ଗା, ଯମୁନା, ସରସ୍ୱତୀ, ଇନ୍ଦ୍ରଦ୍ୟୁମ୍ନ ଓ ଭାର୍ଗବୀ ନାମରେ ୫ଟି କୁଣ୍ଡ ରହିଛି । ଏହି କୁଣ୍ଡରେ ଗାଧୋଇଲେ ଅପୁତ୍ରିକ ପୁତ୍ର ଲାଭ କରିନ୍ତି ବୋଲି ବିଶ୍ୱାସ ରହିଆସିଛି । ଶିବରାତ୍ରୀ ପ୍ରଭୁ ନୀଳକଣ୍ଠେଶ୍ୱରଙ୍କ ବଡ଼ ପର୍ବ । ଏହା ୭ ଦିନ ଧରି ପାଳନ କରାଯାଏ। ଶ୍ରାବଣ ମାସରେ ଦୂର ଦୁରାନ୍ତରୁ ମାନସିକଧାରୀମାନେ ଏଠାକୁ ଆସି ପ୍ରଭୁଙ୍କୁ ଜଳଲାଗି କରିଥାନ୍ତି । ମନ୍ଦିର ପରିଚାଳନା କମିଟି ତରଫରୁ ଭକ୍ତମାନଙ୍କୁ ମାଗଣାରେ ପ୍ରସାଦ ବିତରଣ କରାଯାଇଥାଏ । ରାୟଗଡା ସହର ଠାରୁ ଦେବଗିରିର ଦୂରତା ୫୦ କିଲୋମିଟର । ନିୟମିତ ବସ୍ ଚଳାଚଳ କରୁଛି । ଟ୍ରେନ ଯୋଗେ ରାୟଗଡା ଆସି ନୀଳକଣ୍ଠେଶ୍ୱରଙ୍କ ପୀଠକୁ ଯାଇ ହେବ ।

## ଦୈନିକ ପିଅନ୍ତୁ ଅଦା-ମହୁ ପାଣି



ବର୍ତ୍ତମାନ୍ ଚାଲିଛି ବର୍ଷା ଋତୁ। ଏହି ଋତୁରେ ବିଭିନ୍ନ ପ୍ରକାରର ସମସ୍ୟା ଦେଖାଦେଇଥାଏ । ଯେପରିକି ଥଣ୍ଡା, କାଶ, ଜ୍ୱର ଇତ୍ୟାଦି । ଏଥିସହ ପାଗ ପରିବର୍ତ୍ତନ ହେବା ସହ ମଧ ଆମେ ଅନେକ ସସସ୍ୟାରେ ସମ୍ମୁଖୀନ ହେଉଛନ୍ତି । ଯେପରିକି ପେଟ ଯନ୍ତ୍ରଣାଠାରୁ ଆରମ୍ଭ କରି ହଇଜା ପର୍ଯ୍ୟନ୍ତ ସବୁ କିଛି । ଯଦି ଆପଣ ଏହି ସବୁ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି, ତେବେ ଚିନ୍ତା କରନ୍ତୁ ନାହିଁ। ଆଜି ଆପଣଙ୍କୁ ଜଣାଇବୁ ଏଥିରୁ କିପରି ମୁକ୍ତି ପାଇପାରିବେ । ତେବେ ଆସନ୍ତୁ ଜାଣିବା ଏହାର ସମ୍ପୂର୍ଣ୍ଣ ତଥ୍ୟ ଯବହୁ ଆଗାମୀ କାଳରୁ ଅଦା ଏବଂ ମହୁ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଇ ଆସୁଛି । କିନ୍ତୁ ଆପଣ କେବେ ଅଦା-ମହୁ ପାଣି ପିଇଛନ୍ତି କି ? ଯଦି ପିଇନାହାଁନ୍ତି, ତେବେ ଆପଣଙ୍କୁ ଏହି ପାନୀୟର ସ୍ୱାସ୍ଥ୍ୟ ଲାଭ ବିଷୟରେ ଜାଣନ୍ତୁ । ପ୍ରତିଦିନ ଏହି ପୁଷ୍ଟିକର ପାନୀୟ ପିଇବା ଆରମ୍ଭ କରନ୍ତୁ ଏବଂ ଆପଣ ମାତ୍ର କିଛି ସପ୍ତାହ ମଧ୍ୟରେ ଅଟୋମେଟିକ୍ ଭାବରେ ସକାରାତ୍ମକ ପ୍ରଭାବ ଦେଖିବାକୁ ପାଇବେ।

ଥଣ୍ଡା ଏବଂ କାଶ ସମସ୍ୟାରୁ ମୁକ୍ତି ପାଇବେ :

ଅଦା ଏବଂ ମହୁ ପାଣି ପିଇବା ଦ୍ୱାରା ଆପଣ ଥଣ୍ଡା ଏବଂ କାଶରୁ ବହୁତ ପରିମାଣରେ ମୁକ୍ତି ପାଇପାରିବେ । ଯଦି ଆପଣ ଗଳା ଯନ୍ତ୍ରଣା, ଥଣ୍ଡା କିମ୍ବା କାଶ ସମସ୍ୟାକୁ ରୋକିବାକୁ ଚାହୁଁଛନ୍ତି, ତେବେ ଆପଣ ଏହି ପ୍ରାକୃତିକ ପାନୀୟ ପିଇବା ଆରମ୍ଭ କରିପାରିବେ। ଆପଣଙ୍କ ସୂଚନା ପାଇଁ, ଆମେ ଆପଣଙ୍କୁ କହି ରଖୁଛୁ ଯେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଅଦା ଏବଂ ମହୁ ପାଣିକୁ ଦୈନନ୍ଦିନ ଖାଦ୍ୟ ଯୋଜନାର ଏକ ଅଂଶ ମଧ କରାଯାଇପାରିବ ଯପେଟ ସମ୍ବନ୍ଧୀୟ ସମସ୍ୟା ଦୂରେଇ ରହିବ :

ଯଦି ଆପଣ ପେଟ ସମସ୍ୟାକୁ ରୋକିବାକୁ ଚାହାଁନ୍ତି, ତେବେ ଅଦା ଏବଂ ମହୁ ପାଣି ପିଇବା ଆରମ୍ଭ କରନ୍ତୁ । ଏହି ପାନୀୟକୁ ହୃଦୟ ସ୍ୱାସ୍ଥ୍ୟ ପାଇଁ ମଧ ଲାଭଦାୟକ ବୋଲି ବିବେଚନା କରାଯାଏ । ଅର୍ଥାତ ଏହି ପାନୀୟକୁ ସଠିକ ପରିମାଣରେ ଏବଂ ସଠିକ୍ ଉପାୟରେ ସେବନ କରିବା ଦ୍ୱାରା, ଗମ୍ଭୀର ଏବଂ ହୃଦରୋଗର ଆଶଙ୍କା ହ୍ରାସ କରାଯାଇପାରିବ । ଏଥିସହ ଓଜନ ମଧ ହ୍ରାସ ପାଇବାକୁ ଲାଗିବ ।

ଅଦା ମହୁ ପାଣି କିପରି ତିଆରି କରିବେ :

ଅଦା ଏବଂ ମହୁ ପାଣି ତିଆରି କରିବା ପାଇଁ, ପ୍ରଥମେ ଗୋଟିଏ କପ୍ ପାଣି ଗରମ କରନ୍ତୁ । ଏବେ ଏହି ପାଣିରେ ଗୋଟିଏ ଚାମଚ ମହୁ ଏବଂ ଗୋଟିଏ ଅଳ୍ପ ଅଦାଛେଚା ମିଶାନ୍ତୁ । ଏବେ ଆପଣ ଏହି ପାଣିକୁ ଛାଣି ପିଇପାରିବେ ।ଏହି ପାନୀୟର ସ୍ୱାଦ ଉନ୍ନତ କରିବା ପାଇଁ, ଆପଣ ଏଥିରେ ଲେମ୍ବୁ ରସ ମଧ ମିଶାଇ ପାରିବେ । ଯଦି ଆପଣ ଏପରି ସମସ୍ୟାରୁ ମୁକ୍ତି ପାଇବାକୁ ଚାହୁଁଛନ୍ତି, ତେବେ ଏହି ଟିପ୍ସକୁ ନିଶ୍ଚିତ ଫଲୋ କରନ୍ତୁ ।

# ଜୀବିକା ମିଶନ ଓ ଆଇଆଇଟି ମଧ୍ୟରେ ବୁଝାମଣା

ଭୁବନେଶ୍ୱର,୧୦।୬ (ମହାଭାରତ): ଗ୍ରାମୀଣ ମହିଳା ଉଦ୍ୟୋଗୀଙ୍କୁ ଉନ୍ନତ ବ୍ୟବସାୟିକ ପରାମର୍ଶ, ପ୍ରାଯୁକ୍ତିକ ସହାୟତା ଏବଂ ବଜାର ସଂଯୋଗ ପ୍ରଦାନ କରିବା ଉଦ୍ଦେଶ୍ୟରେ ଓଡ଼ିଶା ଜୀବିକା ମିଶନ ଏବଂ ଆଇ.ଆଇ.ଟି ଭୁବନେଶ୍ୱର ମଧ୍ୟରେ ସୋମବାର ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନଠାରେ ବୁଝାମଣାପତ୍ର ବିନିମୟ କରାଯାଇଛି। ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ବିଭାଗର ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅଧୀନରେ ଷ୍ଟାର୍ଟ-ଅପ୍ ଭିଲେଜ୍ ଏଂଟରପ୍ରେନ୍ୟୁରଶିପ୍ ପ୍ରୋଗ୍ରାମ ମାଧ୍ୟମରେ ଓଡ଼ିଶାର ବିକାଶମୁଖୀ ଗ୍ରାମୀଣ ଉଦ୍ୟୋଗଗୁଡ଼ିକୁ ସହାୟତା ଯୋଗାଇବା ପାଇଁ ଏକ ଇନ୍‌କ୍ୟୁବେସନ୍ କାର୍ଯ୍ୟକ୍ରମ ଆରମ୍ଭ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଆଇ.ଆଇ.ଟି ଭୁବନେଶ୍ୱର ସହଯୋଗୀ ଭାବେ କାର୍ଯ୍ୟ କରିବ। ଏହି ସହଯୋଗ ମାଧ୍ୟମରେ ଗ୍ରାମୀଣ ମହିଳା ଉଦ୍ୟୋଗୀମାନେ ବ୍ୟବସାୟ ଯୋଜନା ପ୍ରସ୍ତୁତି, ଉତ୍ପାଦ





ବିକାଶ, ଉନ୍ନତ ଗୁଣବତା , ବଜାର ସଂଯୋଗ, ଆର୍ଥିକ ସୁବିଧା ଓ ପେଶାଦାର ନେଟୱର୍କିଂ ଭଳି ବିଭିନ୍ନ କ୍ଷେତ୍ରରେ ସହାୟତା ପାଇବେ। ଦିନଦୟାଲ ଅନ୍ତୋଦୟ ଯୋଜନା – ଜାତୀୟ ଗ୍ରାମୀଣ ଜୀବିକା ମିଶନର ନିର୍ଦ୍ଦେଶନାମା ଅନୁଯାୟୀ, ଆଗାମୀ ତିନି ବର୍ଷ ମଧ୍ୟରେ ଅତି କମରେ ୧୫୦ଟି ବିକାଶମୁଖୀ ଗ୍ରାମୀଣ ଉଦ୍ୟୋଗକୁ ଏହି ଇନ୍‌କ୍ୟୁବେସନ୍ ପ୍ରକ୍ରିୟା ମାଧ୍ୟମରେ ସହାୟତା ପ୍ରଦାନ କରାଯିବ। ଏଥିପାଇଁ ଜାତୀୟ ଗ୍ରାମୀଣ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ୧୦.୭୦ କୋଟି ଟଙ୍କାର ବ୍ୟୟ ଅନୁମୋଦିତ ହୋଇଛି। ଏହି କ୍ରମରେ ପ୍ରଥମ ପର୍ଯ୍ୟାୟରେ ଆଇଆଇଟି ଭୁବନେଶ୍ୱରଙ୍କୁ ୯୯ ଲକ୍ଷ ଟଙ୍କା ମଞ୍ଜୁରି କରାଯାଇଛି।

ଏହି ଇନକ୍ୟୁବେସନ୍ ପ୍ରକ୍ରିୟା ରାଜ୍ୟରେ ଏକ ଉଦ୍ୟୋଗୀ ବାତାବରଣ ସୃଷ୍ଟି କରିବ, ଯାହା ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକୁ କ୍ଷୁଦ୍ର ଓ ମାଧ୍ୟମ ଧରଣର ଉଦ୍ୟୋଗରେ ପରିଣତ କରିବା ପାଇଁ ପଥ ପ୍ରଶସ୍ତ କରିବ। ଏହି କାର୍ଯ୍ୟକ୍ରମ ଅଧୀନରେ ଚିହ୍ନଟ ହୋଇଥିବା ଏସଏଚଜି ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଉଦ୍ୟମ ପଞ୍ଜୀକରଣ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଅନୁପାଳନ ଓ ପ୍ରମାଣପତ୍ର ହାସଲ କରିବାରେ ସହଯୋଗ କରାଯିବ। ରାଜ୍ୟର କେତେକ ସ୍ୱତନ୍ତ୍ର ଉତ୍ପାଦର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ଆଇଆଇଟି, ଭୁବନେଶ୍ୱର ପ୍ୟାଟେଣ୍ଟ ଏବଂ ପ୍ରକ୍ରିୟା ପ୍ରମାଣପତ୍ର ହାସଲ କରିବାରେ ସାହାଯ୍ୟ କରିବ।

ଏହି ଅବସରରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଯୋଗଦେଇ ନିଜ ଅଭିଭାଷଣରେ କହିଛନ୍ତି ଯେ, ସରକାର ମହିଳାମାନଙ୍କୁ କେବଳ ରୋଜଗାରକ୍ଷମ ନୁହେଁ, ବରଂ ସେମାନଙ୍କୁ ସଫଳ ଉଦ୍ୟୋଗୀ ଭାବେ ଗଢ଼ିତୋଳିବାକୁ ସଂକଳ୍ପବଦ୍ଧ। ଆଇଆଇଟି ଭୁବନେଶ୍ୱର ପରି ଏକ ପ୍ରତିଷ୍ଠିତ ସଂସ୍ଥା ସହିତ ଏହି ବୁଝାମଣା ଆମର ଏସଏଚଜି ମହିଳାମାନଙ୍କ ପାଇଁ ନୂତନ ସୁଯୋଗର ଦ୍ୱାର ଉନ୍ମୁକ୍ତ କରିଛି । ବୈଷୟିକ ପରାମର୍ଶ ଏବଂ ଉନ୍ନତ ପ୍ରଶିକ୍ଷଣ ମାଧ୍ୟମରେ ସେମାନେ ନିଜର ପ୍ରସ୍ତୁତ ସାମଗ୍ରୀକୁ ଆନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ କରିପାରିବେ। ଏହା 'ବିକଶିତ ଓଡ଼ିଶା' ଗଠନ ଦିଗରେ ଏକ ମାଇଲଖୁଂଟ ସଦୃଶ ହେବ ଏବଂ ମହିଳାମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ସହାୟକ ହେବ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ମହାଲକ୍ଷପତି ଦିଦିମାନଙ୍କ ସହ ସେମାନଙ୍କର ସଂଘର୍ଷରୁ ସଫଳତା ପର୍ଯ୍ୟନ୍ତ ପ୍ରେରଣାଦାୟୀ ଯାତ୍ରା ସମ୍ପର୍କରେ ଆଲୋଚନା କରିଥିଲେ।

## ପୁରୀରେ ରଥଯାତ୍ରା ପ୍ରସ୍ତୁତିର ସମୀକ୍ଷା କଲେ ଉଷା ପାଢ଼ୀ

# ନାଗରିକ ସୁବିଧା କାମକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୦।୬ (ମହାଭାରତ): ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଖେଇ ଆସିବା ସହିତ ରାଜ୍ୟ ସରକାର ପୁରୀରେ ଲକ୍ଷାଧିକ ଭକ୍ତଙ୍କ ପାଇଁ ସୁଚାରୁ, ସୁରକ୍ଷିତ ଏବଂ ପରିଷ୍କାର ଅନୁଭବ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତିକୁ ଆହୁରି ତ୍ୱରାନ୍ୱିତ କରିଛି। ଆବାସ ଓ ନଗର ବିକାଶ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ (ଏସିଏସ) ଶ୍ରୀମତୀ ଉଷା ପାଢ଼ୀ ଶନିବାର ପୁରୀ ସର୍କିଟ ହାଉସରେ ରଥଯାତ୍ରା ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରିଥିଲେ। ଆସନ୍ତା ଏହି ଭବ୍ୟ ଆୟୋଜନ ପୂର୍ବରୁ ସହରରେ ଆବଶ୍ୟକ ନାଗରିକ ଅବସ୍ଥାପନା ଏବଂ ସାର୍ବଜନୀନ ସେବା ସମ୍ବନ୍ଧୀୟ ବ୍ୟବସ୍ଥାଗୁଡ଼ିକୁ ଶୀଘ୍ର ସମ୍ପୂର୍ଣ୍ଣ କରିବା ପ୍ରତି ବିଶେଷ ଜୋର ଦିଆଯାଇଥିଲା। ସମୀକ୍ଷା ସମୟରେ ଶ୍ରୀମତୀ ପାଢ଼ୀ ଅଧିକାରୀମାନଙ୍କୁ ନଗର ଅଂଚଳର ସମସ୍ତ ସଡ଼କ



ମରାମତି କାମ ସମୟମଧ୍ୟରେ ସମାପ୍ତ କରିବା, ନାଳାମାନଙ୍କର ବ୍ୟାପକ ପରିଷ୍କାର ଓ ରକ୍ଷାଣାବେକ୍ଷଣ ସୁନିଶ୍ଚିତ କରିବା ଏବଂ ପରିଷ୍କାରତା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେ ପର୍ଯ୍ୟାପ୍ତ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା ଏବଂ ଅସ୍ଥାୟୀ ପାର୍କିଂ ସୁବିଧା ବିକଶିତ କରିବାକୁ ମଧ୍ୟ ଜୋର ଦେଇଥିଲେ। ନିରବଚ୍ଛିନ୍ନ ପେୟଜଳ ଯୋଗାଣର ଗୁରୁତ୍ୱକୁ ଉଲ୍ଲେଖ କରି ସେ ଅଧିକାରୀମାନଙ୍କୁ ଭକ୍ତମାନଙ୍କର ବିପୁଳ ଭିଡ଼କୁ ଦୃଷ୍ଟିରେ ରଖି ୨୪ ଘଂଟିଆ ସାର୍ବଜନୀନ ଶୌଚାଳୟ ସୁବିଧା ଉପଲବ୍ଧ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ପିଜିଟି ଶିକ୍ଷକଙ୍କ ଦିଗଦର୍ଶନ କର୍ମଶାଳା

ଭୁବନେଶ୍ୱର,୧୦।୬ (ମହାଭାରତ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅନ୍ତର୍ଗତ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧିନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ନିମନ୍ତେ ଦିଗଦର୍ଶନ କର୍ମଶାଳାର ଆୟୋଜନ କରାଯାଇଛି । ଶିରିପୁରସ୍ଥିତି ଇମେଜ୍ ଠାରେ ପ୍ରାୟ ୧୨୦ ଜଣ ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ନେଇ ଦିଗଦର୍ଶନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହି ଅବସରରେ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ନିର୍ଦ୍ଦେଶକ ମଧୁସ୍ମିତା ସାହୁ, ପିଜିଟି ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଛାତ୍ର ଓ ଶିକ୍ଷକ ମଧ୍ୟରେ ରହୁଥିବା ବ୍ୟବଧାନକୁ ଚିହ୍ନଟ କରି ଏହାର ସମାଧାନ କରିବାକୁ ଶ୍ରୀମତୀ ସାହୁ ପରାମର୍ଶ ଦେଇଛନ୍ତି । ସେହିପରି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀମତୀ ପଟ୍ଟନାୟକ ଉଦବୋଧନ ଦେଇ ପିଜିଟି ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ସର୍ବଦା ଜ୍ଞାନ ଆହରଣ ପ୍ରକ୍ରିୟା ଜାରି ରଖିବାକୁ ଉପଦେଶ ଦେଇଛନ୍ତି। ଶିକ୍ଷା ଦେବା ନିମନ୍ତେ ନିଜେ ଶିକ୍ଷା ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ସେ ମତ ପ୍ରକାଶ କରିଛନ୍ତି । ସେ କହିଛନ୍ତି, ଦିଗଦର୍ଶନ କର୍ମଶାଳା ମାଧ୍ୟମରେ ଶିକ୍ଷକମାନେ ଯାହା ଶିଖିକି ଯାଇଥାନ୍ତି, ତାହା ଛାତ୍ରଛାତ୍ରୀମାନଙ୍କୁ ଦକ୍ଷ କରିବାରେ ସହାୟକ ହୋଇଥାଏ

ଏଥିସହ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ମାଳି ସ୍ୱାଗତ ଅଭିଭାଷଣ ରଖି କର୍ମଶାଳାର ବିସ୍ତୃତି ବିବରଣୀ ପ୍ରଦାନ କରିଥିଲେ । ଉପନିର୍ଦ୍ଦେଶକ ଶ୍ରୀମତୀ ବିଜୟଲକ୍ଷ୍ମୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଉପନିର୍ଦ୍ଦେଶକ ଶ୍ରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ପିଜିଟି ଶିକ୍ଷକଶିକ୍ଷୟିତ୍ରୀଙ୍କୁ ନେଇ ଆୟୋଜିତ ଦିଗଦର୍ଶନ କର୍ମଶାଳା ଦୁଇଟି ପର୍ଯ୍ୟାୟରେ ଆୟୋଜନ କରାଯିବ । ପ୍ରଥମ ପର୍ଯ୍ୟାୟ ଜୁନ୍ ୮ ରୁ ଜୁନ୍ ୧୨ ତାରିଖ ଯାଏଁ ଅନୁଷ୍ଠିତ ହେଉଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ କର୍ମଶାଳା ଜୁନ୍ ୧୬ ତାରିଖରୁ ଜୁନ୍ ୨୦ ତାରିଖ ଯାଏଁ ଅନୁଷ୍ଠିତ ହେବ । ପ୍ରଥମ ପର୍ଯ୍ୟାୟରେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଗଣିତ, ବାଣିଜ୍ୟର ୧୨୦ ଜଣ ପିଜିଟି ଯୋଗ ଦେଇଛନ୍ତି । ଏହି କର୍ମଶାଳାରେ ଜାତୀୟ ଶିକ୍ଷା ନୀତି ୨୦୨୦ ର ବିଭିନ୍ନ ଦିଗ, ଆଇସିଟିର ବ୍ୟବହାର, ଓଡିଶା ଏଜୁକେସନ୍ ରୁଲ୍, ସାମ୍ସ ଓ ଶିକ୍ଷାଜ୍ୟୋତି ପୋର୍ଟାଲର ବ୍ୟବହାର, ପୋଶ୍ ଆକ୍ଟ, ଛାତ୍ରବୃତି, ପ୍ରଶାସନିକ ଭୂମିକା, ପରୀକ୍ଷା ଏବଂ ମୂଲ୍ୟାଙ୍କନ ଯୋଜନା, କ୍ୟାରିଅର ମାର୍ଗଦର୍ଶନ ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯିବ।

# ସମସ୍ତ ପୌରାଂଚଳରେ ନାଗରିକ ସମ୍ପର୍କ ଅଭିଯାନ

ଭୁବନେଶ୍ୱର,୧୦।୬ (ମହାଭାରତ): ରାଜ୍ୟର ସମସ୍ତ ପୌରାଂଚଳରେ ୧୩ ଦିନିଆ ନାଗରିକ ସମ୍ପର୍କ ଅଭିଯାନ ଆରମ୍ଭ ହେଉଛି। ସହରାଂଚଳ ନାଗରିକ ସମ୍ପର୍କ ନାଗରିକ-କୈନ୍ଦ୍ରିକ ସହରୀ ଶାସନକୁ ସୁଦୃଢ଼ କରିବା ଏବଂ ସହରୀ ବିକାଶରେ ଜନସାଧାରଣଙ୍କ ଅଂଶଗ୍ରହଣକୁ ବୃଦ୍ଧି କରିବା ପାଇଁ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସମସ୍ତ ପୌରାଂଚଳରେ ଜୁନ୍ ୯ରୁ ଜୁନ୍ ୨୧ ପର୍ଯ୍ୟନ୍ତ ଏକ ରାଜ୍ୟବ୍ୟାପୀ 'ସହରାଂଚଳ ଜନସମ୍ପର୍କ ଓ ନାଗରିକ ଭାଗିଦାରୀ କାର୍ଯ୍ୟକ୍ରମ' ଆରମ୍ଭ କରାଯାଉଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ସହରୀ ରୂପାନ୍ତରଣ ପଦକ୍ଷେପଗୁଡ଼ିକର ସଫଳତା ପାଇଁ ସକ୍ରିୟ ନାଗରିକ ଅଂଶଗ୍ରହଣ ଅତ୍ୟନ୍ତ ଜରୁରୀ। 'ଓଡ଼ିଶା ସରକାର ସହରଗୁଡ଼ିକୁ କେବଳ ଆଧୁନିକ ଓ ସ୍ଥିତିସ୍ଥାପକ ନୁହେଁ, ବରଂ ଲୋକଙ୍କ ଆବଶ୍ୟକତା ଓ ଆକାଂକ୍ଷା ପ୍ରତି ସମ୍ବେଦନଶୀଳ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଏହି ରାଜ୍ୟବ୍ୟାପୀ ଜନସମ୍ପର୍କ ଅଭିଯାନ ନାଗରିକ ଏବଂ ସହରୀ ସଂସ୍ଥାଗୁଡ଼ିକ ମଧ୍ୟରେ ଥିବା ଦୂରତାକୁ ଦୂର କରିବାରେ ସାହାଯ୍ୟ କରିବ, ଯାହାଦ୍ୱାରା ସରକାରୀ



ସେବାଗୁଡ଼ିକ ଅଧିକ ସୁଗମ, ସ୍ୱଚ୍ଛ ଏବଂ ଉତରଦାୟୀ ହୋଇପାରିବ। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଆମେ ଜନ-କୈନ୍ଦ୍ରିକ ସହର ଗଠନ ଦିଗରେ କାର୍ଯ୍ୟ କରୁଛୁ, ଯେଉଁଠାରେ ପ୍ରତ୍ୟେକ ନାଗରିକ ବିକାଶର ଜଣେ ଜଣେ ସକ୍ରିୟ ସହଭାଗୀ ହେବେ,' ବୋଲି ମନ୍ତ୍ରୀ ଡଃ ମହାପାତ୍ର ପ୍ରକାଶ କରିଛନ୍ତି।

ସଚେତନତା ଶୋଭାଯାତ୍ରା, ୱାର୍ଡ ସ୍ତରୀୟ ବୈଠକ, ଜନ ପରାମର୍ଶ, ସ୍ୱଚ୍ଛତା ଅଭିଯାନ, ସମ୍ପ୍ରଦାୟର ସହଭାଗିତା କାର୍ଯ୍ୟକ୍ରମ ଏବଂ ସୂଚନା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟକ୍ରମ ସମେତ ବିଭିନ୍ନ ନାଗରିକ-କୈନ୍ଦ୍ରିକ କାର୍ଯ୍ୟକଳାପ ମାଧ୍ୟମରେ ସମସ୍ତ ପୌରାଂଚଳରେ ଏହି ଅଭିଯାନ କାର୍ଯ୍ୟକାରୀ କରାଯିବ। ଏଥିରେ ପରିମଳ, ବର୍ଜ୍ୟବସ୍ତୁ ପରିଚାଳନା, ଜଳ ସଂରକ୍ଷଣ, ପରିବେଶ ସ୍ଥିରତା ଏବଂ ନାଗରିକ ଦାୟିତ୍ୱ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଏହି ଅଭିଯାନର ଏକ ପ୍ରମୁଖ ବୈଶିଷ୍ଟ୍ୟ ହେବ 'ନାଗରିକ ସେବା ପ୍ରଦାନ ଶିବିର' ଏବଂ ଜନସମ୍ପର୍କ କାର୍ଯ୍ୟକ୍ରମର ଆୟୋଜନ, ଯାହା ବିଭିନ୍ନ ପୌରସେବା ଏବଂ ସହରାଂଚଳ କଲ୍ୟାଣକାରୀ ଯୋଜନାଗୁଡ଼ିକୁ ସହଜରେ ଉପଲବ୍ଧ କରାଇବା ପାଇଁ ଉଦ୍ଦିଷ୍ଟ। ନାଗରିକମାନେ ସମ୍ପତି କର , ଜଳ ଯୋଗାଣ ସଂଯୋଗ, ବ୍ୟବସାୟିକ ଲାଇସେନ୍ସ , ଗୃହ ନିର୍ମାଣ ନକ୍ସା ଅନୁମୋଦନ, ଆବାସିକ ଯୋଜନା ଏବଂ ଅନ୍ୟାନ୍ୟ ସର୍ବସାଧାରଣ ସେବା ସମ୍ବନ୍ଧୀୟ ସୂଚନା ଓ ସହାୟତା ପାଇପାରିବେ। ନାଗରିକଙ୍କ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଉତ୍ସର୍ଗୀକୃତ ସହାୟତା କେନ୍ଦ୍ର ଏବଂ ଅଭିଯୋଗ ପ୍ରତିକାର ବ୍ୟବସ୍ଥା ମଧ୍ୟ ପ୍ରତିଷ୍ଠା କରାଯିବ। କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ , ଆବାସିକ କଲ୍ୟାଣ ସମିତି , ଯୁବ ସଂଗଠନ, ବ୍ୟବସାୟୀ ସଂଘ ଏବଂ ଗୋଷ୍ଠୀ-ଭିତିକ ସଂସ୍ଥାଗୁଡ଼ିକର ଅଂଶଗ୍ରହଣକୁ ପ୍ରୋତ୍ସାହିତ କରାଯିବ, ଯାହା ନାଗରିକ ସହଭାଗିତା ଏବଂ ମିଳିତ ସହରୀ ବିକାଶ ପାଇଁ ଏକ ବ୍ୟାପକ ମଂଚ ସୃଷ୍ଟି କରିବ।

# ୨ କୋଟି ୭୦ ଲକ୍ଷ ଭୋଟରଙ୍କୁ ଫର୍ମ ବଂଟନ

ଭୁବନେଶ୍ୱର,୧୦।୬ (ମହାଭାରତ): ରାଜ୍ୟରେ ଚାଲିଥିବା ସ୍ପେଶାଲ ଇଂଟେନସିଭ୍ ରିଭିଜନ (ଏସ ଆଇ ଆର) ବା ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଏକ ପ୍ରଶଂସନୀୟ ମାଇଲଖୁଂଟ ହାସଲ କରିଛି। ମାତ୍ର ୧୦ ଦିନର ସ୍ୱଳ୍ପ ଅବଧି ମଧ୍ୟରେ ରାଜ୍ୟର ୨ କୋଟି ୭୦ଲକ୍ଷ ରୁ ଅଧିକ ଭୋଟରଙ୍କ ପାଖରେ ଫର୍ମ ପହଂଚାଇବାରେ ନିର୍ବାଚନ ପ୍ରଶାସନ ସଫଳ ହୋଇଛି। ସୋମବାର ସୁଦ୍ଧା ରାଜ୍ୟର ସମୁଦାୟ ଭୋଟରଙ୍କ ମଧ୍ୟରୁ ୭୫ ପ୍ରତିଶତରୁ ଅଧିକଙ୍କୁ ଏହି ଫର୍ମ ବଂଟନ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି। ନିର୍ବାଚନ କମିଶନଙ୍କ ସୂଚନା ଅନୁଯାୟୀ, ଭୋଟର ସୂଚୀକୁ ଅଧିକ ସ୍ୱଚ୍ଛ, ସଠିକ ଏବଂ ତ୍ରୁଟିଶୂନ୍ୟ କରିବା ପାଇଁ ରାଜ୍ୟବ୍ୟାପୀ ଏହି ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ଏହି ପ୍ରକ୍ରିୟାରେ ବିଏଲ୍‌ଓ ମାନେ ଘରକୁ ଘର ବୁଲି ଫର୍ମ ସଂଗ୍ରହ ଓ ବଣ୍ଟନ କରୁଛନ୍ତି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ'ଭୋଟରମାନଙ୍କ ମଧ୍ୟରେ ସଚେତନତା ଏବଂ ପ୍ରଶାସନିକ ଦଳର ନିଷ୍ଠା ଯୋଗୁଁ ଏତେ କମ୍ ସମୟ ମଧ୍ୟରେ ଏହି ସଫଳତା ମିଳିଛି। ସମସ୍ତ ଯୋଗ୍ୟ ଭୋଟର ନିଜର ବିଏଲ୍‌ଓଙ୍କ ସହ ତୁରନ୍ତ ଯୋଗାଯୋଗ କରି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମସ୍ତ ତଥ୍ୟ ସହ ପରିଗଣନା ଫର୍ମ ଦାଖଲ କରି ଏହି ପ୍ରକ୍ରିୟାରେ ନିଜର ନାମ ଅନ୍ତର୍ଭୁକ୍ତ ସୁନିଶ୍ଚିତ କରିବାକୁ କୁହାଯାଇଛି ।ଭୋଟର ତାଲିକାରେ ନାମ ସାମିଲ, ସଂଶୋଧନ କିମ୍ବା ଏହି ସମ୍ପର୍କିତ ଯେକୌଣସି ଜନସାଧାରଣ ସୂଚନା ଓ ସହାୟତା ପାଇଁ ନିର୍ବାଚନ ବିଭାଗ ପକ୍ଷରୁ ଜାରି କରାଯାଇଥିବା ମାଗଣା ହେଲ୍ପଲାଇନ ନମ୍ବର ୧୯୫୦ କୁ କଲ୍ କରି ସବିଶେଷ ସୂଚନା ପାଇପାରିବେ। ସାଧାରଣ ଲୋକଙ୍କ ସୁବିଧା ପାଇଁ କାର୍ଯ୍ୟାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଭୋଟରମାନେ ଚାହିଁଲେ ବିଏଲ୍‌ଓଙ୍କ ପାଖକୁ ନଯାଇ ସିଧାସଳଖ ଅନଲାଇନ୍ ମାଧ୍ୟମରେ ମଧ୍ୟ ନିଜର ଫର୍ମ ଦାଖଲ କରିପାରିବେ।

## ଏଆଇ-ସକ୍ଷମକାରୀ ଡ଼ାଟାସେଣ୍ଟର ପାଇଁ ରିଲାଏନ୍ସ ସହିତମେଟାର ଭାଗିଦାରୀ

ଭୁବନେଶ୍ୱର,୧୦।୬ (ମହାଭାରତ): ମେଟା ଏବଂ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଆଜି ଭାରତରେ ଏକ ଏଆଇ-ସକ୍ଷମକାରୀ ତଥ୍ୟ କେନ୍ଦ୍ରର ଚୁକ୍ତି ସହିତ ସେମାନଙ୍କର ରଣନୀତିକ ଭାଗିଦାରୀର ଏକ ଗୁରୁତ୍ୱପୂର୍ଣ୍ଣ ସମ୍ପ୍ରସାରଣ ବିଷୟରେ ଘୋଷଣା କରିଛନ୍ତି। ଗୁଜୁରାଟର ଜାମନଗରଠାରେ ଅବସ୍ଥିତ ଏହି ପୁଞ୍ଜିନିବେଶ ଭାରତ ପ୍ରତି ମେଟାର ଗଭୀର ପ୍ରତିବଦ୍ଧତାକୁ ପୁନର୍ବାର ପ୍ରମାଣିତ କରୁଛି, ଯାହା ବିଶ୍ୱସ୍ତରରେ ଆମର ସବୁଠାରୁ ବଡ଼ ଏବଂ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ସମୁଦାୟ ମଧ୍ୟରୁ ଅନ୍ୟତମ ସମୁଦାୟକୁ ବ୍ୟକ୍ତିଗତ ଉଚ୍ଚମାନର ବୁଦ୍ଧିମତା ପ୍ରଦାନ କରିବା ପାଇଁ ଆବଶ୍ୟକ ଉତ୍ପାଦନ ଏବଂ ଏଆଇ-କ୍ଷମତାକୁ ସଶକ୍ତ କରୁଥିବା ଭିତିଭୂମି ପ୍ରଦାନ କରିବ। ଏହି ଚୁକ୍ତିନାମାର ଏକ ଅଂଶସ୍ୱରୂପ, ରିଲାଏନ୍ସ ୧୬୮ ମେ.ୱା. କ୍ଷମତା ବିଶିଷ୍ଟ ଏକ ତଥ୍ୟ କେନ୍ଦ୍ରର ନିର୍ମାଣ କରିବ, ଯାହାକୁ ମେଟା ଭଡ଼ାରେ ନେବ ଏବଂ ଭବିଷ୍ୟତରେ ଏହାର କ୍ଷମତା ବୃଦ୍ଧି କରିବାର ବିକଳ୍ପ ମଧ୍ୟ ରହିବ। "ଭାରତରେ ଆମର ପ୍ରଥମ ଏଆଇ-ସକ୍ଷମକାରୀ ତଥ୍ୟ କେନ୍ଦ୍ରର ନିର୍ମାଣ କରିବା ପାଇଁ ରିଲାଏନ୍ସ ସହିତ କାମ କରୁଥିବାରୁ ଆମେ ଗର୍ବିତ। ଜାମନଗର ଠାରେ ଥିବା ଏହି ବିଶ୍ୱ ସ୍ତରୀୟ ସୁବିଧା ଆମକୁ ବିଶ୍ୱସ୍ତରରେ ଏଆଇ ଭିତିଭୂମିକୁ ସମ୍ପ୍ରସାରିତ କରିବାରେ ସାହାଯ୍ୟ କରିବ।

# ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ଫାଇଲ ହଜିଗଲା ନା ଜାଣିଶୁଣି ହଜାଇଦେଲେ

ଭୁବନେଶ୍ୱର,୧୦।୬ (ମହାଭାରତ): ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଦୁଇଟି ଫାଇଲ ହଜିଯାଇଥିବା କଥା ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି, ଯାହାକୁ ବିଜୁ ଜନତା ଦଳ କଡା ନିନ୍ଦା କରିଛି । ଏହା କେବଳ ଗୋଟିଏ ଫାଇଲ ହଜିବା ଘଟଣା ନୁହେଁ, ବରଂ ରାଜ୍ୟର ପ୍ରଶାସନିକ ବ୍ୟବସ୍ଥା ଏବଂ ସୁରକ୍ଷା ପ୍ରଣାଳୀ ଉପରେ ଏକ ବଡ଼ ପ୍ରଶ୍ନଚିହ୍ନ ସୃଷ୍ଟି କରିଛି ବୋଲି ବିଜେଡି କହିଛି। ଏକ ପ୍ରେସ ବିବୃତ୍ତିରେ ବିଜେଡି ବିଧାୟକ ତଥା ବରିଷ୍ଠ ନେତା ଡ. ଅରୁଣ କୁମାର ସାହୁ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରି କହିଛନ୍ତି, କେଉଁ ଫାଇଲ ହଜିଛି ? ଫାଇଲ ସତରେ ହଜିଛି ନା ଜାଣିଶୁଣି ହଜେଇ ଦିଆଯାଇଛି ? ଯଦି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଭଳି ସର୍ବୋଚ୍ଚ ପ୍ରଶାସନିକ କେନ୍ଦ୍ର ସୁରକ୍ଷିତ ନୁହେଁ, ତେବେ ସାଧାରଣ ଲୋକଙ୍କ ଧନଜୀବନ ଓ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ କେତେ ସୁରକ୍ଷିତ ଅଛି ? ରାଜ୍ୟ ସରକାର ଦାବି କରୁଛନ୍ତି ଯେ ଅନଲାଇନ୍ ଫାଇଲ ବ୍ୟବସ୍ଥା କାର୍ଯ୍ୟକ୍ଷମ ହୋଇଛି । ଯଦି ଏହା ସତ, ତେବେ ହାର୍ଡ କପି ଫାଇଲ କିପରି ହଜିଲା ? ଏହାର ସମ୍ପୂର୍ଣ୍ଣ ସତ୍ୟ ରାଜ୍ୟବାସୀଙ୍କ ସମ୍ମୁଖରେ ରଖିବା ଆବଶ୍ୟକ। ଡ. ସାହୁ ଆହୁରି ମଧ୍ୟ କହିଛନ୍ତି, ପ୍ରତ୍ୟେକ ସରକାରୀ ଫାଇଲ ନିର୍ଦ୍ଦିଷ୍ଟ ପ୍ରକ୍ରିୟାରେ ବିଭିନ୍ନ ସ୍ତର ଦେଇ ଗତି କରିଥାଏ । ସେକ୍ସନ ଅଫିସରଠାରୁ ଆରମ୍ଭ କରି ସେକ୍ରେଟାରୀ, ଚିଫ ସେକ୍ରେଟାରୀ, ମନ୍ତ୍ରୀ ଏବଂ ଶେଷରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଫାଇଲ ଗତି କରିବାର ସମସ୍ତ ତଥ୍ୟ ରେକର୍ଡ ହୋଇ ରହିଥାଏ । ଏହି ଫାଇଲ କେଉଁ ପର୍ଯ୍ୟାୟରେ ହଜିଲା ? ଫାଇଲ ମୁଭମେଂଟ ରେଜିଷ୍ଟରରେ କ'ଣ ତଥ୍ୟ ରହିଛି ? ସିସିଟିଭି ଫୁଟେଜ୍ ଯାଂଚ କରାଯାଇଛି କି ? ସିସିଟିଭି ବ୍ୟବସ୍ଥା କାର୍ଯ୍ୟକ୍ଷମ ଥିଲା କି ନାହିଁ ? ଏହି ସମସ୍ତ ପ୍ରଶ୍ନର



ଉତ୍ତର ସରକାର ଦେବା ଉଚିତ। ଏ ସରକାରରେ ବଡ ଠାକୁରଙ୍କୁ କଟାଡିକି ପକାଇଦେଲେ ତାହାର ଏପର୍ଯ୍ୟନ୍ତ କୌଣସି ରିପୋର୍ଟ ସାର୍ବଜନୀନ କଲେ ନାହିଁ । ଜଣେ ଏଏସ୍‌ଓଙ୍କୁ ତତ୍କାଳୀନ ରାଜ୍ୟପାଳଙ୍କ ପୁଅ ମାଡ ମାରି ଜୋତା ଚଟାଇଲେ, ସେ ସଂପର୍କରେ କୌଣସି ତଦନ୍ତ ରିପୋର୍ଟ ମଧ୍ୟ ଆସିଲା ନାହିଁ । କେବଳ ଏତିକି ନୁହେଁ ବହୁ ମାମଲାର ରିପୋର୍ଟ ପ୍ରକାଶ କରିବେ ବୋଲି ଏ ସରକାର କହିଛି । କିନ୍ତୁ ଏପର୍ଯ୍ୟନ୍ତ କୌଣସି ରିପୋର୍ଟ ପ୍ରକାଶ କରିନାହାନ୍ତି । ବାସ୍ତବରେ ଏ ସରକାର କ'ଣ ଲୁଚାଇବାକୁ ଚାହୁଁଛନ୍ତି ବା କୌଣସି ବ୍ୟକ୍ତିକୁ ବଂଚାଇବାକୁ ଚାହୁଁଛନ୍ତି କି, ଯେଉଁଥିପାଇଁ ଏହି ଫାଇଲ ହଜିବାର ନାଟକ ହେଉନାହିଁ ତ ? ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଫାଇଲ ନିଖୋଜ ହେବା ଘଟଣା କେବଳ ପ୍ରଶାସନିକ ବିଫଳତା ନୁହେଁ, ବରଂ ଜନସାଧାରଣଙ୍କ ବିଶ୍ୱାସ ସହ ଜଡିତ ଏକ ଗମ୍ଭୀର ପ୍ରସଙ୍ଗ । ରାଜ୍ୟବାସୀ ସତ୍ୟ ଜାଣିବାକୁ ଚାହୁଁଛନ୍ତି । ସରକାର ଏହି ଘଟଣାକୁ ହାଲୁକା ଭାବରେ ନ ନେଇ ତୁରନ୍ତ ସତ୍ୟ ଉନ୍ମୋଚନ କରନ୍ତୁ ଏବଂ ନୈତିକ ଦାୟିତ୍ୱ ବହନ କରନ୍ତୁ ବୋଲି ବିଜେଡି ଦାବି କରିଛି ।

# ୧୦ଦିନ ବିନା ବ୍ୟାଗରେ ସ୍କୁଲ ଆସିବେ ଛାତ୍ରଛାତ୍ରୀ

ଭୁବନେଶ୍ୱର,୧୦।୬ (ମହାଭାରତ): ଜାତୀୟ ଶିକ୍ଷା ନୀତି–୨୦୨୦ ର କାର୍ଯ୍ୟକାରୀ କରିବା ପାଇଁ ଓଡିଶା ସରକାର ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷିରେ ଓଡିଶା ସ୍କୁଲ ଶିକ୍ଷା ପ୍ରୋଗ୍ରାମ ଅଥରିଟି (ଓସେପା) ଶିଶୁ ବାଟିକା (ପ୍ରି-ସ୍କୁଲ) ଠାରୁ କ୍ଲାସ୍ ଅଷ୍ଟମ ପର୍ଯ୍ୟନ୍ତ ସରକାରୀ ଓ ସରକାରୀ ସହାୟତାପ୍ରାପ୍ତ ବିଦ୍ୟାଳୟଗୁଡ଼ିକ ପାଇଁ ଶିକ୍ଷାବର୍ଷ ୨୦୨୬–୨୭ ନିମନ୍ତେ ବିସ୍ତୃତ ନିର୍ଦ୍ଦେଶିକା ଓ ନମୁନା ସମୟସାରିଣୀ ଜାରି କରିଛି। ରାଜ୍ୟ ସରକାର ଓଡିଶା କରିକୁଲମ୍ ଫ୍ରେମୱର୍କ ଫର୍ ସ୍କୁଲ ଏଜୁକେସନ–୨୦୨୫ ଅନୁଯାୟୀ ପାଠ୍ୟକ୍ରମରେ ସଂଶୋଧନ କରି ନୂତନ ପାଠ୍ୟପୁସ୍ତକ ମଧ୍ୟ ଲାଗୁ କରିଛନ୍ତି। ଏହାକୁ ରାଜ୍ୟର ସ୍କୁଲ ଶିକ୍ଷା ପ୍ରଣାଳୀରେ ବ୍ୟାପକ ସୁଧାରର ଅଂଶ ଭାବେ ଦେଖାଯାଉଛି। ନୂତନ ବ୍ୟବସ୍ଥାର ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଶେଷତା ହେଉଛି ୧୦ଦିନ ବିନା ବ୍ୟାଗ ବ୍ୟବସ୍ଥା। ଏହି ଦିନଗୁଡ଼ିକରେ ଛାତ୍ରଛାତ୍ରୀମାନଙ୍କୁ ସ୍କୁଲ ବ୍ୟାଗ ନେଇ ଆସିବାକୁ ପଡିବ ନାହିଁ ଏବଂ ସେମାନେ କାର୍ଯ୍ୟକଳାପ ଆଧାରିତ, ଅନୁଭୂତିମୂଳକ ଓ କୌଶଳ ବିକାଶ



ସମ୍ବନ୍ଧୀୟ କାର୍ଯକ୍ରମରେ ଅଂଶଗ୍ରହଣ କରିବେ। ଏହାର ଉଦ୍ଦେଶ୍ୟ ଛାତ୍ରଛାତ୍ରୀଙ୍କ ଉପରେ ଶିକ୍ଷାଗତ ଭାର କମେଇବା ସହ ଶିକ୍ଷା ପ୍ରକ୍ରିୟାକୁ ଅଧିକ ଆନନ୍ଦମୟ ଓ ସମଗ୍ର କରିବା।

ସ୍କୁଲ ଓ ଗଣ ଶିକ୍ଷା ବିଭାଗ ଦ୍ୱାରା ପ୍ରସ୍ତୁତ ନୂତନ ଏକୀକୃତ ସମୟସାରିଣୀ ରାଜ୍ୟର ସମସ୍ତ ସରକାରୀ ଓ ସହାୟତାପ୍ରାପ୍ତ ବିଦ୍ୟାଳୟରେ ଶିକ୍ଷାବର୍ଷ ୨୦୨୬–୨୭ ଠାରୁ ଲାଗୁ ହେବ। ଜାରି ନିର୍ଦ୍ଦେଶିକା ଅନୁସାରେ ବିଦ୍ୟାଳୟଗୁଡ଼ିକ ବର୍ଷକୁ ମୋଟ ୨୩୦ ଦିନ ଚାଲିବ। ଏଥିରୁ ୨୦ ଦିନ ମୂଲ୍ୟାୟନ, ପରୀକ୍ଷା ଓ ଅନ୍ୟାନ୍ୟ ଶିକ୍ଷାଗତ କାର୍ଯ୍ୟକଳାପ ପାଇଁ ଏବଂ ୨୦ ଦିନ ବାର୍ଷିକ ଉତ୍ସବ, କ୍ରୀଡ଼ା ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ ଆୟୋଜନ ପାଇଁ ନିର୍ଦ୍ଧାରିତ ହୋଇଛି। ଅବଶିଷ୍ଟ ୧୯୦ ଦିନ ସାଧାରଣ ପାଠଦାନ ଓ ଶିକ୍ଷା-ଅଧିଗମ କାର୍ଯ୍ୟକଳାପ ପାଇଁ ବ୍ୟବହାର ହେବ। କ୍ଲାସ୍ ୬ ଠାରୁ ୮ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ବୃତିମୂଳକ ଶିକ୍ଷାର ନିର୍ଦ୍ଧାରିତ ଚାରିଟି ପିରିଅଡ୍ ମଧ୍ୟରୁ ଗୋଟିଏ ପିରିଅଡ୍‌କୁ ବ୍ୟାଗଲେସ୍ ଡେ କାର୍ଯ୍ୟକଳାପ ପାଇଁ ଧାର୍ଯ୍ୟ କରାଯିବ। ଏହି କାର୍ଯ୍ୟକଳାପଗୁଡ଼ିକୁ ପ୍ରାଥମିକତାଭିତ୍ତିରେ ଶନିବାର ଆୟୋଜନ କରାଯିବ, ଯାହା ଛାତ୍ରଛାତ୍ରୀଙ୍କୁ ପ୍ରାୟୋଗିକ ଓ କୌଶଳ ଆଧାରିତ ଶିକ୍ଷାର ଅନୁଭବ ଦେବ। ନୂତନ ସମୟସାରିଣୀ ଅନୁଯାୟୀ ପ୍ରତ୍ୟେକ କାର୍ଯ୍ୟଦିନରେ ସାତଟି ପିରିଅଡ୍ ରହିବ, ଯାହା ଫଳରେ ସପ୍ତାହକୁ ମୋଟ ୪୨ଟି ପିରିଅଡ୍ ଚାଲିବ। ଗଣିତ, ବିଜ୍ଞାନ, କଳା ଶିକ୍ଷା, ଶାରୀରିକ ଶିକ୍ଷା ଓ ବୃତିମୂଳକ ଶିକ୍ଷା ପରି ବିଷୟଗୁଡ଼ିକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଅନୁଭୂତିମୂଳକ ଶିକ୍ଷାକୁ ପ୍ରୋତ୍ସାହନ ଦେବା ପାଇଁ ୮୦ ଠାରୁ ୯୦ ମିନିଟର ଦୁଇଟି ସଂଯୁକ୍ତ ପିରିଅଡ୍ ନିର୍ଦ୍ଧାରଣ କରାଯାଇଛି।

## ଓଡ଼ିଶା ଓ ଆନ୍ଧ୍ର ଜନସମୁଦାୟ ଭୂ-ରୂପ ପୁନରୁଦ୍ଧାରର ପଥ ପ୍ରଦର୍ଶନ

ଭୁବନେଶ୍ୱର,୧୦।୬ (ମହାଭାରତ): ଓପନ୍ ଆର୍କାଇଭ ଅଫ ସୋସିଆଲ ସାଇନ୍ସରେ ପ୍ରକାଶ ପାଇଥିବା ଏକ ନୂତନ ନୀତିପତ୍ର ଓଡ଼ିଶା ଓ ଆନ୍ଧ୍ରପ୍ରଦେଶରେ ଏକାଧିକ ଗୋଷ୍ଠୀ କିଭଳି ନୀରବରେ କିଛି ଉଲ୍ଲେଖନୀୟ କାର୍ଯ୍ୟକରି ଜମି, ଜଳ ଏବଂ ଜଙ୍ଗଲ ଆଦି ଏକକ, ଆନ୍ତଃସଂଯୁକ୍ତ ବ୍ୟବସ୍ଥାରେ ପରିଚାଳନା କରୁଛନ୍ତି ଏବଂ ସେମାନଙ୍କର ଭୂରୂପ ତଥା ଜୀବନଗୁଡିକ ତାହାର ପରିଣତିରେ ରୂପାନ୍ତରିତ ହେଉଛି, ସେହି କାହାଣୀ କୁହାଯାଇଛି। ମେ ୨୦୨୬ରେ ପ୍ରକାଶ ପାଇଥିବା 'ଦି ସେଣ୍ଟ୍ରାଲିଟି ଅଫ ଏରିଆ-ବେସ୍‌ଡ ଆପ୍ରୋଚେସ୍ ଇନ ସଷ୍ଟେନେବଲ ଡେଭେଲପମେଣ୍ଟ' (ଦୀର୍ଘସ୍ଥାୟୀ ବିକାଶରେ ଅଞ୍ଚଳ-ଭିତ୍ତିକ ଆଭିମୁଖ୍ୟଗୁଡିକର କେନ୍ଦ୍ରୀୟ ସ୍ଥାନ) ଏହି ସମସ୍ତ କ୍ଷେତ୍ର-ସ୍ତରୀୟ ଅନୁଭୂତିଗୁଡିକ ସହିତ ନୂଆଦିଲ୍ଲୀରେ କମନ୍ସ କନ୍‌ଭେନିଂ ୨୦୨୪ରେ ଆୟୋଜିତ କମନ୍ ଗ୍ରାଉଣ୍ଡ ଇନିସିଏଟିଭ୍ ଏବଂ ଅହମଦାବାଦରେ ଅନୁଷ୍ଠିତ ଇଣ୍ଡିଆ ଲ୍ୟାଣ୍ଡ୍ ଆଣ୍ଡ ଡେଭେଲପମେଣ୍ଟ କନ୍‌ଫରେନ୍ସ (ଆଇଏଲଡିସି) ୨୦୨୫ ଅବସରରେ ବିଶାରଦମାନଙ୍କ ଦ୍ୱାରା କରାଯାଇଥିବା ଆଲୋଚନା ବିମର୍ଷ ସମ୍ପର୍କରେ ଅବତାରଣା କରିଛି। ଏହି ପତ୍ରରେ ଦର୍ଶାଯାଇଛି ଯେ ଏହି ଗୋଷ୍ଠୀଗୁଡିକ ଯେଉଁ ଏକ ଅଞ୍ଚଳ-ଭିତ୍ତିକ ଆଭିମୁଖ୍ୟ ପ୍ରଦର୍ଶନ କରିଛନ୍ତି, ତାହାକୁ ସଫଳତାର ସହିତ ପ୍ରତିରୂପିତ କରାଯାଇପାରିବ। ଏହି ସମସ୍ତ ବିଷୟଗୁଡିକ ଏବଂ ବିଶାରଦମାନଙ୍କର ଆଲୋଚନା ବିମର୍ଷ ଆଧାରରେ ଏହି ପତ୍ର ଭାରତ କିଭଳି ତାହାର ସର୍ବାଧିକ ଚାପଗ୍ରସ୍ତ ପ୍ରାକୃତିକ ସମ୍ପଦଗୁଡିକର ପରିଚାଳନା ଓ ଶାସନ ନିମନ୍ତେ ଆଭିମୁଖ୍ୟ ପୋଷଣ କରିବ, ସେ ସମ୍ପର୍କରେ ଏକ ପ୍ରଭାବଶାଳୀ ମଡେଲ ପ୍ରଦାନ କରାଯାଇଛି। ଏକ ସଙ୍କଟ ଯାହା ଅପେକ୍ଷା କରିପାରିବ ନାହିଁ ଭାରତରେ ବିଶ୍ୱ ଜନସଂଖ୍ୟାର ୧୬% ବାସ କରୁଛନ୍ତି, କିନ୍ତୁ ଏହାର ମୋଟ ଭୂଅଞ୍ଚଳ ମାତ୍ର ୨.୪% ଯାହା ଏହାର ପ୍ରାକୃତିକ ସମ୍ପଦକୁ ଉଲ୍ଲେଖନୀୟ ଓ ବର୍ଦ୍ଧିତ ଚାପଗ୍ରସ୍ତ କରୁଛି। ୨୦୧୮-୧୯ ସୁଦ୍ଧା ପ୍ରାୟ ୯୮ ନିୟୁତ ହେକ୍ଟର, ଅର୍ଥାତ ମୋଟାମୋଟି ଭାରତର ମୋଟ ଭୂଭାଗ ଅଞ୍ଚଳର ୩୦% ଅଧୋପତିତ ହୋଇସାରିଥିଲା। କୋରାପୁଟରେ ଅନ୍ୟ ଏକ ଅଣ-ସରକାରୀ ସଂଗଠନ, ୱାଟରସେଡ୍ ସପୋର୍ଟ ସର୍ଭିସେସ୍ ଆଣ୍ଡ ଆକ୍ଟିଭିଟିଜ ନେଟୱର୍କ (ଡବ୍ଲ୍ୟୁଏଏସଏସଏଏନ) ଭୂରୂପକୁ ନେଇ ଏକ ବହୁଧା-କାରକ ମଞ୍ଚ ସୃଷ୍ଟି ଉପରେ କାର୍ଯ୍ୟ କରିଥିଲା, ଯାହା ଏଭଳି ଏକ ସ୍ଥାନ ଯେଉଁଠାରେ କୃଷକ, ମହିଳାଙ୍କ ଗୋଷ୍ଠୀ, ସରକାରୀ ବିଭାଗ ଏବଂ ନାଗରିକ ସମାଜ ସଂଗଠନଗୁଡିକ ନିୟମିତ ଭାବରେ ଏକତ୍ରିତ ହୋଇ ତଥ୍ୟର ସହଭାଗୀତା ଏବଂ ସମ୍ମିଳିତ ଯୋଜନା ପ୍ରସ୍ତୁତ କରିଥିଲେ।

# ବିଶ୍ୱରେ ଯୁଦ୍ଧର ପ୍ରଭାବ

ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧର ପ୍ରଭାବ ସମଗ୍ର ବିଶ୍ୱ ଉପରେ ପଡ଼ିଛି। ଏହାର ପ୍ରଭାବରେ ଇନ୍ଧନ ସଙ୍କଟ ଅତି ଜଟିଳ ହୋଇଛି। କାରଣ ମଧ୍ୟପ୍ରାଚ୍ୟ ହିଁ ତୈଳ ଉତ୍ପାଦନର କେନ୍ଦ୍ରସ୍ଥଳ। ଇରାନ ନିଜେ ଏକ ତୈଳ ସମୃଦ୍ଧ ରାଷ୍ଟ୍ର। ଏହା ଛଡ଼ା ସାଉଦୀ ଆରବ, ୟୁଏଇ, ଓମାନ, ବାହାରିନ,କୁଏଟ, କାଟାର ଇତ୍ୟାଦି ଜିସିସି ସଦସ୍ୟଭୁକ୍ତ ରାଷ୍ଟ୍ର ବିଶ୍ୱର ପ୍ରମୁଖ ତୈଳ ଉତ୍ପାଦନକାରୀ ରାଷ୍ଟ୍ର। ସେଠାରୁ ଉତ୍ପାଦିତ ତୈଳ ବିଶ୍ୱର ଅଧାରୁ ଅଧିକ ଅଞ୍ଚଳକୁ ରପ୍ତାନୀ ହୋଇଥାଏ। ଯୁଦ୍ଧ ଯୋଗୁ କେବଳ ତୈଳ ଉତ୍ପାଦନ ବ୍ୟାହତ ହୋଇନି, ତୈଳ ରପ୍ତାନୀ ମଧ୍ୟ ପ୍ରଭାବିତ ହୋଇଛି। କାରଣ ମଧ୍ୟପ୍ରାଚ୍ୟ ତଥା ପଶ୍ଚିମ ଏସିଆରୁ ଯେଉଁ ରୁଟ ଦେଇ ତୈଳ ସମୁଦ୍ର ପଥରେ ପରିବହନ ହୋଇଥାଏ ସେହି ରାସ୍ତାରେ ଇରାନ ଆକ୍ରମଣ କରୁଛି। ବିଶେଷ କରି ହରମୁଜ ପ୍ରଣାଳୀ ଦେଇ ପଶ୍ଚିମ ଏସିଆରୁ ଅଧିକାଂଶ ତୈଳବାହୀ ଜାହାଜ ଯାଇଥାଏ। ଯୁଦ୍ଧ ପୂର୍ବରୁ ଇରାନ ଧମକ ଦେଇଥିଲା ଯେ ଏହି ରୁଟକୁ ଅବରୋଧ କରିବ। ଏବେ ତାହା ହିଁ ହୋଇଛି। ହରମୁଜ ପ୍ରଣାଳୀ ଦେଇ ଯାଉଥିବା ପଣ୍ୟବାହୀ ଜାହାଜ ଉପରେ ଇରାନ ଆକ୍ରମଣ କରିବା ଫଳରେ ଏହି ପଥରେ ଜାହାଜ ଚଳାଚଳ ଏକରକମ ବନ୍ଦ ହୋଇଯାଇଛି। ଏହା ହିଁ ତୈଳ ସଙ୍କଟର ପ୍ରମୁଖ କାରଣ। ଏଥିରେ ଭାରତ ମଧ୍ୟ ଗୁରୁତର ପ୍ରଭାବିତ ହୋଇଛି। ଭାରତରେ ଏବେ ସୁଦ୍ଧା ପେଟ୍ରୋଲ ଏବଂ ଡିଜେଲ ଦର ବୃଦ୍ଧି ପାଇନି କିମ୍ବା ଏହାର ଅଭାବ ଅନୁଭବ କରାଯାଉନି। କାରଣ ଭାରତରେ ପ୍ରଚୁର ପରିମାଣର ଅଶୋଧିତ ତୈଳ ମହଜୁଦ ରହିଛି। ଆଗକୁ କ'ଣ ହେବ ତାହା ଭିନ୍ନ କଥା। କିନ୍ତୁ ଏବେ ପେଟ୍ରୋଲ ଏବଂ ଡିଜେଲ ଅଭାବ ନାହିଁ। କିନ୍ତୁ ରନ୍ଧନ ଗ୍ୟାସ ବା ଏଲପିଜିର ଉତ୍କଟ ଅଭାବ ଦେଖାଦେଇଛି। ଭାରତ ନିଜ ଆବଶ୍ୟକତାର ୭୦ ପ୍ରତିଶତ ଏଲପିଜି ବିଦେଶରୁ ଆମଦାନୀ କରିଥାଏ। ବିଦେଶରୁ ଏଲପିଜି ବା ଗ୍ୟାସ ଟ୍ୟାଙ୍କର ଆସିବା ବନ୍ଦ ହୋଇଯିବାରୁ ଭାରତରେ ଏହାର ସଙ୍କଟ ଦେଖାଦେଇଛି। ଯଦିଓ ସରକାର ବାରମ୍ବାର ଏକଥା କହୁଛନ୍ତି ଯେ, ଦେଶରେ ଗ୍ୟାସର ଅଭାବ ନାହିଁ ଏବଂ ଅଯଥା ଆତଙ୍କିତ ହେବା କାରଣରୁ ଏହାର ସଙ୍କଟ ସୃଷ୍ଟି ହୋଇଛ, କିନ୍ତୁ ବାସ୍ତବାରେ ଏବେ ଭାରତରେ ରନ୍ଧନ ଗ୍ୟାସର ଅଭାବ ରହିଛି। ଏଥିପାଇଁ ସରକାରଙ୍କୁ ଦୋଷ ଦେବା ଅନୁଚିତ। ଲୋକେ ଯେପରି ଆତଙ୍କିତ ହେଉଛନ୍ତି ସେଥିରେ ସଙ୍କଟ ଅଧିକ ଘନୀଭୂତ ହେବା ସ୍ୱାଭାବିକ। ପେଟ୍ରୋଲିୟମ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଯୁଦ୍ଧ ପୂର୍ବରୁ ଦୈନିକ ହାରାହାରି ୫୫ ଲକ୍ଷ ବୁକିଂ ହେଉଥିବା ବେଳେ ମାର୍ଚ୍ଚ-ଏପ୍ରିଲରେ ଦୈନିକ ହାରାହାରି ୭୫ ଲକ୍ଷ ବୁକିଂ ହେଲା। ଅବଶ୍ୟ ଏବେ ଏହା ସାମାନ୍ୟ ହ୍ରାସ ପାଇଛି। ଏହି ସମସ୍ୟା ଦିନେ ଦୂର ହୋଇଯିବ। ଏବେ ଅନ୍ୟ ବିକଳ୍ପ ଦେଶରୁ ମଧ୍ୟ ଗ୍ୟାସ ଆମଦାନୀ କରାଯାଉଛି। ତେଣୁ ଯୁଦ୍ଧ ଜାରି ରହିଲେ ମଧ୍ୟ ଅତିବେଶୀରେ ସପ୍ତାହେ, ଦୁଇ ସପ୍ତାହ ପରେ ସ୍ଥିତି ସ୍ୱାଭାବିକ ହୋଇଯିବ। ତେଣୁ ଲୋକେ ଅଯଥା ଛାନିଆ ହୋଇ ଗ୍ୟାସ ପାଇଁ ଡହଳ ବିକଳ ହେବା ଅନୁଚିତ। କିନ୍ତୁ ଏବେ ବିକଳ୍ପ ଇନ୍ଧନ ଚିନ୍ତା କରିବାର ସମୟ ଆସିଛି। ପେଟ୍ରୋଲ ଏବଂ ଡିଜେଲ ବଦଳରେ ଅଧିକ ସଂଖ୍ୟାରେ ବିଦ୍ୟୁତ ଚାଳିତ ଗାଡ଼ି ବା ଇଭି ବ୍ୟବହାରକୁ ପ୍ରୋତ୍ସାହିତ କରାଯିବା ଉଚିତ। ସେହିପରି ଏଲପିଜି ପରିବର୍ତ୍ତେ ଲୋକେ ଇଣ୍ଡକସନ ବ୍ୟବହାରକୁ ଆପଣାଇବା ଉଚିତ। ଏଲପିଜି ବ୍ୟବହାରକୁ ବନ୍ଦ କରାଯାଇପାରିବନି। କିନ୍ତୁ ଏହାକୁ ହ୍ରାସ କରାଯାଇପାରିବ। କିନ୍ତୁ କାଠଚୁଲା, କୋଇଲା ଏହାର ବିକଳ୍ପ ନୁହେଁ। ଏଲପିଜିର ଆଉ ଏକ ଭଲ ବିକଳ୍ପ ହେଲା ଗୋବର ଗ୍ୟାସ ବା ବାୟୋଗ୍ୟାସ। ବହୁ ବର୍ଷ ହେବ ଏହା ଉଦ୍ଭାବିତ ହେଲାଣି। କିନ୍ତୁ ବ୍ୟାପକ ପ୍ରଚାର ପ୍ରସାର ନଥିବାରୁ ଏହାକୁ ଲୋକେ କାର୍ଯ୍ୟକାରୀ କରୁ ନାହାଁନ୍ତି।

# ନୈତିକ ଶିକ୍ଷାର ଗୁରୁତ୍ୱ

॥ ପ୍ରଦୀପ୍ତ ଆଚାର୍ଯ୍ୟ ॥

> “ଶାସ୍ତ୍ର ପୁରାଣରେ ଯେତେ କୁପ୍ରଥା ଓ ଅନ୍ଧବିଶ୍ୱାସ ଥାଉନା କାହିଁକି, ତତ୍ ସନ୍ନିହିତ ମାନବବାଦ କିନ୍ତୁ ଉଗ୍ର ମାନସିକତାକୁ ପ୍ରଶମିତ କରାଇବା ପାଇଁ ଏକ ଉତମ ମାର୍ଗଦର୍ଶିକା। ବିଦ୍ୟାଳୟ ସ୍ତରର ପିଲାମାନଙ୍କ ମାନସିକତା ନମନୀୟ। ତାକୁ ଯେପରି କରିବାକୁ ପ୍ରଚେଷ୍ଟା କରିବା ତାହା କରିହେବ। ବିଶେଷ ଭାବରେ ମାଧ୍ୟମିକ ସ୍ତରରେ ଅଧ୍ୟୟନରତ ଛାତ୍ରଛାତ୍ରୀ ମାନଙ୍କର (ଆଡୋଲସେନସ ପିରିୟଡ) ବା ଆଦ୍ୟ ଯୌବନ ସମୟ।

ଆଜି ପୃଥିବୀରେ ବୈଜ୍ଞାନିକ ଉଦ୍ଭାବନ ଓ ଆବିଷ୍କାର ମନୁଷ୍ୟକୁ ଉନ୍ନତିର ଚରମ ଶିଖରରେ ଉପନୀତ କରାଇଦେଇଛି। ପୁର୍ବେ ଯେଉଁ କାର୍ଯ୍ୟ କରିବାକୁ ସମୟ, ଶ୍ରମ ଓ ଅର୍ଥବ୍ୟୟ କରିବାକୁ ପଡୁଥିଲା, ଆଜି ତାହା ବିଜ୍ଞାନର ଚରମ ଉଦ୍ଭାବନ କମ୍ପ୍ୟୁଟର ମାଧ୍ୟମରେ ଅତି ସହଜରେ କରା ଯାଇ ପାରୁଛି। ବଣ ଜଙ୍ଗଲରେ ଉଲଗ୍ନ ରହି, ବୃକ୍ଷର ଫଳମୁଳ ତଥା କଂଚା ପଶୁ ମାଂସ ଭକ୍ଷଣ କରୁଥିବା ମନୁଷ୍ୟ, ଆଜି ଯେଉଁ ସ୍ଥାନରେ ପହଂଚି ଯାଇଛି, ତାହା ଅଚିନ୍ତନୀୟ, ଅକଳ୍ପନୀୟ। ଶିକ୍ଷା, ସ୍ୱାସ୍ଥ, ଗମନାଗମନ, ଯୋଗାଯୋଗ, ପରିବହନ, କୃଷି ତଥା ଜୀବନର ପ୍ରତ୍ୟେକ ଦୈନନ୍ଦିନ କାର୍ଯ୍ୟରେ, ବୈଜ୍ଞାନିକ ଉଦ୍ଭାବିତ ଯାନ୍ତ୍ରୀକ ପ୍ରୟୋଗ, ଆମର କଠିନ ଶ୍ରମକୁ ଲାଘବ କରି ଜୀବନକୁ ସୁଖ ସ୍ୱାଛନ୍ଦରେ ଭରି ଦେଇଛି। କିନ୍ତୁ ତୁଳନାତ୍ମକ ଭାବରେ, ଆମେ ଆମର ନୈତିକତା ଓ ସାଂସ୍କୃତିକ ପରମ୍ପରାରେ ସମ ପରିମାଣରେ ଅଗ୍ରଗତି କରି ପାରୁନାହୁଁ। ପ୍ରାଚୀନ କାଳରେ ପ୍ରଚଳିତ ନୈତିକତା ଓ ସାଂସ୍କୃତିକ ପରମ୍ପରାକୁ, ଆମେ ବହୁତ ପଛରେ ଛାଡି ଦେଇଛେ।

ଆଧୁନିକ ମନୁଷ୍ୟ ସୁଖ ସ୍ୱାଛନ୍ଦରେ କାଳାତିପାତ କରୁଛି ସତ୍ୟ, କିନ୍ତୁ ଶାନ୍ତି ପ୍ରାପ୍ତି ତାପାଇଁ ସ୍ୱପ୍ନ। ପ୍ରତ୍ୟେକ ଦିନ ସମ୍ବାଦ ପତ୍ର ପୃଷ୍ଠା ମଣ୍ଡନ କରୁଥିବା, ଅଭାବନୀୟ ଖବର ସର୍ବଜନବିଦିତ। କେଉଁଠି ପଇସା ପାଇଁ ପୁତ୍ର, ପିତୃ ହତ୍ୟାକାରୀ ତ, କେଉଁଠି ଦୁଇଟି ସନ୍ତାନର ଜନନୀ ସ୍ୱାମୀକୁ ଛାଡି ପ୍ରେମିକ ସହିତ ଫେରାର। ସହଜ ଉପାୟରେ ଅର୍ଥ ରୋଜଗାରର ଦୁର୍ବାର ଲାଳସା, ମନୁଷ୍ୟର ବିବେକକୁ ସଂପୂର୍ଣ ରୁପେ ଗ୍ରାସ କରି ଦେଇଛି। କିଏ ମନୁଷ୍ୟ ମାନଙ୍କର ଜୀବନକୁ ହେୟଜ୍ଞାନ କରି, ଖାଦ୍ୟ ଅପମିଶ୍ରଣ କରୁଛି ତ କିଏ ନକଲି ଡାକ୍ତର ନକଲି ସାମ୍ବାଦିକ ସାଜି ଅର୍ଥ ରୋଜଗାରରେ ବ୍ୟସ୍ତ। ଆଧୁନିକ ଶୈଳୀରେ ଜୀବନ ଯାପନ ନିମନ୍ତେ, ଆମେ ଆମର ଚାହିଦା ଓ ଆବଶ୍ୟକତାକୁ ସୀମିତ ରଖି ପାରୁନାହେଁ। ଯାହା ଫଳରେ ଅନୈତିକ ଉପାୟରେ ଅର୍ଥ ରୋଜଗାର ନିମନ୍ତେ ପ୍ରୟାସ କରୁଛେ।

ନୈତିକତା ବିହୀନ ମାନସିକତା, ଆମକୁ କେବେବି ସଂଯମୀ ତଥା ଶୃଙ୍ଖଳିତ କରାଇ ପାରିବ ନାହିଁ। ନିମ୍ନଗାମୀ ସାମାଜିକ ସ୍ଥିତିକୁ ସୁଦୃଢ କରିବା ନିମନ୍ତେ, ବିଦ୍ୟାଳୟ ସ୍ତରରେ, ନୈତିକ ଶିକ୍ଷା ପ୍ରଦାନ ଏକାନ୍ତ ଆବଶ୍ୟକ। ପ୍ରାଚୀନ କାଳର ଗୁରୁକୁଳ, ବନ ବିଦ୍ୟାଳୟର ଶିକ୍ଷା, ଆଜି ଅନଲାଇନ୍ ଶିକ୍ଷାରେ ପହଂଚି ଯାଇଛି। ଶିକ୍ଷା କ୍ଷେତ୍ରରେ କମ୍ପ୍ୟୁଟର, ପ୍ରୋଜେକ୍ଟର ସ୍ମାର୍ଟ ବୋର୍ଡ, ଆଧୁନିକ ବିଜ୍ଞାନାଗାର, ଇ-ଲାଇବ୍ରେରୀର ପ୍ରଚଳନ ଦ୍ୱାରା, ଛାତ୍ରଛାତ୍ରୀ ମାନଙ୍କର ବୌଦ୍ଧିକ ବିକାଶ, ବହୁଗୁଣିତ ହୋଇଛି ସତ୍ୟ, କିନ୍ତୁ ନୈତିକ ଶିକ୍ଷାର ଅଧୋପତନ ଘଟିଛି, ଯାହାକି ସାମାଜିକ ବିଶୃଙ୍ଖଳାର ମୁଖ୍ୟ କାରଣ। ଆଜି ବିଜ୍ଞାନ ଯୁଗରେ ସଂସ୍କୃତି ଓ ବିଜ୍ଞାନର ସଂଘର୍ଷ। ଶାସ୍ତ୍ର ପୁରାଣର ସତ୍ୟତା ଉପରେ ପ୍ରଶ୍ନବାଚୀ।

ଶାସ୍ତ୍ର ପୁରାଣରେ ଯେତେ କୁପ୍ରଥା ଓ ଅନ୍ଧବିଶ୍ୱାସ ଥାଉନା କାହିଁକି, ତତ୍ ସନ୍ନିହିତ ମାନବବାଦ କିନ୍ତୁ ଉଗ୍ର ମାନସିକତାକୁ ପ୍ରଶମିତ କରାଇବା ପାଇଁ ଏକ ଉତମ ମାର୍ଗଦର୍ଶିକା। ବିଦ୍ୟାଳୟ ସ୍ତରର ପିଲାମାନଙ୍କ ମାନସିକତା ନମନୀୟ। ତାକୁ ଯେପରି କରିବାକୁ ପ୍ରଚେଷ୍ଟା କରିବା ତାହା କରିହେବ। ବିଶେଷ ଭାବରେ ମାଧ୍ୟମିକ ସ୍ତରରେ ଅଧ୍ୟୟନରତ ଛାତ୍ରଛାତ୍ରୀ ମାନଙ୍କର (ଆଡୋଲସେନସ ପିରିୟଡ) ବା ଆଦ୍ୟ ଯୌବନ ସମୟ। ଏହି ସମୟରେ ସେମାନଙ୍କର ମାନସିକ ଏବଂ ଶାରୀରିକ ପରିବର୍ତନ ପ୍ରକୃତିସୃଷ୍ଟ ଏବଂ ଏହି ସମୟରେ ସେମାନେ କିଛି ସ୍ୱତନ୍ତ ହେବାର ବା ସ୍ୱତନ୍ତ କରି ଦେଖାଇବାର ପ୍ରବୃତିର ବଶବର୍ତୀ ହୋଇଥାନ୍ତି।

ପୂର୍ବ କାଳରେ ମାତା ମାନେ, କିମ୍ବା ଜେଜେମା ମାନେ ପିଲା ମାନଙ୍କୁ ସୁନ୍ଦର ସୁନ୍ଦର ନୀତିଶିକ୍ଷା ପୁର୍ଣ ଗଳ୍ପ ସବୁ ଶୁଣାଉଥିଲେ, ଯାହା ସେମାନଙ୍କ ମନରେ ଗଭୀର ରେଖାପାତ କରି, ନୈତିକତା ବୃଦ୍ଧି ନିମନ୍ତେ ସହାୟ ହେଉଥିଲା। ତାହାହିଁ ଥିଲା ମନୋରଂଜନର ଏକମାତ୍ର ମାଧ୍ୟମ। ଟିଭି ମୋବାଇଲର ଉଦ୍ଭାବନ ପରେ, ଗଳ୍ପ କଥନ ଓ ଶ୍ରବଣ ଯୁଗର ଅନ୍ତ ହେଲା। ଆଧୁନିକ ମାତା ମାନେ ମଧ୍ୟ ଅବସର ସମୟକୁ ସଂପୂର୍ଣ ମୋବାଇଲ ଦେଖାରେ ବିନିଯୋଗ କରୁଥିବାରୁ, ପିଲାର ନୈତିକ ଶିକ୍ଷା ପ୍ରତି ଉଦାସୀନ ରହୁଛନ୍ତି। ପିଲା ମାନଙ୍କ ଉପରେ ଅଭିଭାବକ ମାନଙ୍କ କର୍ତୃତ୍ୱ କଟକଣା କୋହଳ ହୋଇ ଯାଉ ଥିବାରୁ, ସେମାନେ କୁସଙ୍ଗରେ ପଡି, ବିଭିନ୍ନ ଅପରାଧିକ କାର୍ଯ୍ୟରେ ସାମିଲ ହୋଇ ଯାଉଛନ୍ତି।

ଅଗ୍ନିରେ ଘୃତାହୁତି ପରି, ମୋବାଇଲରେ ପ୍ରଦର୍ଶିତ ନକାରାତ୍ମକ ଦୃଶ୍ୟ ପ୍ରତି ଆକୃଷ୍ଟ ହୋଇ, ବିପରିତ ଲିଙ୍ଗୀଙ୍କ ପ୍ରତି ଆକର୍ଷିତ ହେବା ସଙ୍ଗେ ସଙ୍ଗେ, ମଦ୍ୟପାନ, ଦୁଷ୍କର୍ମ, ରାହାଜାନୀ ଇତ୍ୟାଦି କାର୍ଯ୍ୟ କରିବାକୁ ଦ୍ୱିଧାଗ୍ରସ୍ତ ହେଉ ନାହାନ୍ତି। ଉପରୋକ୍ତ ପରିପ୍ରେକ୍ଷୀରେ, ବିଦ୍ୟାଳୟ ସ୍ତରରେ ନୈତିକ ଶିକ୍ଷା ଦାନ ଉପରେ ଗୁରୁତ୍ୱ ଦେବାର ଯଥେଷ୍ଟ ଆବଶ୍ୟକତା ଅଛି। ବିଦ୍ୟାଳୟକୁ ଦଣ୍ଡମୁକ୍ତ ଅଂଚଳ ଘୋଷଣା ଦ୍ୱାରା, ଶିକ୍ଷକ ମାନଙ୍କ ସମ୍ଭ୍ରମତା ହ୍ରାସ ହୋଇଥିଲେ ମଧ୍ୟ, ଏବେବି ପିଲାମାନେ ପିତାମାତାଙ୍କ ଅପେକ୍ଷା, ଶିକ୍ଷକ ମାନଙ୍କ କଥାକୁ ଅଧିକ ଗୁରୁତ୍ୱାରୋପ କରନ୍ତି। ତେଣୁ ଆଜିର ପତନୋନ୍ମୁଖି ସମାଜକୁ ରକ୍ଷା କରିବା ନିମନ୍ତେ, ଶିକ୍ଷକ ମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ। ଜଣେ ଶିକ୍ଷକର ଆଗ୍ରହ, ଆନ୍ତରିକତା ଓ ନିଷ୍ଠା ଦ୍ୱାରା, ଗୋଟିଏ ପିଲା ଜଣେ ସୁନାଗରିକ ହୋଇ ପାରିବ, ଏହା ନିଃସନ୍ଦେହ। ଗୋଟିଏ ପିରିୟଡର ଶିକ୍ଷାଦାନ ସମୟ ଭିତରେ ବି ଶିକ୍ଷକ ମାନେ ପିଲା ମାନଙ୍କୁ, ବିଭିନ୍ନ ନୈତିକ ଶିକ୍ଷା ପ୍ରଦାନ କରିଥାନ୍ତି।

ନମ୍ର, ସହନଶୀଳ, ମିଷ୍ଟଭାଷୀ ଓ ମେଳାପୀ ହେବା, ଅନ୍ୟ ମାନଙ୍କୁ ଭଦ୍ରୋଚିତ ବ୍ୟବହାର ପ୍ରଦର୍ଶନ କରିବା, ଈଶ୍ୱରଙ୍କୁ ସଭକ୍ତି ପ୍ରାର୍ଥନା କରିବା, ଗୁରୁଜନ ମାନଙ୍କ ପଦସ୍ପର୍ଶ କରି ପ୍ରଣାମ କରିବା ଇତ୍ୟାଦି ସୁଗୁଣ ଗୁଡିକ ଆପଣାଇ ନେଲେ, ସେମାନଙ୍କର କଣ ଲାଭ ହେବ, ଏକଥା ବାରମ୍ବାର ତାଙ୍କ କାନରେ ପକାଇବା ଦରକାର। କୋର୍ସ ସାରିବା ନିମନ୍ତେ ଶିକ୍ଷାଦାନ ଏବଂ ଅନ୍ୟାନ ଦାୟିତ୍ୱ ତୁଲାଇ, ଶିକ୍ଷକ ମାନେ ପ୍ରାୟ ଏକାର୍ଯ୍ୟ କରି ପାରୁ ନାହାନ୍ତି। ଯଦି ନୈତିକ ଶିକ୍ଷାଦାନ ନିମନ୍ତେ,କିଛି ନିର୍ଦ୍ଦିଷ୍ଟ ସମୟ ରଖା ଯାଆନ୍ତା, ତେବେ ହୁଏତ ଏହା ସମ୍ଭବ ହୋଇ ପାରନ୍ତା। ଅଧିକ ଅର୍ଥ ରୋଜଗାର କରିବା ନିମନ୍ତେ, ପିଲାମାନେ ତଥା ଅଭିଭାବକ ମାନେ, ବୈଷୟିକ ଶିକ୍ଷା ଉପରେ ଏତେ ଅଧିକ ଗୁରୁତ୍ୱ ଆରୋପ କରୁଛନ୍ତି ଯେ, ପିଲାଟି ସମ୍ପୂର୍ଣ ଭାବରେ ଏକ ଯାନ୍ତିକ ମାନବରେ ପରିଣତ ହୋଇ ଯାଉଛି। ତା ମନରୁ ସ୍ନେହ, ଶ୍ରଦ୍ଧା, ମାନବିକତା କ୍ରମେ ଲୋପ ପାଇ ଯାଉଛି, ଯାହାର କୁପ୍ରଭାବ ତାର ପିତା ମାତା ଏବଂ ସମାଜକୁ ଭୋଗିବାକୁ ପଡୁଛି। ତେଣୁ ସାଧୁ ସାବଧାନ! ଜ୍ଞାନୀଗୁଣୀ, ଚିନ୍ତାଶୀଳ ବ୍ୟକ୍ତି, ଶିକ୍ଷାବିତ୍ ମାନେ, ଲେଡି ଗୁଡ କହୁଣିକୁ ବୋହିଯିବା ପୂର୍ବରୁ, ଏବିଷୟରେ ଗଭୀର ଅନୁଧ୍ୟାନ କରନ୍ତୁ ଏବଂ ପିଲା ମାନଙ୍କୁ ନୈତିକ ଶିକ୍ଷା ପ୍ରଦାନ ନିମନ୍ତେ ଶତ ପ୍ରତିଶତ ଚେଷ୍ଟିତ ହୁଅନ୍ତୁ।


ଶିକ୍ଷାବିତ୍, ଈଶାଣୀବ୍ରହ୍ମପୁର,କଟକ
ମୋ-୬୩୭୧୫୯୩୨୨୦


# ଆଧ୍ୟାତ୍ମିକ ପୁରୁଷ ସ୍ୱାମୀ ବିବେକାନନ୍ଦ

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ସନ୍ଥ ରାମକୃଷ୍ଣ ପରମହଂସଙ୍କ ମୁଖ୍ୟ ଶିଷ୍ୟ ନରେନ୍ଦ୍ର ନାଥ ବିଶ୍ୱନାଥ ଦତ୍ତ ବା ସ୍ୱାମୀ ବିବେକାନନ୍ଦ ଭାରତୀୟ ବେଦାନ୍ତ ଓ ଯୋଗ ଦର୍ଶନକୁ ପାଶ୍ଚାତ୍ୟ ଜଗତ୍‌ରେ ସୁପରିଚିତ କରାଇଥିବା ମହାନ ଦାର୍ଶନିକଙ୍କ ମଧ୍ୟରେ ଅନ୍ୟତମ। ସେ ହିନ୍ଦୁ ଧର୍ମକୁ ନବ ରୂପ ଦେବା ସହ ପାଶ୍ଚାତ୍ୟରେ ଲୋକପ୍ରିୟ କରାଇଥିଲେ। ଫଳ ସ୍ୱରୂପ ହିନ୍ଦୁ ଧର୍ମ ଏକ ବିଶାଳ ବିଶ୍ୱ ଧର୍ମର ମାନ୍ୟତା ପାଇଥିଲା। ୧୮୯୩ରେ ଯୁକ୍ତରାଷ୍ଟ୍ର ଆମେରିକାର ଚିକାଗୋରେ ଅନୁଷ୍ଠିତ ବିଶ୍ୱ ସ୍ତରର ଧର୍ମ ସମ୍ମିଳନୀରେ ସେ ଚମତ୍କାର ଭାଷଣ ଦେଇ ଉପସ୍ଥିତ ଧାର୍ମିକ ନର ନାରୀଙ୍କୁ ସ୍ତବ୍ଧ କରିଦେଇଥିଲେ। ସ୍ୱାମୀ ବିବେକାନନ୍ଦ ହିଁ ରାମକୃଷ୍ଣ ମିସନ୍ ଓ ରାମକୃଷ୍ଣ ମଠର ପ୍ରତିଷ୍ଠାତା।

ସ୍ୱାମୀଜୀଙ୍କ ଜନ୍ମ କଲିକତାରେ ହୋଇଥିଲା। ୧୮୬୩ ମସିହା ଜାନୁଆରୀ ୧୨ ତାରିଖରେ। ସେ ଦିନ ଥିଲା ପବିତ୍ର ମକର ସଂକ୍ରାନ୍ତି। ତାଙ୍କର ପିଲାଦିନର ନାମ ଥିଲା ନରେନ୍ଦ୍ର ନାଥ ଦତ୍ତ। ପିତା ବିଶ୍ୱନାଥ ଦତ୍ତ କଲିକତା ହାଇକୋର୍ଟରେ ଜଣେ ବିଶିଷ୍ଟ ଓକିଲ ଥିଲେ। ସେ ପାଶ୍ଚାତ୍ୟ ଚେତା ଥିଲେ। ସେଥିପାଇଁ ପୁତ୍ରକୁ ଇଂରାଜୀ ପଢ଼ାଇ ପାଶ୍ଚାତ୍ୟ ବିଚାରଧାରାର ଅନୁଗାମୀ କରିବାକୁ ଚାହୁଁଥିଲେ। ମାତ୍ର ବିଧିର ବିଧାନ ଥିଲା ଭିନ୍ନ। ସ୍ୱାମୀଜୀଙ୍କ ମାତା ଭୁବନେଶ୍ୱରୀ ଦେବୀ ଭଗବତ୍ ବିଶ୍ୱାସୀ ଥିଲେ। ଯାହାର ପ୍ରଭାବ ପିଲାଦିନୁ ପଡ଼ିଥିଲା ବିବେକାନନ୍ଦଙ୍କ ଉପରେ। ସ୍ୱାମୀଜୀ ବାଲ୍ୟକାଳରୁ ଅତ୍ୟନ୍ତ ବିଚକ୍ଷଣ ଥିଲେ। ସେ ଭାଗବତ ପ୍ରାପ୍ତି ନିମନ୍ତେ ସର୍ବଦା ବ୍ୟାକୁଳ ଥିଲେ। ଗୁରୁ ରାମକୃଷ୍ଣ ପରମହଂସଙ୍କୁ ଭେଟିବା ପରେ ସ୍ୱାମୀଜୀଙ୍କୁ ଜୀବନର ପରମଲକ୍ଷ୍ୟ ପ୍ରାପ୍ତ ହୋଇଥିଲା।

ସେ କାଲକାତାର ଜେନ୍‌ରଲ୍ ଆସେଂବଲିକ୍ ଇନଷ୍ଟିଚ୍ୟୁସନ୍‌ରେ ପଢୁଥିବା ବେଳର ଏକ ଘଟନା। ଇଂରେଜୀ ସାହିତ୍ୟ ବିଭାଗର ପ୍ରଫେସର ୱିଲିଅମ୍ ହାଷ୍ଟି ୱିଲିଅମ୍ ୱର୍ଡ଼ସ୍‌ୱର୍ଥଙ୍କ ଦ ଏକସକର୍ସନ ପଢ଼ାଉଥାଆନ୍ତି। ଉକ୍ତ କବିତାରେ ଥିବା ଟ୍ରାନ୍‌ସ ଶବ୍ଦ ବାବାଦରେ ବିବେକାନନ୍ଦଙ୍କ ସମେତ ଅନେକ ବିଦ୍ୟାର୍ଥୀ ଅଧିକ ଜାଣିବାକୁ ଚାହିଁବାରୁ ଦକ୍ଷିଣେଶ୍ୱର କାଳୀ ମନ୍ଦିର ଯାଇ ରାମକୃଷ୍ଣଙ୍କୁ ଭେଟିବା ସକାଶେ ସେ ପରାମର୍ଶ ଦେଇଥିଲେ। ବିବେକାନନ୍ଦଙ୍କ ମନକୁ କଥାଟି ପାଇଥିଲେ ହେଁ ସେ ସଙ୍ଗେ ସଙ୍ଗେ ଯାଇପାରି ନଥିଲେ। ୧୮୮୧ରେ ସୁରେନ୍ଦ୍ର ନାଥ ମିତ୍ର (ରାମକୃଷ୍ଣଙ୍କ ପ୍ରମୁଖ ଶିଷ୍ୟ - ଅନୁଗାମୀଙ୍କ ମଧ୍ୟରେ ଜଣେ)ଙ୍କ ଘରେ ପ୍ରଥମ ଥର ପାଇଁ ରାମକୃଷ୍ଣଙ୍କୁ ସେ ଭେଟିଥିଲେ। ରାମକୃଷ୍ଣ, ତାଙ୍କୁ ଭଜନ ଗାଇବାକୁ କହିବାରୁ ସେ ସୁଲଳିତ କଣ୍ଠରେ ଗାଇ, ସମସ୍ତଙ୍କୁ ଅଭିଭୂତ କରିଥିଲେ। ସୁବିଧା ହେଲେ କାଳୀ ମନ୍ଦିର ଆସି ଦେଖା କରିବା ନିମନ୍ତେ ରାମକୃଷ୍ଣ କହିଥିଲେ। ସେହି ବର୍ଷ ଶେଷ ଆଡ଼କୁ ବିବେକାନନ୍ଦ ଯାଇଥିଲେ। ଦ୍ୱିତୀୟ ସାକ୍ଷାତ୍‌ରେ ରାମକୃଷ୍ଣଙ୍କ ବ୍ୟକ୍ତିତ୍ୱ, ତାଙ୍କୁ ଭଲ ଲାଗିଥିଲା ଏବଂ ସେ ବାରମ୍ବାର ଦେଖାକରିଥିଲେ। ଏହା ଦ୍ୱାରା ତାଙ୍କ ଜୀବନ ସଂପୂର୍ଣ୍ଣ ଭାବେ ବଦଳି ଯାଇଥିଲା। ତେବେ କିଛି ବି ହଠାତ୍ ଘଟି ନଥିଲା। ବିବେକାନନ୍ଦ ଭେଟୁଥିଲେ, ରାମକୃଷ୍ଣଙ୍କୁ ଶୁଣୁଥିଲେ। ହେଲେ, ମନରୁ ସଂଶୟ ଦୂର ହେଉ ନଥିଲା। ଏମିତି ବେଶ୍ କିଛି ବର୍ଷ କଟିଯାଇଥିଲା। ୧୮୮୪ରେ ବିବେକାନନ୍ଦ ପିତାଙ୍କୁ ହରାଇଲେ। ତାଙ୍କ ପରିବାରର ଆର୍ଥିକ ସ୍ଥିତି ବିଗିଡ଼ିଗଲା। ଏତେ ସମସ୍ୟା ସୃଷ୍ଟି ହେଲା ଯେ, ଭଗବାନଙ୍କ ଉପରୁ ଆସ୍ତା ହରାଇବା ପରି ଲାଗିଲା। ସେ ରାମକୃଷ୍ଣଙ୍କୁ ଭେଟି ଆର୍ଥିକ ସମସ୍ୟାର ସମାଧାନର ପନ୍ଥା ଜାଣିବାକୁ ଚାହିଁଲେ। ରାମକୃଷ୍ଣ ସେ ଦିନ କହିଥିଲେ, ତାଙ୍କ ହାତରେ କିଛି ନାହିଁ। ଯାହା ମାଗିବକୁ ଯାଇଥିଲେ ସତ, ପାର୍ଥିବ ଧନ ସଂପଦ ଆଦି ବଦଳରେ ମାଗି ବସିଲେ ଜ୍ଞାନ ଭକ୍ତି। ଉକ୍ତ ଘଟନାର କିଛି ଦିନ ପରେ ସେ ରାମକୃଷ୍ଣଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ। ୧୮୮୬ରେ ଗୁରୁଙ୍କ ମହାପ୍ରୟାଣ ପରେ, ତାଙ୍କର ମହାନ ବାଣୀର ପ୍ରଚାର ପାଇଁ ବରାନଗରରେ ପ୍ରଥମ ରାମକୃଷ୍ଣ ମଠ ପ୍ରତିଷ୍ଠା କରିଥିଲେ।

୧୮୯୯ ସେପ୍ଟେମ୍ବର ମାସରେ ସ୍ୱାମୀ ବିବେକାନନ୍ଦ କାଶ୍ମୀରରେ ଅମରନାଥଙ୍କ ଦର୍ଶନ ପରେ ଶ୍ରୀନଗରର କ୍ଷୀର ଭବାନୀ ମନ୍ଦିରରେ ପହଞ୍ଚିଲେ। ସେଠାରେ ସେ ମା' କାଳୀଙ୍କୁ ସ୍ମରଣ କରି ସମାଧି ନେଲେ। ଗୋଟିଏ ସପ୍ତାହ ପର୍ଯ୍ୟନ୍ତ ସେ ନବରାତ୍ରୀରେ ଏକାନ୍ତ ସାଧନା କରିଥିଲେ। ସ୍ୱାମୀଜୀ ପ୍ରତିଦିନ ବାଳିକା ରୂପରେ ମା'କାଳୀଙ୍କ ଦର୍ଶନ କରୁଥିଲେ ଏବଂ ତାଙ୍କର ପୂଜା କରୁଥିଲେ। ସ୍ୱାମୀ ବିବେକାନନ୍ଦ କହୁଥିଲେ, ବ୍ରହ୍ମ ଏବଂ କାଳୀ, ଈଶ୍ୱର ଏବଂ ତାଙ୍କ କ୍ରିୟାଶକ୍ତି ଅଗ୍ନି ଏବଂ ତାହାର ଦହନ ଶକ୍ତି ସମାନ ଏବଂ ଅଭେଦ୍ୟ। ସ୍ୱାମୀଜୀଙ୍କ ଗୁରୁ ରାମକୃଷ୍ଣ ପରମହଂସ ମୃତ୍ୟୁ ପୂର୍ବରୁ କହିଥିଲେ ନରେନ୍ କାଳୀ ମା' ତୋର ପ୍ରତିଟି ପଦକ୍ଷେପରେ ମାର୍ଗଦର୍ଶନ କରିବେ। ମୃତ୍ୟୁ ପର୍ଯ୍ୟନ୍ତ ମା'କାଳୀଙ୍କ ଉପସ୍ଥିତି ବୋଧ କରୁଥିଲେ ସ୍ୱାମୀଜୀ। ଏହି ଅଭିଜ୍ଞତାରୁ ସେ କାଳୀ ଦି ମଦର୍ କବିତା ଲେଖିଥିଲେ।

ସେ ଭାଗବତ ପ୍ରାପ୍ତି ନିମନ୍ତେ ସର୍ବଦା ବ୍ୟାକୁଳ ଥିଲେ। ଗୁରୁ ରାମକୃଷ୍ଣ ପରମହଂସଙ୍କୁ ଭେଟିବା ପରେ ସ୍ୱାମୀଜୀଙ୍କୁ ଜୀବନର ପରମଲକ୍ଷ୍ୟ ପ୍ରାପ୍ତ ହୋଇଥିଲା। ସ୍ୱାମୀଜୀ ସ୍ୱପ୍ନଦ୍ରଷ୍ଟା ଥିଲେ। ସେ ଏଭଳି ଏକ ସମାଜର କଳ୍ପନା କରିଥିଲେ, ଯେଉଁଠି ଧର୍ମ ଏବଂ ଜାତି ଆଧାରରେ ସାମାଜିକ ବିଭାଜନ ନଥିବ। ସେ ବେଦାନ୍ତ ସିଦ୍ଧାନ୍ତକୁ ଏହି ରୂପରେ ଦେଖିଥିଲେ। ବିବେକାନନ୍ଦ ଯୁବକଙ୍କ ପାଇଁ ନୂତନ ଆଶା ଥିଲେ। ବର୍ତ୍ତମାନର ଯୁବପୀଢ଼ି ପାଇଁ ଏହି ଓଜସ୍ୱୀ ସନ୍ନ୍ୟାସୀଙ୍କ ଜୀବନ ଏକ ପରମ ଆଦର୍ଶ। ଚିକାଗୋ ଧର୍ମ ସମ୍ମିଳନୀରେ ବିବେକାନନ୍ଦଙ୍କ ଓଜସ୍ୱିନୀ ଭାଷଣ ବିଶ୍ୱ ଦରବାରରେ ଭାରତ ଏବଂ ଭାରତର ଆଧ୍ୟାତ୍ମିକତାର ଛବିକୁ ଅଧିକ ଉଜ୍ଜ୍ୱଳ କରିଥିଲା। ମାତୃଭୂମିକୁ ସେ ଅତି ଭଲ ପାଉଥିଲେ। ଥରେ ବିଦେଶରୁ ଫେରିବା ସମୟରେ ଜାହାଜରୁ ଦୌଡ଼ି ଆସି ସ୍ୱାମୀଜୀ ଭାରତ ଭୂଖଣ୍ଡ ମାଟି ଛୁଇଁ ଆତ୍ମହରା ହୋଇପଡ଼ିଥିଲେ। ଯୁବକମାନଙ୍କ ନେଇ ସ୍ୱାମୀଜୀ ଅନେକ ଆଶା ରଖିଥିଲେ। ଉତ୍ସାହୀ, ଉଦ୍ୟମୀ ଯୁବକମାନେ ହିଁ ଭାରତର କଲ୍ୟାଣ କରିପାରିବେ ବୋଲି ବିବେକାନନ୍ଦ ମତ ରଖିଥିଲେ। ସେ ଯୁବକମାନଙ୍କୁ ଉଭୟ ଇଂରାଜୀ ଏବଂ ସଂସ୍କୃତ ଶିକ୍ଷା ଲାଗି ରହୁଥିଲେ। କାରଣ ଇଂରାଜୀ ଶିକ୍ଷା ଦ୍ୱାରା ସେମାନେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ଜ୍ଞାନ ଆହରଣ କରିପାରିବେ। ସଂସ୍କୃତ ଶିକ୍ଷା ସେମାନଙ୍କୁ ଭାରତୀୟ ଦର୍ଶନ ଏବଂ ମୂଲ୍ୟବୋଧ ସହିତ ପରିଚିତ କରାଇପାରିବ। ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀକୁ ଭାରତରେ ଜାତୀୟ ଯୁବ ଦିବସ ଭାବେ ପାଳନ କରାଯାଇଥାଏ।


ଦୂରଭାଷ : ୯୪୩୭୦୫୧୯୫୭/୯୩୩୮୧୦୦୮୩୭


# ଶତାୟୁ ହୀରାବେନ ଓ ଜୀବନ ମୂଲ୍ୟବୋଧ

॥ ଶରତ କୁମାର ସାହୁ ॥

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମା'ହୀରାବେନଙ୍କ ୧୦୦ ବର୍ଷର ସଂଘର୍ଷ ଭାରତୀୟ ଆଦର୍ଶର ଏକ ପ୍ରତୀକ। ମୋଦୀଜୀ ମାତୃଦେବୋଭବ ଏବଂ ହୀରାବେନଙ୍କ ମୂଲ୍ୟବୋଧକୁ ତାଙ୍କ ଜୀବନରେ ଗ୍ରହଣ କରିଛନ୍ତି। ମା' ହେଉଛି ଜଣେ ବ୍ୟକ୍ତି ଜୀବନର ପ୍ରଥମ ବନ୍ଧୁ ଏବଂ ଶିକ୍ଷକ। ମା'କୁ ହରାଇ ଦେବାର ଦୁଃଖ ଅବିଶ୍ୱସନୀୟ ଭାବେ ବିଶ୍ୱରେ ସବୁଠାରୁ ବଡ଼ ଯନ୍ତ୍ରଣା। ତାଙ୍କର ତ୍ୟାଗ ଏବଂ ତପସ୍ୱୀ ଜୀବନ ସବୁବେଳେ ପ୍ରତିଟି ଭାରତୀୟଙ୍କ ସ୍ମୃତିରେ ରହିବ। ଏଭଳି ଦୁଃଖ ସମୟରେ ସମଗ୍ର ଦେଶ ପ୍ରଧାନମନ୍ତ୍ରୀଙ୍କ ସହ ଅଛି। କୋଟି ଲୋକଙ୍କ ପ୍ରାର୍ଥନା ପ୍ରଧାନମନ୍ତ୍ରୀଙ୍କ ସହ ରହିଛି। ଜଣେ ମା'ର ମୃତ୍ୟୁ ଜଣଙ୍କ ଜୀବନରେ ଯେଉଁ ଶୂନ୍ୟସ୍ଥାନ ଛାଡ଼ିଯାଏ। ତାହା କେବେ ବି ପୂରଣ ହୋଇପାରେନା। ସେ ଜଣେ ଶତାୟୁ ଥିଲେ ଯିଏ ସମ୍ପୂର୍ଣ୍ଣ ଜୀବନ ଜିଇଁଛନ୍ତି। କିନ୍ତୁ ମା' ସବୁବେଳେ ପାଖରେ ରହି ଶକ୍ତି ଦେଉଥାଉ ବୋଲି ଜଣେ ଚାହାନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମା'ହୀରାବେନ ମୋଦୀଙ୍କ ଜୀବନ ଅତି ସରଳ ଓ ନିରାଡ଼ମ୍ବର ଥିଲା। ଚଳିତବର୍ଷ ଜୁନ ୧୮ ତାରିଖରେ ହୀରାବେନ ୧୦୦ ବର୍ଷ ବୟସରେ ପଦାର୍ପଣ କରିବା ସମୟରେ ମୋଦିଜୀ ତାଙ୍କ ମା'ଙ୍କ ପାଦ ଧୋଇ ଆଶୀର୍ବାଦ ନେଇଥିଲେ। ମା'ଙ୍କ ୧୦୦ତମ ଜନ୍ମଦିନରେ ମୋଦିଜୀ ଏକ ଭାବପ୍ରବଣ ବ୍ଲଗ ଲେଖିଥିଲେ। ଏଥିରେ ସେ ତାଙ୍କ ମା'ଙ୍କ ସରଳ ଜୀବନ ବିଷୟରେ ଲେଖିଥିଲେ। ମୋଦୀଙ୍କ ଏହି ପୁରୁଣା ବ୍ଲଗ ପୁଣିଥରେ ଭାଇରାଲ ହେବାରେ ଲାଗିଛି। ମୋଦିଜୀ ଲେଖିଥିଲେ ମୋ ମା' ଅତି ସରଳ ଏବଂ ଅସାଧାରଣ। ଉତ୍ତର ଗୁଜୁରାଟର ମେହସନା ଜିଲ୍ଲା ଅଧୀନସ୍ଥ ବିସନଗର ଗ୍ରାମରେ ଏକ ଗରିବ ପରିବାରରେ ସେ ଜନ୍ମ ହୋଇଥିଲେ। ଖୁବ କମ ବୟସରେ ନିଜ ମା'ଙ୍କୁ ହରାଇ ଦେବାପରେ ମୋ ମାଙ୍କୁ ବୟସରେ ସେ ବଡ଼ନଗରର ଦାମୋଦରଦାସଙ୍କୁ ବିବାହ କରିଥିଲେ।

ପରିବାରର ଆର୍ଥିକ ସ୍ଥିତି ଭଲ ନଥିବାରୁ ସହାୟତା ଦେବା ପାଇଁ ହୀରାବେନ ନିଜେ କାମ କରିବା ଆରମ୍ଭ କଲେ। ସେ ତୁଳା ଫ୍ୟାକ୍ଟ୍ରିରେ କାମ କରୁଥିଲେ ଏବଂ ଅନ୍ୟ ଘରେ ବାସନ ସଫା କରୁଥିଲେ। ତାଙ୍କ ଦୈନିକ ରୋଜଗାର ୪.୫ଟଙ୍କା ଥିଲା। ଖୁବ କମ ପାଖ ପଢ଼ିଥିଲେ ମଧ ସେ ନିଜ ପିଲାମାନଙ୍କୁ ପାଠ ପଢ଼ାଇବା ପାଇଁ ଚାହିଁଥିଲେ। ପିଲାମାନଙ୍କ ପାଠପଢ଼ା ପାଇଁ ନିଜେ ସବୁ ଖର୍ଚ୍ଚ ବହନ କରୁଥିଲେ। ମୋଦୀ ଏକ ଉଦାହରଣ ଦେଇ କହିଛନ୍ତି, ଥରେ ତାଙ୍କ ଘରର ଅସ୍ଥାୟୀ ଛାତ ସଜାଡ଼ିବା ଦରକାର ପଡ଼ିଥିଲା। ତାଙ୍କ ମା'ନିଜେ ଘରେ ଉପରେ ଚଢ଼ି ଏହି କାମ କରିଥିଲେ। ସେମାନେ ସେ ସମୟରେ ମାଟି ଘରେ ରହୁଥିଲେ। ଅସରାଏ ବର୍ଷା ହେଲେ ଘରେ ପାଣି ଲହଡ଼ା ମାରୁଥିଲା। କିନ୍ତୁ ହୀରାବେନ ବହୁ ସଂଘର୍ଷ କରି ପରିବାର ଚଳାଇଥିଲେ। ନିଜର ୫ ପୁଅ ଏବଂ ଏକମାତ୍ର ଝିଅକୁ ସେ ଅତି ଶୃଙ୍ଖଳିତ ଭାବେ ବଢ଼ାଇଛନ୍ତି।

ଭାରତର ପ୍ରିୟ ଦୃଢ଼ ଓ ସଫଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରମାପୂଜ୍ୟନୀୟା ମାତାଙ୍କ ବିୟୋଗ ଏକ ଅପୂରଣୀୟ କ୍ଷତି। ତାଙ୍କ ଜୀବନ ମୂଲ୍ୟବୋଧ ପାଇଁ ଉତ୍ସର୍ଗୀକୃତ ଥିଲା। ଅତି ଜଟିଳ ସମୟରେ ଭଗବାନଙ୍କ ଉପରେ ଅତୁଟ ବିଶ୍ୱାସ ଓ ତାଙ୍କର ବଳିଷ୍ଠ ନିଷ୍ଠ ଓ ମୂଲ୍ୟବୋଧ ପାଇଁ ପୂଜ୍ୟନୀୟା ହୀରାବେନଙ୍କ ଜୀବନ ଏକ ଉଦାହରଣ। ତାଙ୍କର ଅମର ଆତ୍ମାକୁ ଶାନ୍ତି ମିଳୁ।


'ଉପକରଣ ହାଉସ', ଚଣ୍ଡୀଖୋଲ, ଯାଜପୁର, ଦୂରଭାଷ : ୯୪୩୭୦୫୧୫୪୩

# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା




## ଦେବଗଡ଼ ଜିଲ୍ଲାର ଠାକୁର ପାଲି ଓ କୁଲ୍ ସୁରା ଗାଁକୁ ପ୍ରଧାନ ମନ୍ତ୍ରୀ ଆଦର୍ଶ ଗ୍ରାମ ଘୋଷଣା



ଦେବଗଡ, (ମହାଭାରତ) : ବୁଧ ବାର ଦିନ ଦେବଗଡ଼ ଜିଲ୍ଲା ପ୍ରଶାସନ ଏବଂ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ଆଜି ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ବାରକୋଟ ବ୍ଲକର ଅନୁସୂଚିତ ଜାତି ଅଧ୍ୟୁଷିତ ୨ ଗୋଟି ଗ୍ରାମରେ ଯଥା ମଧୁପୁର ପଞ୍ଚାୟତର କୂଲୁସରା ଓ ଝରାକଣ୍ଢଳ ପଂଚାୟତର ଠାକୁରପାଲି ଗ୍ରାମ କୁ ଆଦର୍ଶ ଗ୍ରାମ ଭାବେ ଘୋଷଣା କରାଯାଇଛି। ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ଭାବେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ, ମୁଖ୍ୟ ଅତିଥି ଭାବେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ସମ୍ବଲପୁର ସଂସଦଙ୍କ ବାରକୋଟ ବ୍ଲକ୍ ପ୍ରତିନିଧି ହରମୋହନ ପାଣି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୂର୍ଯ୍ୟକାନ୍ତ ବରିହା ଓ ଗ୍ରାମ ପଞ୍ଚାୟତ ସରପଞ୍ଚ ଓ ଅନ୍ୟ ନିର୍ବାଚିତ ପ୍ରତିନିଧିଗଣ ଯୋଗଦେଇ ଆଦର୍ଶ ଗ୍ରାମ ଭାବେ ଘୋଷଣା କରିଥିଲେ । ପ୍ରକାଶ ଥାଉ କି ଆଦର୍ଶ ଗ୍ରାମ ଯୋଜନାରେ ଏହି ୨ ଗ୍ରାମକୁ ୪ ୦ ଲକ୍ଷ ଲେଖାଏ ଆର୍ଥିକ ଅନୁଦାନ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିଲା। ଏହି ଅର୍ଥରେ ବିଭିନ୍ନ ଆବଶ୍ୟକୀୟ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପନ୍ନ କରାଯିବ ଓ ଅତିଥିମାନେ ଏହି ଯୋଜନାରେ କରାଯାଇଥିବା ସମସ୍ତ ପ୍ରକଳ୍ପ ଗ୍ରାମରେ ଭିତ୍ତି ଭୂମି ଅଭାବଜନିତ ସମସ୍ୟା ଦୂର କରିବେ ବୋଲି ମତପୋଷଣ କରିଥିଲେ । ତତସହିତ ବିକାଶର ଧାରା ଆଗକୁ ଜାରି ରହିବ ବୋଲି ପ୍ରକାଶ କରିଥିଲେ । ସଭା ପ୍ରାରମ୍ଭରେ ଗ୍ରାମବାସୀ ସମସ୍ତ ଅତିଥିମାନଙ୍କୁ ସ୍ୱାଗତ କରି ସଭା ସ୍ଥଳକୁ ପାଛୋଟି ନେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ଅଧିକାରୀ କର୍ମଚାରୀ, ଗ୍ରାମବାସୀ, ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ପୁହାଣ ଧନ୍ୟବାଦ ଦେଇ ସଭା ଭଙ୍ଗ କରିଥିଲେ।

## ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଶିବିର: ଦୁଇ ଦିନରେ ୫୫୨ ରୋଗୀଙ୍କୁ ବିଶେଷଜ୍ଞ ସେବା



ନବରଙ୍ଗପୁର, (ମହାଭାରତ) : ଓଡ଼ିଶା ସରକାରଙ୍କ ଜନମୁଖୀ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ "ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା " ଅନ୍ତର୍ଗତ ଏକ ମେଗା ମଲ୍ଟି-ସ୍ପେସିଆଲିଟି ସ୍ୱାସ୍ଥ୍ୟ ଶିବିର ୦୯.୦୬.୨୦୨୬ ରୁ ୧୨.୦୬.୨୦୨୬ ପର୍ଯ୍ୟନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ନବରଙ୍ଗପୁର ପରିସରରେ ଅନୁଷ୍ଠିତ ହେଉଛି। ଏହି ଶିବିର ମାଧ୍ୟମରେ ଜିଲ୍ଲାବାସୀଙ୍କୁ ସେମାନଙ୍କ ଦ୍ୱାରପ୍ରାନ୍ତରେ ଉଚ୍ଚସ୍ତରୀୟ ବିଶେଷଜ୍ଞ ସ୍ୱାସ୍ଥ୍ୟସେବା ପହଞ୍ଚାଇବାର ଉଦ୍ଦେଶ୍ୟ ରହିଛି। ଶିବିରର ପ୍ରଥମ ଦିନରେ ସାଧାରଣ ଶଲ୍ୟ ଚିକିତ୍ସା, ଅସ୍ଥିରୋଗ, ଚକ୍ଷୁରୋଗ, ହୃଦରୋଗ ସମେତ ବିଭିନ୍ନ ବିଶେଷଜ୍ଞ ବିଭାଗର ଡାକ୍ତରମାନେ ୨୫୦ରୁ ଅଧିକ ରୋଗୀଙ୍କୁ ପରାମର୍ଶ ଓ ଚିକିତ୍ସା ସେବା ପ୍ରଦାନ କରିଥିଲେ। ସେହିପରି ଶିବିରର ଦ୍ୱିତୀୟ ଦିନରେ ୩୦୨ ଜଣ ରୋଗୀ ବିଭିନ୍ନ ବିଶେଷଜ୍ଞଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ପରାମର୍ଶ ଗ୍ରହଣ କରିଥିଲେ। କେବଳ ବିଶେଷଜ୍ଞ ପରାମର୍ଶ ନୁହେଁ, ରୋଗୀମାନଙ୍କ ପାଇଁ ଆବଶ୍ୟକୀୟ ନିଦାନାତ୍ମକ ପରୀକ୍ଷା ଯଥା ରକ୍ତ ପରୀକ୍ଷା, ଅଲ୍ଟ୍ରାସାଉଣ୍ଡ, ଇସିଜି ଓ ଅନ୍ୟାନ୍ୟ ତଦନ୍ତ ସୁବିଧା ମଧ୍ୟ ଉପଲବ୍ଧ କରାଯାଇଥିଲା। ଏହା ଦ୍ୱାରା ଦୂରଦୂରାନ୍ତର ରୋଗୀମାନେ ବଡ଼ ବଡ଼ ସହରକୁ ନଯାଇ ନିଜ ଜିଲ୍ଲାରେ ହିଁ ଉନ୍ନତ ଚିକିତ୍ସା ସେବା ଓ ସ୍ୱାସ୍ଥ୍ୟ ପରୀକ୍ଷାର ସୁବିଧା ପାଇପାରିଛନ୍ତି। ବିଭିନ୍ନ ବିଶେଷଜ୍ଞ ବିଭାଗର ଡାକ୍ତର, ପାରାମେଡିକାଲ କର୍ମଚାରୀ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନର ସମନ୍ୱିତ ପ୍ରୟାସରେ ଶିବିରଟି ଚାଲିଥିବା ବେଳେ ଆଗାମୀ ଦିନରେ ଅଧିକ ସଂଖ୍ୟକ ରୋଗୀ ଏହାର ସୁବିଧା ନେବେ ବୋଲି ଆଶା କରାଯାଉଛି।

## ସଂସ୍କାର ଅଧାରୁ ଫେରିଲା ଶବ ଜବତ କଲା ନନ୍ଦିପଦା ପୋଲିସ



ହାଟଡିହ, (ମହାଭାରତ) : କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ଶାଳକଣିଆଁ ଗ୍ରାମରେ ଜଣେ ମହିଳାଙ୍କୁ ବିଷ ଦେଇ ମାରି ଦେଇଥିବା ଅଭିଯୋଗ ରେ ପୋଲିସ ଶବକୁ ଜବତ କରିଛି । ବ୍ୟବଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ମେଡିକାଲକୁ ପଠାଇଥିବା ବେଳେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି । ଖବର ପାଇ ଆନନ୍ଦପୁର ଏସଡିପିଓ କମଳ କୁମାର ପଣ୍ଡା ଏବଂ ଥାନାଧିକାରୀ ଧର୍ମେନ୍ଦ୍ର ଶାନ୍ତି ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି । ସୂଚନାରୁ ଜଣାଯାଇଛି ଯେ ତୁମ୍ବାବଣି ପାଟଣା ଗ୍ରାମର ଭୀମସେନ ରାଉତ ଏବଂ ଜୟନ୍ତୀ ଲତା ରାଉତଙ୍କ ଝିଅ ଉଷାରାଣୀ (୩୮) ଦୀର୍ଘ ୧୭ ବର୍ଷ ପୂର୍ବେ ଶାଳକଣିଆଁ ଗ୍ରାମର ଚତୁର୍ଭୁଜ ରାଉତଙ୍କ ପୁଅ ପ୍ରଦୀପ ରାଉତଙ୍କୁ ବିବାହ କରିଥିଲେ । କୌଣସି କାରଣରୁ ଗତ ମଙ୍ଗଳବାର ଉଷାରାଣୀ ବିଷ ଖାଇ ଦେଇଥିଲେ । ତାଙ୍କୁ ପ୍ରଥମେ ଶାଳନିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପରେ କଟକ ମେଡିକାଲ ନିଆଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । କିନ୍ତୁ ଶବ ବ୍ୟବଚ୍ଛେଦ କରାନଯାଇ ଗ୍ରାମକୁ ଶବ ଅଣାଯାଇଥିଲା । ଉଷାରାଣୀଙ୍କ ମା ଜୟନ୍ତୀଲତା କହିଛନ୍ତି ଯେ ମୋ ଝିଅକୁ ନିର୍ଯାତନା ସହ ବିଷ ଦେଇ ମାରି ଦେଇଛନ୍ତି । ଖବର ପାଇ ପ୍ରଥମେ ଶବ ଜବତ ସହ ବ୍ୟବଚ୍ଛେଦ କରାଯିବା ପାଇଁ ପଦକ୍ଷେପ ନିଆଯାଉଛି । ଅଭିଯୋଗ ହେବା ପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ପୋଲିସଙ୍କ ମିଳି ଭଗତରେ ଚାଲିଛି କି ଜୁଆଖେଳ




ରାଇଘର, (ମହାଭାରତ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର କୁନ୍ଦେଇ ପୋଲିସ ପ୍ରଶାସନ ଆଇନ ବେବସ୍ଥାକୁ ଚିର୍ଣ୍ଣ କରୁଛନ୍ତି। ଏବଂ କୁନ୍ଦେଇ ପୋଲିସ ଜାଣିଶୁଣି ନଜାଣିଲା ଭଳି ଅଭିନୟ କରୁଥିବା ଖବର ଜୋର୍ ଧରିଛି। ବାରମ୍ବାର ଖବର ପ୍ରସାରଣ ହେଲା କିନ୍ତୁ। ଯୁଆଡିକୁ ରଖିବାରେ ଅସମର୍ଥ କୁନ୍ଦେଇ ପୋଲିସ। ଏହା କିଭଳୀ ଆଇନ ବେବସ୍ଥା। ଲୋକେ ଭାବନ୍ତି ଖବର ପ୍ରସାରଣ ହେଲେ ହେଲା ପରେବି ଯୁଆଡିଙ୍କୁ ରଖିବାରେ ଅସମର୍ଥ ପୋଲିସ୍ ପ୍ରସାସନ ଗୋଟେପଟେ ସଚେତନତା କାର୍ଯ୍ୟକର୍ମ କରାଉଛନ୍ତି ସତ କିନ୍ତୁ ସଚେତନ କରାଇବାରେ ବିଫଳ । ଏହାର ଏକ ଜ୍ୱଳନ୍ତା ଉଦାହରଣ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲାର ସୀମାନ୍ତ କୁନ୍ଦେଇ ଅଞ୍ଚଳରେ,କୁନ୍ଦେଇ ପୋଲିସଙ୍କୁ ଖୁଲମ ଖୁଲା ଚାଲେଞ୍ଜ ଦେଇ ସକ୍ରିୟ ହୋଇ ଉଠିଛନ୍ତି ଯୁଆଡିମାନେ ! ହେଲେ କାହିଁକି କୁନ୍ଦେଇ ପୋଲିସ ପ୍ରଶାସନ ନିରବ ଦ୍ରଷ୍ଟା ସାଜିଛି। କୁନ୍ଦେଇ ରାଇଘର ବ୍ଲକର ଏକ ଆଦିବାସୀ ଅଦ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ କୁନ୍ଦେଇ ପୋଲିସଙ୍କ ସଚେତନତା ଅଭାବ ଯୋଗୁଁ ଛତିଶଗଡ଼ ଯୁଆଡି ଓଡ଼ିଶା ମୁହାଁ। ଏବଂ ଏଠାରେ ବସବାସ କରୁଥିବା ଗରୀବ ଶ୍ରେଣୀର ଲୋକ ମାନେ। ଅନେକ ସମୟରେ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି ଯୁବଗୋଷ୍ଠି କେତେ ବେଳେ ତୋ ମଦ ପିଇ ମାତାଲ ରହୁଥିବା ବେଳେ ଏହାର ସୁଯୋଗ ନେଇ ଜୁଆ ମାଫିଆ ମାନେ ଲୁଟ କରୁଥିବା ଦୃଶ୍ୟ ଦେଖିବାକୁ ମିଳିଛି। ଏବଂ ଅତି ଦୁଃଖର କଥା କୁନ୍ଦେଇ ଥାନା ଅଞ୍ଚଳ ର ସାପ୍ତାହିକ ବଜାର ଦିନଗୁଡିକ ହେଲା ଦିନ, ସୋମବାର ସର୍ଗିପାରା , ବୁଧବାର ଦିନ ହୀରୀ ,ଶନିବାର ଦିନ ଆଦିପାରା ,ଏହିବଜାର ମାନଙ୍କରେ ଦିନ କୁ ଦିନ ଯୁଆଡ଼ି ମାନଙ୍କ ଭିଡ଼ ଜମୁଥିବା ବେଳେ ନିରୀହ ଖଟିଖିଆ ଜୁଆ ଖେଳି ସର୍ବହରା ହୋଇ ମଦ ପିଇ ମାତାଲ ହୋଇ ଘରକୁ ଫେରୁଥିବା ଦୃଶ୍ୟ ସାମ୍ନାକୁ ଆସିଛି।ଘରେ ପହଁଚିଲା ମାତ୍ରକେ ମହାଭାରତ କୁରୁକ୍ଷେତ୍ରର ଯୁଦ୍ଧ ଭଳୀ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଥିବା ଖବର ଆସୁଛି।ଏହି ଏହି ସାପ୍ତାହିକ ବଜାର ମାନଙ୍କରେ ପସରା ମେଲେଇ ବସୁଥିବାର ଲୋକ ଜଣଙ୍କ ହେଲେ ଭଗବାନସିଂ ମାୟାରାମ ଏହି ଦୁଇ ଜଣ ବେକ୍ତୀ ପୋଲିସକୁଆମେ ମାସକୁ ପଇସା ଦଉଚୁ ତୁମେ ଆମର କିଛି କରିପାରିବ ନାହିଁ ବୋଲି କହୁଛନ୍ତି। ଏବଂ ଖୁଲୁମ୍ ଖୁଲା ପସରା ମେଲେଇ ୱାଟସପ୍ ଗ୍ରୁପ ମାଧ୍ୟମରେ ଛତିଶଗଡ଼ ଏବଂ ଓଡ଼ିଶାର ଲକମାଙ୍କୁ ଖବର ଦିଅନ୍ତି ଆଉ ଶୋଷଣ କରିବାକୁ ଯୋଜନା ମୁତାବକ ଯୁଆ ଖେଳାନ୍ତି। ଗୋଟେପୋଟେ ଆଦିବାସୀ ଖଟିଖିଆ ଘରୁ ଧାନ, ମକା, ଚାଉଳ,ଟଙ୍କା ପଇସା ଓ ଅନ୍ୟାନ୍ୟ ସାମଗ୍ରୀ ନିଜ ଘରୁ ଚୋରି କରି ଜୁଆରେ ବାଜି ଲଗେଇ ମୁହଁ ଶୁଖାଇଘରେ ଫେରନ୍ତି। ଏହି ସଭୁଘଟଣା କୁ ପୋଲିସ୍ ସବୁ ଜାଣି ଶୁଣି ଯୁଆଡ଼ି ମାନଙ୍କ ସହ ସଲା ସୁତୁରା ରେ ଜୁଆ ଖେଳ ଛନ୍ତି ବୋଲି ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ପୋଲିସ ପ୍ରଶାସନ ଯୋଦି ଜୁଆଡି ମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠନ ନନିଅନ୍ତି ଥାହା ହେଲେ ଏମିତି ଯଦି ଯୁଆଖେଳ ଛାଲୁରହେ ତା ହେଲେ ଖଟିଖିଆ ନିରୀହ ଆଦିବାସୀ ସର୍ବହରା ଦିଗକୁ ଗତି କରିବେ ଏବଂ ଚୋର ଡକାୟତ ହେବାକୁ ପରିସ୍ଥିତି ବାଧ୍ୟକରିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଦେବର୍ଷି ନାରଦ ଜୟନ୍ତୀ ସମାରୋହ



ପାରାଦୀପ, (ମହାଭାରତ) : ବିଶ୍ୱ ସମ୍ବାଦ କେନ୍ଦ୍ର ଜଗତସିଂହପୁର ଜିଲ୍ଲା ପକ୍ଷରୁ ବୁଧବାର ଦିନ ବିଶ୍ୱର ଆଦ୍ୟ ସାମ୍ବାଦିକ ଦେବର୍ଷି ନାରଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ପାରାଦୀପ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଅପରାହ୍ନରେ ଜୟନ୍ତୀ ସମାରୋହ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିଲେ ଜିଲ୍ଲା ପ୍ରଚାର ପ୍ରମୁଖ ତାପସ କୁମାର ଦାଶ । ବରିଷ୍ଠ ସାମ୍ବାଦିକ ଶୁକଦେବ ଜେନା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପ୍ରାନ୍ତ ପ୍ରଚାର ପ୍ରମୁଖ ସୁମନ୍ତ କୁମାର ପଣ୍ଡା ଯୋଗ ଦେଇ ସମାଜ ସଂଘ ସଙ୍ଗଠନର ନୁହେଁ ବରଂ ସମାଜର ସଙ୍ଗଠନ ବୋଲି କହିଥିଲେ । ଏହି ଅବସରରେ ପାରାଦୀପର ତିନି ଜଣ ଗଣମାଧ୍ୟମ ପ୍ରତିନିଧିଙ୍କୁ ବିଶ୍ୱ ସମ୍ବାଦ କେନ୍ଦ୍ର ଜଗତସିଂହପୁର ଜିଲ୍ଲା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶଶାଙ୍କ ଶେଖର ଆଚାର୍ଯ୍ୟଙ୍କୁ ପାରାଦୀପ ନଗର ସାମ୍ବାଦିକ ସମ୍ପର୍କ ପ୍ରମୁଖ ଭାବେ ଚୟନ କରାଯାଇଥିଲା । ଅଧିବକ୍ତା ପରିଷଦ ଜିଲ୍ଲା ସମ୍ପାଦକ ସମ୍ପାଦକ ରବିନ୍ଦ୍ର କୁମାର ଜେନା କାର୍ଯ୍ୟକ୍ରମ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ପାରାଦୀପର ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଏହି ଦେବର୍ଷି ନାରଦଙ୍କ ଜୟନ୍ତୀ ସମାରୋହରେ ଉପସ୍ଥିତ ଥିଲେ।

## କଣ୍ଟିଲୋ ନୀଳମାଧବ ପୀଠରେ ବିଜେପି ପକ୍ଷରୁ ପୂଜାର୍ଚ୍ଚନା ମୋଦି ସରକାରଙ୍କ ସଫଳତା ପାଇଁ ଆଶୀର୍ବାଦ ଭିକ୍ଷା



ଗଣିଆ/କଣ୍ଟିଲୋ, (ମହାଭାରତ): କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କ୍ରମାଗତ ଭାବେ ତୃତୀୟ ଥର ପାଇଁ ଏନଡିଏ ସରକାର ଗଠନ ହୋଇଥିବାରୁ ଦେଶବ୍ୟାପୀ ଉତ୍ସାହର ମାହୋଲ ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ, ମୋଦି ସରକାରଙ୍କ ସଫଳତା ଓ ଜନକଲ୍ୟାଣକାରୀ ଯାତ୍ରାର ନିରନ୍ତରତା ପାଇଁ ପ୍ରସିଦ୍ଧ ଶ୍ରୀ ନୀଳମାଧବ ପୀଠରେ ଏକ ବିଶେଷ ପୂଜାର୍ଚ୍ଚନା ଓ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ନେତୃତ୍ୱରେ କଣ୍ଟିଲୋ ନୀଳମାଧବ ମନ୍ଦିର ପରିସରରେ ଏହି ଭବ୍ୟ ପୂଜାର୍ଚ୍ଚନାର ଆୟୋଜନ କରାଯାଇଥିଲା। ବିଧାୟକ ଶ୍ରୀ ସ୍ୱାଇଁ ଶ୍ରୀଜୀଉଙ୍କ ଦର୍ଶନ କରିବା ସହ ଦେଶର ପ୍ରଗତି ଓ ସମୃଦ୍ଧି ପାଇଁ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପ୍ରଭାରୀ ସୁରତ ବିଶ୍ୱାଳ, ଜିଲ୍ଲା ସାଂସଦଙ୍କ ପ୍ରତିନିଧି ଗୟାଧର ପରିଡା, ବରିଷ୍ଠ ବିଜେପି ନେତା ଅଖିଳ କୁମାର ମହାରଣା, କଣ୍ଟିଲୋ ମଣ୍ଡଳ ସଭାପତି ଟିଟନ ସାହୁ, ବିଭିର୍ନ ପଂଚାୟତରୁ ଆସିଥିବା ଦଳିତ କର୍ମୀ, ଖଣ୍ଡପଡ଼ା ଅଞ୍ଚଳର ସମସ୍ତ ପ୍ରମୁଖ କାର୍ଯ୍ୟକର୍ତ୍ତା ଓ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ମୋଦି ସରକାରଙ୍କ ଦୀର୍ଘ ବର୍ଷର ଜନହିତକର କାର୍ଯ୍ୟ ଏବଂ ଐତିହାସିକ ସଫଳତାକୁ ନେଇ ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ମନ୍ଦିର ପରିସରରେ ହରିବୋଲ ଓ ଜୟ ଶ୍ରୀରାମ ଧ୍ୱନିରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହି ଅବସରରେ ସ୍ଥାନୀୟ ଶ୍ରଦ୍ଧାଳୁ ଓ ଜନସାଧାରଣ ମଧ୍ୟ ସାମିଲ ହୋଇଥିଲେ ।

## ସ୍ଥାୟୀ ବିଦ୍ୟୁତ ସେବା ଦାବିରେ ଦଶପଲ୍ଲାରେ ଗଣ ଶୋଭାଯାତ୍ରା




ଦଶପଲ୍ଲା, ୧୦/୦୬(ମହାଭାରତ): ଦଶପଲ୍ଲା ଅଞ୍ଚଳରେ ଦୀର୍ଘଦିନ ଧରି ଲାଗି ରହିଥିବା ବିଦ୍ୟୁତ ସମସ୍ୟାର ସ୍ଥାୟୀ ସମାଧାନ ଏବଂ ନିରବଚ୍ଛିନ୍ନ ବିଦ୍ୟୁତ ସେବା ପ୍ରଦାନ ଦାବିରେ ବିଦ୍ୟୁତ ଉପଭୋକ୍ତା ସଂଘ ପକ୍ଷରୁ ବୁଧବାର ଏକ ବିଶାଳ ଗଣ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏଥିରେ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ଶତାଧିକ ବିଦ୍ୟୁତ ଉପଭୋକ୍ତା ଯୋଗଦେଇ ନିଜର ଦାବି ଉପସ୍ଥାପନ କରିଥିଲେ।ଶୋଭାଯାତ୍ରାଟି ସ୍ଥାନୀୟ ଅଞ୍ଚଳରୁ ବାହାରି ସହର ପରିକ୍ରମା କରି ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ଉପସ୍ଥିତ ପ୍ରତିନିଧିମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର କୌଣସି କାରଣରୁ ଉପସ୍ଥିତ ନ ଥିବା ବେଳେ ଏନ ଏ ସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି ଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଅଞ୍ଚଳରେ ଘନଘନ ବିଦ୍ୟୁତ କାଟ, ଲୋ - ଭୋଲ୍ଟେଜ ସମସ୍ୟା, ବିଦ୍ୟୁତ ଭିତ୍ତିଭୂମିର ଉନ୍ନତି ସହ ସ୍ଥାୟୀ ବିଦ୍ୟୁତ ସେବା ସୁନିଶ୍ଚିତ କରିବାକୁ ଦାବି କରାଯାଇଥିଲା। ଇତ୍ୟବସରରେ ବିଦ୍ୟୁତ ବିଭ୍ରାଟ ଯୋଗୁଁ ଛାତ୍ରଛାତ୍ରୀଙ୍କ ପାଠପଢ଼ା, ବ୍ୟବସାୟିକ କାର୍ଯ୍ୟକଳାପ ଓ ଦୈନନ୍ଦିନ ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହେଉଥିବା ବକ୍ତା ମାନେ ମତବ୍ୟକ୍ତ କରିଥିଲେ । ବାରମ୍ବାର ଅଭିଯୋଗ ସତ୍ତ୍ୱେ ସମସ୍ୟାର ସମାଧାନ ନ ହେବାରୁ ଜନଅସନ୍ତୋଷ ବୃଦ୍ଧି ପାଉଥିବା ସେମାନେ ପ୍ରକାଶ କରିଥିଲେ। ସରକାର ଏବଂ ସମ୍ପୃକ୍ତ ବିଦ୍ୟୁତ ବିଭାଗ ତୁରନ୍ତ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଇ ସ୍ଥାୟୀ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଅଧିକ ଜୋରଦାର କରାଯିବ ବୋଲି ବିଦ୍ୟୁତ ଉପଭୋକ୍ତା ସଂଘ ପକ୍ଷରୁ ଚେତାବନୀ ଦିଆଯାଇଥିଲା।

## ଉଦଳାରେ ପେଟ୍ରୋଲର ଅଭାବ



କପ୍ତିପଦା, (ମହାଭାରତ) : ପେଟ୍ରୋଲର କୁତ୍ରିମ ଅଭାବ। ପେଟ୍ରୋଲ ଅଭାବ ଯୋଗୁ ଅନେକ ଅସୁବିଧା ରେ ସମ୍ମୁଖୀନ ହେଉଛନ୍ତି ଗ୍ରାହକ। ମୟୁରଭଞ୍ଜ ଜିଲ୍ଲା ଉଦଳା ରେ ବିଭିନ୍ନ ପେଟ୍ରୋଲ ପମ୍ପ ରେ ପେଟ୍ରୋଲ ନଥିବା ଦେଖିବାକୁ ମିଳିଛି। ୩ ଦିନ ହେବ ପେଟ୍ରୋଲ ପମ୍ପ ରେ ପେଟ୍ରୋଲ ନଥିବା କହିଛନ୍ତି ଗ୍ରାହକ। ତେବେ ଇଣ୍ଡିଆନ, ଏସାର ଓ ରିଲାନ୍ସ ପେଟ୍ରୋଲ ପମ୍ପ ରେ ପେଟ୍ରୋଲ ନଥିବା ସମସ୍ୟା ଭୋଗୁଛନ୍ତି ଲୋକେ। ପେଟ୍ରୋଲ ନଥିବାରୁ ପେଟ୍ରୋଲ ପମ୍ପ ଖାଁ ଖାଁ ଦେଖିବାକୁ ମିଳିଛି ! ତେବେ ଆଗକୁ ପେଟ୍ରୋଲ ସମସ୍ୟା ଦେଖାଦେଲେ ଯାତାୟାତ ରେ ଅନେକ ଅସୁବିଧା ହେବା ର ଆଶଙ୍କା କରା ଯାଉଛି। ଗୋଟେ ପଟେ ସରକାର ପେଟ୍ରୋଲ ପର୍ଯ୍ୟାପ୍ତ ପରିମାଣରେ ମହଜୁତ ଅଛି କହିଥିବା ବେଳେ ଦିନକୁ ଦିନ ପେଟ୍ରୋଲ ସମସ୍ୟା ବଢିବାରେ ଲାଗିଛି।

## ଗଜପତିରେ ଆନ୍ଧ୍ର ବିହନ ପ୍ରଚୁର ବିକ୍ରି

ଗଜପତି, (ମହାଭାରତ) : ଜିଲ୍ଲାରେ ବର୍ତ୍ତମାନ୍ ଖରିଫ ଧାନ ଚାଷ ସକାଶେ ଚାଷୀ ଧାନ ବିହନ କ୍ରୟ କରି ଲାଣି ସେ ପୁଣି ଧାନ ବିହନ ଆନ୍ଧ୍ରର, ଜିଲ୍ଲାରେ ବହୁଳ ଧାନ ଚାଷ ଗୁମା, କାଶୀନଗର, ଗୋସାଣୀ ରେ ହୋଇଥାଏ। ଚାଷୀ ବହୁଳ ଧାନ ଆନ୍ଧ୍ର ବିହନ କ୍ରୟ କରୁଛନ୍ତି , ସହର ର ବିଭିନ୍ନ ଫେଟ ଲାଇଜାର ଦୋକାନ, ଓ ଡି ଲ ର ଗୁଡ଼ିକ ଆନ୍ଧ୍ର ବିହନ ଟ୍ରକ୍ ଟ୍ରକ୍ ଆଣି ଚ ଡ। ଦରରେ ବିକ୍ରି କରୁଛନ୍ତି କିନ୍ତୁ ଚାଷୀ ଙ୍କୁ ମନି ରି ସ ପ ଟ ଦିଆ ଯାଉ ନାହିଁ। ଯାହା ଫଳ ରେ ଚାଷୀ ଧାନ କ୍ରୟ କରିଥିବା ବିହନ ଅସୁବିଧା ହେଲେ ଗୁହାରି କାହାକୁ କରିବ। ମନି ରେସିପ୍ଟ ନ ଥିଲେ। କୃଷି ବିଭାଗ ଏହି ବିଷୟ ରେ ଚାଷୀ ଙ୍କୁ ସ ଚେ ତନ ତ। କରିବା କଥା କୃଷି ବିଭାଗ ସବୁ ଜାଣି ଚୁପ୍ ବସିଛି। ବିଭାଗ କୁ ଅବ ଗତ କରିଲେ ମଧ୍ୟ କାର୍ଯ୍ୟ ନୁ ଷ୍ଟ ନ ଶୂନ। ଅନ୍ୟ ପଖ୍ୟରେ ବିଲ ନଦେଲେ ସରକାର ରାଜସ୍ୱ ହାରାଉ ଛନ୍ତି। ଚାଷୀଙ୍କୁ ଏହି ଭଳି ବିଭିନ୍ନ କ୍ଷେତ୍ରରେ ଶୋଷଣ କରାଯାଉଛି।

# କଥା ଦେଇ କଥା ରଖିଲେ ବ୍ଲକ ଅଧ୍ୟକ୍ଷା



ଖଡ଼ିଆଲ, (ମହାଭାରତ) : ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ପାଳନ କରି କଥା ଦେଇ କଥା ରଖିଛନ୍ତି ଖଡ଼ିଆଲ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ। ଦୀର୍ଘ ଦିନ ଧରି ରାସନ କାର୍ଡ ପାଇବାରୁ ବଞ୍ଚିତ ହୋଇଥିବା ଅନେକ ଯୋଗ୍ୟ ପରିବାରଙ୍କୁ ସେ ନିଜେ ହିତାଧିକାରୀ କାରୀଙ୍କ ଘରମୁହଁରେ ପହଞ୍ଚି ରାସନ କାର୍ଡ ବଣ୍ଟନ କରିଛନ୍ତି। ଏହା ଦ୍ୱାରା ସମ୍ପୃକ୍ତ ପରିବାରଗୁଡ଼ିକ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ସୂଚନା ଅନୁସାରେ ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଲଛିପୁର ସତନାମୀପଡାର ଅନେକ ଯୋଗ୍ୟ ହିତାଧିକାରୀ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ଖବର ପାଇ ଖଡ଼ିଆଳ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ସରଜମିମ ତଦନ୍ତ କରି ଲୋକଙ୍କ ସମସ୍ୟା ବୁଝିଥିଲେ । ୧୫ ରୁ ୨୦ ପରିବାର ଆବାସ ଘର ପାଇବାରୁ ବଞ୍ଚିତ ଥିବା ବେଳେ ଅନେକଙ୍କ ବର୍ତ୍ତମାନ ରାସନକାର୍ଡ ମଧ୍ୟ ନଥିବା ଜାଣିବାକୁ ପାଇଥିଲେ। ଆସନ୍ତା ଦୁଇ ମାସ ଭିତରେ ସବୁ ସମସ୍ୟାର ସମାଧାନ ହେବାର ପ୍ରତିଶୃତି ଦେଇ ଆସିଥିଲେ ଓ ଆଜି ମାତ୍ର ସାତ ଦିନ ମଧ୍ୟରେ ଯୋଗ୍ୟ ହିତାଧିକାରୀଙ୍କ ରାସନ କାର୍ଡ ତିଆରି କରି ନିଜେ ନିଜ ସମର୍ଥକ ଓ ଯୋଗାଣ ବିଭାଗ କର୍ମଚାରୀଙ୍କ ସହ ଲଛିପୁର ଗାଁ ଯାଇ ରାସନ କାର୍ଡ ବଣ୍ଟନ କରିଛନ୍ତି। ପ୍ରତିଶ୍ରୁତି ଅନୁଯାୟୀ ସେ ସମ୍ପୃକ୍ତ ପଡ଼ାକୁ ଯାଇ ଲୋକଙ୍କ ସହ ଆଲୋଚନା କରିଥିଲେ ଏବଂ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ଯାଞ୍ଚ କରି ରାସନ କାର୍ଡ ବଣ୍ଟନ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନାର ଲାଭ ପ୍ରତ୍ୟେକ ଯୋଗ୍ୟ ବ୍ୟକ୍ତିଙ୍କ ପାଖରେ ପହଞ୍ଚାଇବା ତାଙ୍କର ପ୍ରାଥମିକତା ଏବଂ କୌଣସି ହିତାଧିକାରୀ ବଞ୍ଚିତ ରହିବେ ନାହିଁ। ଆଜି ରାସନ କାର୍ଡ ଦିଆ ହୋଇଛି ଖୁବ ଶୀଘ୍ର ସେମାନଙ୍କୁ ଆବାସ ଘର ମଧ୍ୟ ବଣ୍ଟନ କରାଯିବ, ମୋଁ ଉପରେ ଯେଉଁଭଳି ଭାବରେ ବିଶ୍ୱାସ ରଖିଛନ୍ତି ସେହି ବିଶ୍ୱାସ ରେ କେବେ ସେମାନଙ୍କୁ ନିରାଶ ହେବାକୁ ଦେବି ନାହିଁ ବୋଲି ଶ୍ରୀମତୀ ନନ୍ଦ କହିଛନ୍ତି । ରାସନ କାର୍ଡ ପାଇବା ପରେ ଲାଭାନ୍ୱିତର ପରିବାରମାନେ ଅଧକ୍ଷାଙ୍କ ପଦକ୍ଷେପକୁ ସ୍ୱାଗତ କରିବା ସହ ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ସେମାନେ କହିଥିଲେ ଯେ ରାସନ କାର୍ଡ ନଥିବାରୁ ବିଭିନ୍ନ ସରକାରୀ ସୁବିଧା ପାଇବାରେ ଅସୁବିଧା ହେଉଥିଲା, ଯାହା ବର୍ତ୍ତମାନ ଦୂର ହୋଇଛି। ଅଞ୍ଚଳବାସୀଙ୍କ ମତରେ, ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦଙ୍କ ଏହି ପଦକ୍ଷେପ ଜନସମସ୍ୟା ପ୍ରତି ତାଙ୍କର ଦାୟିତ୍ୱବୋଧ ଓ ଜନସେବା ପ୍ରତି ଥିବା ପ୍ରତିବଦ୍ଧତାର ପରିଚୟ ଦେଇଛି। ତାଙ୍କର ଏହି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ପ୍ରଶଂସା କରାଯାଉଛି।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ନିଶା ନିବାରଣ କେନ୍ଦ୍ର ଖୋଲିବାକୁ ଦାବି

ହାଟଡିହ: ହାଟଡିହି ବ୍ଲକରେ ବିଗତ କିଛି ଦିନ ପୂର୍ବରୁ ସରକାରୀ ମଦ ବିକ୍ରି ପାଇଁ ଟେଣ୍ଡର ପ୍ରକ୍ରିୟା ସରିଥିବା ବେଳେ ଅନେକ ଦିନରୁ ଏହି ବ୍ଲକ ରେ ଦେଶୀ ବିଦେଶୀ ମଦ ଓ ଗ୍ରାମାଞ୍ଚଳ ମାନଙ୍କରେ ଚୋରାରେ ବିକ୍ରି ହେଉଛି। କିନ୍ତୁ ଦୁର୍ଭାଗ୍ୟ ଆନନ୍ଦପୁର ଉପଖଣ୍ଡରେ ଗୋଟିଏ ବି ନିଶା ନିବାରଣ କେନ୍ଦ୍ର ନରହିବା। ଏହି ଦେଶୀ ବିଦେଶୀ ମଦ ପିଇ ଅନେକ ପରିବାର ଅନେକ ଲୋକ ମୃତ୍ୟୁ ବରଣ ଘଟୁଥିଲେ ସୁଦ୍ଧା ଲୋକେ ଅଭ୍ୟାସ ଗତ ଭାବେ ନିଜ ନିଜର ଶଉକ ପୁରଣ କରିବା ରେ ସକ୍ଷମ ହେଉଛନ୍ତି। ଏହା ଦ୍ୱାରା ଅନେକ ବିଭ୍ରାନ୍ତି କର କାର୍ଯ୍ୟ ପାଇଁ ପୋଲିସ ଅନେକ ମାମଲା ମଧ୍ୟ ରୁଜୁ କରୁଛି। ଯାହାକୁ ନେଇ ଆନନ୍ଦପୁର ଉପଖଣ୍ଡ କିମ୍ବା ହାଟଡିହି ବ୍ଲକ ରେ ଗୋଟିଏ ନିଶା ନିବାରଣ କେନ୍ଦ୍ର ପାଇଁ ସରକାର ବିଚାରକରନ୍ତୁ ବୋଲି ଅନେକ ବୁଦ୍ଧି ଜିବୀ ମତ ପ୍ରକାଶ କରିଛନ୍ତି।

## କଣ୍ଟେନର ଧକ୍କାରେ ୨ ମୃତ

କେସିଙ୍ଗା: ଆଜି ସକାଳେ ଉକ୍ରେଲା ନିକଟସ୍ଥ ଖଜୁରପଡା ସ୍ଥିତ ଅରିହ ରାଇସମିଲ ସମ୍ମୁଖରେ ଏକ କଣ୍ଟେନର ଧକ୍କାରେ ୨ ଟ୍ରକ୍ ଚାଳକ ମୃତ୍ୟୁବରଣ କରିଛନ୍ତି। ମୃତକ ଦୁଇ ଜଣ ବଲାଙ୍ଗୀର ଜିଲ୍ଲା ବେହେରାପାଲିର ମୁଣ୍ଡା ଦଳେଇ ଏବଂ କଳାହାଣ୍ଡି କଲମପୁର ବ୍ଲକ ଚୁରାଗାଁ ହିମାଂଶୁ ରାଉତ ବୋଲି ଜଣାପଡିଛି। ଅନ୍ୟତମ ଟ୍ରକ୍ ଚାଳକ ବିକାଶ ସାହୁ, ଗାଡିରୁ ଓହ୍ଲାଇବା ବିଳମ୍ବ କରିବାରୁ ଦୁର୍ଘଟଣାରୁ ବର୍ତ୍ତିଗଲେ।ସୂଚନା ଅନୁଯାୟୀ ଗତ ରାତିରେ ୩ଟି ଟ୍ରକରେ କଲମପୁର ମଣ୍ଡିରୁ ଧାନ ଆଣି ଅରିହଞ୍ଚ ରାଇସ ମିଲ ନିକଟରେ ଖାଲି କରିବାକୁ ଟ୍ରକ୍ ଗୁଡ଼ିକ ଛିଡା ହୋଇଥିଲେ।ଆଜି ଭୋରରୁ ଗାଡି ୩ଟି ଲାଇନ୍ ରେ ରଖି ଚାଳକମାନେ ଗାଡି ରୁ ଓହ୍ଲାଉଥିଲେ। ସେହି



ସମୟରେ ପଛ ପଟୁ ଆସୁଥିବା କଣ୍ଟେନର ହଠାତ ଧକ୍କା ଦେବାରୁ ୨ ଜଣ ଚାଳକ ଘଟଣାସ୍ଥଳରେ ମୃତ୍ୟବରଣ କରିଥିଲେ। ଉକ୍ରେଲା ପୁଲିସ ଧକ୍କା ଦେଇଥିବା କଣ୍ଟେନର ଡ୍ରାଇଭରକୁ ଅଟକ ରଖି ପଚରାଉଚରା କରୁଛି। ସୂଚନା ଯୋଗ୍ୟ ଉକ୍ତ ରାଉସମିଲ ଆଗରେ ଟ୍ରକ୍ ଗୁଡ଼ିକ ରଖିବା ପାଇଁ ଯଥେଷ୍ଟ ସ୍ଥାନ ନଥିବା ଜଣାପଡ଼ିଛି। ଫଳରେ ୨୬ ନମ୍ବର ଜାତୀୟ ରାଜପଥରେ ଏକ ପାଖିଆ ଯାତ୍ରା କରିବାକୁ ଲୋକେ ବାଧ ହେଉଥିବା ପରିଲକ୍ଷିତ ହେଉଛି।

## ନିଲାମ ହେଲା ରଣୀତାଲ ହାଇଟେକ୍ ଇଞ୍ଜିନିୟରିଂ କଲେଜ



ଭଦ୍ରକ: ଭଦ୍ରକର ରାନୀତଲ ସ୍ଥିତ ହାଇଟେକ୍ ଇଞ୍ଜିନିୟରିଂ କଲେଜକୁ ଆଜି ବ୍ୟାଙ୍କ ତରଫରୁ ନିଲାମ କରାଯାଇଛି। ଏହାପରେ କଲେଜ୍ରେ ପୁଥିବା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନେଇ ଅଭିଭାବକ ଚିନ୍ତାରେ ପଡ଼ିଛନ୍ତି। ମିଳିଥିବା ସୂଚନାରେ, ବାଲେଶ୍ୱରର ଜଣେ ଉଦ୍ୟୋଗୀ ଏହି କଲେଜକୁ ଏକ ଟ୍ରଷ୍ଟ ନାମରେ ନିର୍ମାଣ କରିଥିଲେ। ନିର୍ମାଣ ସମୟରେ ଅର୍ଥ ଆବଶ୍ୟକତା ହେବାରୁ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରୁ ଋଣ କରିଥିଲେ। ତେବେ ବିଭିନ୍ନ କାରଣରୁ ଋଣ ଅର୍ଥ ଶୁଝି ପାରିନଥିଲେ। ବ୍ୟାଙ୍କ ପକ୍ଷରୁ ଏନେଇ ଅନେକଥର ନୋଟିସ୍ ଦିଆଯାଇଥିଲା। ତେବେ କଲେଜ କର୍ତ୍ତୃପକ୍ଷ ନିଜର କରଜ ମୁକ୍ତ କରିବାକୁ କେଣସି ଉଦ୍ୟମ କରିନଥିଲେ। ଶେଷରେ ବ୍ୟାଙ୍କ କର୍ତ୍ତୃପକ୍ଷ କଲେଜ୍କୁ ସିଲ୍ କରିବା ସହ ନିଲାମ କରିବାକୁ କୋର୍ଟଙ୍କ ନିକଟରେ ଆବେଦନ କରିଥିଲେ। କୋର୍ଟଙ୍କ ଅନୁମତି ଅନୁସାରେ ଆଜି ପୁଲିସ ଓ ମାଜିଷ୍ଟ୍ରେଟ୍ଙ୍କ ଉପସ୍ଥିତିରେ ଏହାର ନିଲାମ ହୋଇଛି। ୧୦କୋଟି ଟଙ୍କାରେ ଜଣେ ବ୍ୟକ୍ତି ଏହି କୋଠାକୁ ଖରିଦ କରିଥିବା ଜଣାଯାଇଛି।

## ଶାଶୁ ଓ ଶ୍ୱଶୁରଙ୍କୁ ନିଆଁ ଲଗାଇଦେଲା ଜ୍ୱାଇଁ, ଗୁରୁତର ଅବସ୍ଥାରେ ଉଭୟ ମେଡିକାଲରେ ଭର୍ତ୍ତି

ମୟୂରଭଞ୍ଜ: ଶାଶୂ-ଶ୍ୱଶୁରଙ୍କୁ ଜାଳିଦେଲା ଜ୍ୱାଇଁ । ମୟୂରଭଞ୍ଜ ଶୁଳିଆପଦା ଥାନା ପାକଟିଆ ନାଉପଦା ଗାଁରେ ଘଟିଛି ଅଭାବନୀୟ ଘଟଣା। ପେଟ୍ରୋଲ ଢାଳି ନିଆଁ ଲଗାଇଦେଲା ଜ୍ୱାଇଁ । ଗୁରୁତର ଅବସ୍ଥାରେ ଉଭୟଙ୍କୁ ବାରିପଦା ମେଡିକାଲରେ ଭର୍ତ୍ତି କରାଯାଇଛି । ଘଟଣା ପରେ ଫେରାର ହୋଇଯାଇଛି ଅଭିଯୁକ୍ତ ଜ୍ୱାଇଁ । ଘଟଣାସ୍ଥଳରେ ପହଂଚି ତଦନ୍ତ କରୁଛି ଶୁଳିଆପଦା ପୋଲିସ।ସୂଚନା ଅନୁସାରେ, ପାରିବାରିକ କଳହକୁ କେନ୍ଦ୍ର କରି ଏହି ଘଟଣା ଘଟିଛି ଯ ହଠାତ ଆକ୍ରୋଶରେ ଜ୍ୱାଇଁ ଶାଶୁ ଓ ଶ୍ୱଶୁରଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିଲେ ।

## ଆଧୁନିକତା ରେ ହଜିଯାଇଛି ହଳ ଲଙ୍ଗଳ

ଗଜପତି: ବର୍ତ୍ତମାନ୍ ଯୁଗରେ ଯାନ୍ତ୍ରିକ ଯୁଗରେ ହଳ ଲଙ୍ଗଳର ଚାହିଦା ରହିଛି। ଆଧୁନିକତା ଯୁଗରେ ଟ୍ରକଟିର ର ଚାହିଦା ରହିଥିବା ବେଳେ ମଧ୍ୟ ହଳ ବଳଦ ଲଙ୍ଗଳ ର ଚାହିଦା ରହିଛି। ଯେଉଁ ଜାଗାରେ ଚାଷ ହୋଇ ପାରୁ ନାହିଁ ସେହି ଜାଗାରେ ଚାଷ ହୋଇ ପାରିବ ଫସଲ ହୋଇ ପରୁଛି। ଗୋବର ମଳ ମୂତ୍ର ଦ୍ୱାରା ଜୈବିକ ସାର୍ ହୋଇ ପାରୁଛି। ଯେତେ ଆଧୁନିକତା ରେ ହଜି ଗଲେ ମଧ୍ୟ ପୁରୁଣା ଜିନିଷ ର ଚାହିଦା ରହିଛି। ପୁରଣା ଜିନିଷର ଆବଶ୍ୟକତା ରହିଛି।

## କାଳବୈଶାଖୀ ବର୍ଷା ଯୋଗୁ ଚିନ୍ତାରେ ଚାଷୀ

# ପଞ୍ଚମପୁର ମଣ୍ଡିରେ ୨୭ ଚାଷୀଙ୍କ ୩ ହଜାର ବସ୍ତା ଧାନ ଭିଜିଲା

ନୂଆପଡ଼ା: ନୂଆପଡ଼ା ଜିଲ୍ଲାରେ ଗତରାତିରେ କାଳବୈଶାଖୀ ବର୍ଷା ହୋଇଥିବା ବେଳେ ନୂଆପଡ଼ା ବ୍ଲକର ବିଭିନ୍ନ ମଣ୍ଡିରେ ଚାଷୀଙ୍କ ଧାନ ବର୍ଷାରେ ଭିଜି ନଷ୍ଟ ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି। ମଣ୍ଡିକୁ ମିଲର୍ସମାନେ ଯାଉ ନଥିବାରୁ ମଣ୍ଡିରେ ଧାନ ପଡ଼ିଛି।ନୂଆପଡ଼ାରେ କିଛି ଦିନ ହେବ ରାତିରେ କାଳବୈଶାଖୀ ବର୍ଷା ହେଉଛି।ନୂଆପଡ଼ା ଜିଲ୍ଲା ସଦର ବ୍ଲକ ନୂଆପଡ଼ା, ପଞ୍ଚମପୁର, ନନ୍ଦପୁର ମଣ୍ଡିରେ ଚାଷୀ ଖୋଲା ଆକାଶ ଚାଲିଥିବା ବେଳେ ଅଦିନିଆ ବର୍ଷାକୁ ଚାଷୀଙ୍କ ଭୟ ରହିଛି। ଗତକାଲି ରାତିରେ ନୂଆପଡ଼ା ବ୍ଲକରେ



କାଳବୈଶାଖୀ ଝଡ଼ ସହ ବର୍ଷା ହୋଇଥିବା ବେଳେ ପଞ୍ଚମପୁର ମଣ୍ଡିରେ ୨୭ ଜଣ ଚାଷୀଙ୍କ ୩ ହଜାର ୫୫୩ ବସ୍ତା ଧାନ ରହିଥିଲା ଚାଷୀଙ୍କ ବହୁ ଧାନ ବର୍ଷରେ ଭିଜି ନଷ୍ଟ ହୋଇଥିବା ଚାଷୀ ସନ୍ତରାମ ହରିଜନ, ରାମନାରାୟଣ ଦାସ, ଅନିଲ ଦେବାଙ୍ଗନ, ପରାମନନ୍ଦ ଦେବାଙ୍ଗନ, ତାରାଚନ୍ଦ ପଣ୍ଡେ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ, ନୂଆପଡ଼ା ବ୍ଲକ ସାରାବଙ୍ଗ ମଣ୍ଡିରେ ୪୮ ଜଣ ଚାଷୀଙ୍କ ୬ ହଜାର ୪୩୬ ବସ୍ତା, ମହରାଡ଼ିହି ମଣ୍ଡିରେ ୪୦ ଜଣ ଚାଷୀଙ୍କ ୪ ହଜାର ୭୦୬ ବସ୍ତା, ମୋଟନୂଆପଡ଼ା ମଣ୍ଡିରେ ୨୮ ଜଣ ଚାଷୀଙ୍କ ୩ ହଜାର ୨୧୦ ବସ୍ତା, ଚୁଲାଭାଟ ମଣ୍ଡିରେ ୧୪ ଜଣ ଚାଷୀଙ୍କ ୧୫୧୬ ବସ୍ତା ମଣ୍ଡିରେ ପଡ଼ିରହିଛି। ଏହା ଉପରେ ନୂଆପଡ଼ା ଆରଏମସି ସଂପାଦକ ଆର୍ଯ୍ୟ କୁମାର ମୁଦୁଲି କାଳବୈଶାଖୀ ବର୍ଷାକୁ ଦେଖି ଖୋଲା ଆକାଶରେ ଥିବା ମଣ୍ଡି ପାଇଁ ପ୍ରଚୁର ପରିମାଣର ତାରପଲିନ ବ୍ୟବସ୍ଥା କରାଯାଇଛି ବୋଲି କହିଛନ୍ତି।

## ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ନିଶୁଳ୍କରେ ପାଠ୍ୟ ଉପକରଣ ଯୋଗାନ୍ତି ଗବେଷକ

ଘୁ.ଉଦୟଗିରି: ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲ୍ଲାର ଘୁ.ଉଦୟଗିରି ବ୍ଲକ୍ ଅନ୍ତର୍ଗତ ତଲାରିମାହା ଗ୍ରାମପଞ୍ଚାୟତର ଗଟାମାହା ଗ୍ରାମରେ ରାଜେଶ କୁମାର ବଗର୍ତ୍ତୀଙ୍କ ଗାଁ। ରେଭେନ୍ସା ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗରେ ପିଏଚଡ଼ି ପାଠ୍ୟକ୍ରମ ଉପରେ ଗବେଷଣା କରୁଛନ୍ତି ରାକେଶ। ଗବେଷଣା କାର୍ଯ୍ୟ କରିବା ସହିତ ମଧ୍ୟ ସେ ଚାଷ କାର୍ଯ୍ୟରେ ମନୋନିବେଶ କରିଛନ୍ତି। ଖରିଫ ଋତୁରେ ସେ ୫ ଏକରରୁ ଉର୍ଦ୍ଧ୍ୱ ଜମିରେ ଚାଷ କରିଥିଲେ। ଚାଷ ଅମଳ ହେବା ପରେ ମଣ୍ଡିରେ ଧାନ ବିକ୍ରି କରିଥିଲେ। ଧାନ ବିକ୍ରି ବାବଦରେ ଯେଉଁ ଟଙ୍କା ପାଇଥିଲେ ସେଥିରେ ଛାତ୍ରବୃତ୍ତି ବାବଦରେ ମିଳୁଥିବା ଆର୍ଥିକ ସହାୟତାରୁ କିଛି ବିନିଯୋଗ କରି କି ଗ୍ରାମର ଅଙ୍ଗନବାଡ଼ି ପିଲାମାନଙ୍କ ଠାରୁ ଆରମ୍ଭ କରି ଯୁକ୍ତ ତିନି ଶ୍ରେଣୀ ପର୍ଯ୍ୟନ୍ତ ଗରିବ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ନିଶୁଳ୍କରେ ପାଠ୍ୟ ଉପକରଣ ଯୋଗାଇ ଦେଇଛନ୍ତି। କରୋନା ମହାମାରୀ ସମୟରେ ସେ ନିଜ ଘର ବାରଣ୍ଡାରେ ଗାଁର ପ୍ରଥମ ଶ୍ରେଣୀ ଠାରୁ ଆରମ୍ଭ କରି ଯୁକ୍ତ ତିନି ଶ୍ରେଣୀର ୧୮ ଜଣରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀମାନଙ୍କୁ ପ୍ରତିଦିନ ସକାଳ ୭ଟା ୩୦ରୁ ଦିନ ୧୦ ଘଟିକା ଏବଂ ସନ୍ଧ୍ୟା ୫ଟା ସମୟରୁ ରାତି ୮ଟା ପର୍ଯ୍ୟନ୍ତ ମାଗଣାରେ ଶିକ୍ଷାଦାନ କରୁଥିଲେ। ବର୍ତ୍ତମାନ ଗବେଷଣା କାର୍ଯ୍ୟ ପାଇଁ ସେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ରହୁଛନ୍ତି। କିନ୍ତୁ ବିଭିନ୍ନ କାର୍ଯ୍ୟକ୍ରମରେ ସେ ଗାଁ



ଆସିଲେ ପୁଣିଥରେ ଗାଁର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ନିଶୁଳ୍କରେ ପାଠ ପଢ଼ାଉଛନ୍ତି। ରାଜେଶ କହନ୍ତି, ଜନ୍ମ କଲା ମା' ପ୍ରତି ପୁଅର ଯେଉଁ ଭଳି ସ୍ନେହ, ମମତା, କର୍ତ୍ତବ୍ୟ ରହିଛି। ସେହିଭଳି ନିଜ ଜନ୍ମମାଟି ପ୍ରତି ମଧ୍ୟ ଭଲ ପାଇବା ସହିତ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ଗାଁର ବିକାଶ ସହିତ ମୋ ଗାଁ ପିଲାମାନଙ୍କୁ ଶିକ୍ଷା କ୍ଷେତ୍ରରେ ଅଗ୍ରସର କରିବା ମୋର ଏକମାତ୍ର ଲକ୍ଷ୍ୟ ବୋଲି ସେ ନିଜର ମତପ୍ରକାଶ କରିଛନ୍ତି।

## ବରଯାତ୍ରୀଙ୍କୁ ନେଇ ଯାଉଥିବା ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ, ୧୫ ଆହତ

ମ.ରାମପୁର: ମ. ରାମପୁରରେ ଏକ ବରଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ବସିଥିବା ୧୫ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ଜଣ ଗୁରୁତର ହୋଇଛନ୍ତି।ମ. ରାମପୁର ବ୍ଲକର ଡେଡଶୁଲି ପଞ୍ଚାୟତକୁ ଯାଇଥିବା ରାସ୍ତାର କାଉପଦର୍ ଘାଟି ଦେଇ ଏକ ବରଯାତ୍ରୀ ନେଇ ଆସୁଥିବା ପିକ୍ ଅପ୍ ଗାଡ଼ି (ଓଡି ୧୬ ଜେ ୩୨୧୦) କାଉପଦର ଗ୍ରାମରୁ କାମରେଙ୍ଗ ଗ୍ରାମକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ତଳକୁ ଖସି ପଡିଥିଲା। ଡାଲାରେ ବସିଥିବା ଯାତ୍ରୀମାନଙ୍କ ମଧ୍ୟରୁ ୧୫ ଜଣ ଆହତ ହୋଇଥିବା ବେଳେ ୩ ଜଣ ଗୁରୁତର ହୋଇଥିବା ଖବର ମିଳିଛି।ଖବର ପାଇ ଅଞ୍ଚଳର ଲୋକମାନଙ୍କ ସହଯୋଗରେ ଆମ୍ବୁଲାନ୍ସ ଯୋଗେ ମ.ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ୩ ଜଣ ଗୁରୁତରଙ୍କୁ ଭବାନୀପାଟଣା ମୁଖ୍ୟ ଚିକିତ୍ସା କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ ଆହତମାନଙ୍କୁ ମ.ରାମପୁର ଡାକ୍ତରଖାନାରେ ଚିକିତ୍ସା ଚାଲିଥିବା ଜଣାପଡ଼ିଛି। ଗୁରୁତର ଥିବା ୩ ଜଣ ହେଲେ- ଚୁମକି ମାଝି (୧୨ ବର୍ଷ), ନିତାଡି ମାଝୀ (୪୫ ବର୍ଷ), ବାସନ୍ତୀ ମାଝୀ (୪୮ ବର୍ଷ) ଏହି ତିନି ଜଣଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି । ଖବର ପାଇ ମ. ରାମପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ କରୁଥିବା ଜଣା ପଡ଼ିଛି।

## ମାଲକାନଗିରିରେ ଜଳୁଛି ଜଙ୍ଗଲ, ବିପଦରେ ଜୀବଜନ୍ତୁ



ମାଲକାନଗିରି: ଜଳୁଛି ଜଙ୍ଗଲ । ମାଲକାନଗିରି ଜିଲ୍ଲାରେ ପ୍ରବଳ ଗରମ ସାଙ୍ଗକୁ ଦାଉ ସାଧୁଛି ଜଙ୍ଗଲ ନିଆଁ । ନିଆଁର ପ୍ରକୋପରେ ଅସ୍ତବ୍ୟସ୍ତ ହୋଇପଡୁଛି ଜନଜୀବନ । ଜିଲ୍ଲା ସଦର ମହକୁମାର ତାରିଣୀ ମନ୍ଦିର ନିକଟରେ ଲାଗିଥିଲା ନିଆଁ । ଭୟଙ୍କର ନିଆଁ ଲାଗିଥିବାରୁ ବହୁ ମୂଲ୍ୟବାନ ଗଛ ପୋଡି ପାଉଁଶ ହୋଇଯାଇଛି । କେହି ଦୁର୍ବୃତ୍ତ ନିଆଁ ଲଗାଇଦେଇଥିବା ସନ୍ଦେହ କରାଯାଉଛି । ଜୀବଜନ୍ତୁ ମଧ୍ୟ ବିପଦରେ ପଡୁଛନ୍ତି । ଧାସ ଏତେ ଜୋରେ ଉଠିଥିଲା ଯେ ଆଖପାଖ ଗ୍ରାମବାସୀ କଲବଲ ହୋଇପଡିଥିଲେ । ଗତ ଦୁଇ ଦିନ ହେଲା ନିଆଁ ଲାଗିଥିଲା । ଲିଭାଇବାକୁ ନାକେଦମ ହୋଇପଡିଥିଲା ବନବିଭାଗ । ଦୀର୍ଘ ଘଣ୍ଟାର ଚେଷ୍ଟା ପରେ ଆୟ□ କରିଥିଲା ବନବିଭାଗ । ଏପଟେ ପ୍ରବଳ ଖରା, ସେପଟେ ଜଙ୍ଗଲ ଅଗ୍ନିକାଣ୍ଡ ଯୋଗୁଁ ସଦର ଅଞ୍ଚଳରେ ଉତ୍ତାପ ଆହୁରି ବୃଦ୍ଧି ପାଇଥିବା ଅନୁଭବ ହେଉଛି । ଏହାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି ।

## ଚିଲିକାରେ ବେଆଇନ ଅବରୋଧ ଘେରି ହଟାଇବାକୁ ପ୍ରୟାସ

### ଅଣ୍ଟା ଭିଡିଲେ ମତ୍ସ୍ୟଜୀବୀ

ଚିଲିକା: ଚିଲିକାରେ ବେଆଇନ ଅବରୋଧ ହଟାଇବାକୁ ପ୍ରୟାସ । ଅଣ୍ଟା ଭିଡିଲେ ମତ୍ସ୍ୟଜୀବୀ । ଚିଲିକାରେ ମାଛ ମାରି ପରିବାର ପୋଷନ୍ତି ଲକ୍ଷ ଲକ୍ଷ ମତ୍ସ୍ୟଜୀବୀ । ହେଲେ ଏବେ ଚିଲିକା ଭିତରେ ବେଆଇନ ଅବରୋଧ କରି ଘେରି ନିର୍ମାଣ କରୁଛନ୍ତି ପ୍ରଭାବଶୀଳ ବ୍ୟକ୍ତି । ଯେଉଁଥିରୁ ସେମାନେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି । ଏହାସହ ଜିରୋ ନେଟ୍, ରିଙ୍ଗ ନେଟ୍ ପକାଇ ମାଛ ବଢ଼ିବା ପୂର୍ବରୁ ସେମାନଙ୍କୁ ଧରି ନେଉଛନ୍ତି ।ଅନ୍ୟପଟେ ମୁହାଣ ନଖୋଲା ହେବା ଯୋଗୁଁ ଚିଲିକାରେ ମାଛ ସଂଖ୍ୟା ହ୍ରାସ ପାଉଛି। ଯାହା ଫଳରେ ପାରମ୍ପରିକ ମତ୍ସ୍ୟଜୀବୀମାନଙ୍କର ଜୀବନ ଜୀବିକା ଏବେ ସଙ୍କଟରେ । ତେଣୁ ମତ୍ସ୍ୟଜୀବୀ ମାନଙ୍କର ସୁରକ୍ଷା ପାଇଁ ଅଣ୍ଟା



ଭିଡିଛି ବାଲୁଗାଁ କେନ୍ଦ୍ରୀୟ ମତ୍ସ୍ୟ ସମବାୟ ସମିତି ।ମତ୍ସ୍ୟ ସମବାୟ ସମିତିର ପରିଚାଳନା ବୋର୍ଡ ନିର୍ଦ୍ଦେଶକ ଦିଲିପ କୁମାର ବେହେରାଙ୍କନେତୃତ୍ୱରେ ୧୨ଜଣିଆ ପ୍ରତିନିଧି ଦଳ ଖୋର୍ଦ୍ଧା, ଗଞ୍ଜାମ ଓ ପୁରୀ ଜିଲ୍ଲା ଅନ୍ତର୍ଗତ ଚିଲିକାର ସମସ୍ତ ଅଂଚଳକୁ ଡଙ୍ଗାରେ ଗସ୍ତ କରି ସ୍ଥିତି ପରଖିଛନ୍ତି । ଚିଲିକାରେ ଜିରୋ ନେଟ୍ ଓ କରେ□ ଜାଲ ନପକାଇବାକୁ ମତ୍ସ୍ୟଜୀବୀଙ୍କୁ ସଚେତନ କରାଇଛନ୍ତି। ଏହାସହ ବେଆଇନ ଘେରି ଉଚ୍ଛେଦ ପାଇଁ ରାଜ୍ୟ ସରକାରଙ୍କୁ ନିବେଦନ କରିଛି ମତ୍ସ୍ୟଜୀବୀ ସଂଘ ।

# ଦୁଇ ବର୍ଷରେ ୧୦୦ ଦାଦନ ମୃତ, ପଶ୍ଚିମ ଓଡ଼ିଶାରେ ସ୍ଥିତି ଉଦବେଗଜନକ

ରାଉରକେଲା: ଗତ ଜାନୁଆରି ୧୮ ତାରିଖରେ କେରଳର ଏର୍ଣ୍ଣାକୁଲମ ପେରୁମ୍ବାଭୁରର ଏକ ପ୍ଲାଏଉଡ୍ ଫ୍ୟାକ୍ଟ୍ରିରେ କାର୍ଯ୍ୟରତ ଥିବାବେଳେ ସୁନ୍ଦରଗଡ଼ ରାଜଗାଙ୍ଗପୁର ବ୍ଲକ୍ର ସୁନୀଲ ଟପ୍ପୋ (୨୬)ଙ୍କ ଅକାଳ ବିୟୋଗ ଘଟିଥିଲା। ପ୍ଲାଏଉଡ୍ କାଟିବା ମେସିନରେ କାମ କରୁଥିବା ବେଳେ ବୈଦ୍ୟୁତିକ ସର୍ଟସର୍କିଟ୍ କାରଣରୁ ଆଘାତ ଲାଗିଥିଲା। କାରଖାନା ଭିତରେ ହିଁ ସେ ଆଖି ବୁଜିଦେଇଥିଲେ। ସେହିଭଳି ୨୦୨୫ ଅଗଷ୍ଟ ୧୫ ତାରିଖରେ ବେଙ୍ଗାଲୁରୁରେ ହେମଗିର ବ୍ଲକର ରାଜମିସ୍ତ୍ରି ସହାୟକ ଅମିତ କୁଜୁର (୩୧)ଙ୍କ ମୃତ୍ୟୁ ଘଟିଥିଲା। କାର୍ଯ୍ୟରତ ସମୟରେ ଅମିତ ୬ ମହଲା ଉପରୁ ପଡ଼ିଯାଇଥିଲେ। କେବଳ ଏହି ଦୁଇଟି ଘଟଣା ନୁହେଁ; ବରଂ କ୍ରମବର୍ଦ୍ଧିଷ୍ଣୁ ଦାଦନମୃତ୍ୟୁ ଉଦବେଗଜନକ ସ୍ଥିତିରେ ପହଞ୍ଚିଲାଣି। ଗତ ଦୁଇ ବର୍ଷରେ ପଶ୍ଚିମଓଡ଼ିଶାର ୧୦ଟି ଜିଲ୍ଲାରେ ପ୍ରାୟ ୧୦୦ ଜଣ ଦାଦନ ଶ୍ରମିକଙ୍କୁ



ମୃତ୍ୟୁ ହୋଇଛି।ଗତ ଦୁଇ ବର୍ଷ, ଅର୍ଥାତ ୨୦୨୪ ଓ ୨୦୨୫ ବର୍ଷରେ ସୁନ୍ଦରଗଡ଼ ଜିଲ୍ଲାର ମୋଟ୍ ୧୦ ଜଣ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ୨୦୨୪ରେ ୨ ଜଣ ଓ ୨୦୨୫ରେ ୮ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସେହିଭଳି ବଲାଙ୍ଗୀର ଜିଲ୍ଲାରେ ଗତ ଦୁଇ ବର୍ଷରେ ୩୪ ଜଣ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଥିବାବେଳେ କଳାହାଣ୍ଡିର ୨୭, ବରଗଡ଼ର ୫, ବୌଦ୍ଧର ୫, ଦେବଗଡ଼ର ୨, ଝାରସୁଗୁଡ଼ାର ୧, ନୂଆପଡ଼ାର ୬, ସମ୍ବଲପୁରର ୩ ଓ ସୋନପୁରର ୭ ଜଣ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ତେବେ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି କିମ୍ବା ରେଡକ୍ରସ୍ ପକ୍ଷରୁ ଅନୁକମ୍ପାମୂଳକ ଆର୍ଥିକ ସହାୟତା ପ୍ରଦାନରେ ଅହେତୁକ ବିଳମ୍ବ ଘଟୁଛି। ଫେବ୍ରୁଆରି ସୁଦ୍ଧା ମିଳିଥିବା ତଥ୍ୟ ଅନୁସାରେ, କେବଳ ୬୨ ଜଣ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ମିଳିଛି। ସୁନ୍ଦରଗଡ଼ ଜିଲ୍ଲାରେ କେବଳ ୫ଟି ପରିବାରକୁ ସହାୟତା ମିଳିଥିବାବେଳେ ବରଗଡ଼ ଜିଲ୍ଲାର ୧ ପରିବାର, ବଲାଙ୍ଗୀରରେ ୧୫ ପରିବାର, ବୌଦ୍ଧରେ ୪, ଦେବଗଡ଼ରେ ୨, କଳାହାଣ୍ଡିରେ ୩୦ ଓ ସୋନପୁରର ୫ଟି ପରିବାର ସରକାରୀ ସହାୟତା ପାଇଛନ୍ତି।ସ୍ଥାୟୀ ରୋଜଗାର ଓ କୃଷି କ୍ଷେତ୍ରରେ ସଂକଟ ଯୋଗୁ ଜିଲ୍ଲାର ହଜାର ହଜାର ଆଦିବାସୀ ଓ ଗରିବ ଯୁବକ ଗୋଆ, କେରଳ, ତାମିଲନାଡୁ, ଗୁଜରାଟ, ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟକୁ କାମ ଅନ୍ୱେଷଣରେ ଯାଉଛନ୍ତି। ସେଠାରେ ବିନା ସୁରକ୍ଷା ଉପକରଣରେ କାର୍ଯ୍ୟରେ ନିୟୋଜିତ କରାଯାଉଛି। ଇଟାଭାଟି ତଥା ଅଣପଞ୍ଜୀକୃତ ଶିଳ୍ପରେ ଦିନକୁ ୧୪ ରୁ ୧୬ ଘଣ୍ଟା କଠିନ ପରିଶ୍ରମ କରୁଛନ୍ତି, ଯଦ୍ୱାରା ସ୍ୱାସ୍ଥ୍ୟଗତ ଅବହେଳା, ଶ୍ରମିକ ଶିବିରରେ ଖରାପ ଖାଦ୍ୟପେୟ, ପ୍ରଦୂଷଣ ଯୋଗୁ ଟିବି ଓ ଶ୍ୱାସକ୍ରିୟା ଜନିତ ରୋଗରେ ଆକ୍ରାନ୍ତ ହୋଇ ଅକାଳରେ ମୃତ୍ୟୁବରଣ କରୁଛନ୍ତି।

## ମୁମ୍ବାଇ ମେୟରର ଅଫିସ ଏବଂ ବମ୍ବେ ଷ୍ଟକ ଏକ୍ସଚେଞ୍ଜକୁ ବୋମା ଧମକ




ମହାରାଷ୍ଟ୍ର : ମହାରାଷ୍ଟ୍ର ମୁମ୍ବାଇରେ ଆଲର୍ଟ ମୋଡ଼ରେ ସୁରକ୍ଷା ଏଜେନ୍ସି । ମୁମ୍ବାଇ ମେୟରଙ୍କୁ ଏକ ଧମକପୂର୍ଣ୍ଣ ଇମେଲ ମିଳିଛି । ଇମେଲରେ ମେୟରଙ୍କ କାର୍ ଏବଂ ତାଙ୍କ ଅଫିସକୁ ବୋମାରେ ଉଡ଼ାଇବାକୁ ଧମକ ମିଳିଛି । ଏହି ମେଲରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ମେୟର କାର୍ଯ୍ୟାଳୟ ଏବଂ ବମ୍ବେ ଷ୍ଟକ ଏକ୍ସଚେଞ୍ଜକୁ ଉଡ଼ାବାକୁ ଲେଖାଯାଇଛି । ଧମକ ମିଳିବା ପରେ ପୋଲିସ ଏବଂ ସୁରକ୍ଷା ଏଜେନ୍ସି ଯାଞ୍ଚ ଆରମ୍ଭ କରିଛି । ଖବର ମୁତାବକ, ମୁମ୍ବାଇ ମେୟରଙ୍କୁ ମିଳିଥିବା ଏକ ଇମେଲରେ ତାଙ୍କ କାର୍ ଏବଂ କାର୍ଯ୍ୟାଳୟକୁ ବୋମାରେ ଉଡ଼ାଇବାକୁ ଧମକ ମିଳିଛି । ଇମେଲ ସାମ୍ନାକୁ ଆସିବା ପରେ ପ୍ରଶାସନ ଏବଂ ସୁରକ୍ଷା ଏଜେନ୍ସି ଖୋଳତାଡ଼ ଆରମ୍ଭ କରିଥିଲେ । ଧମକପୂର୍ଣ୍ଣ ମେଲରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ମେୟର କାର୍ଯ୍ୟାଳୟ ଏବଂ ବମ୍ବେ ଷ୍ଟକ ଏକ୍ସଚେଞ୍ଜକୁ ଧମକ ମିଳିଛି । ଏହି ସବୁ ସ୍ଥାନର ସୁରକ୍ଷା ବ୍ୟବସ୍ଥାକୁ ବଢାଇ ଦିଆଯାଇଛି । ମାମଲାର ଗମ୍ଭୀରତା ଦେଖି ମୁମ୍ବାଇ ପୋଲିସ, ସାଇବଲ ସେଲ ଏବଂ ଅନ୍ୟ ସୁରକ୍ଷା ଏଜେନ୍ସି ଯାଞ୍ଚ ଆରମ୍ଭ କରିଛି । ଯାଞ୍ଚ ଏଜେନ୍ସି କେଉଁଠି ଇମେଲ ଆସିଛି ଏବଂ ଏହା ପଛରେ କାରଣ କ'ଣ ତାହା ଜାଣିବାକୁ ଚେଷ୍ଟା କରୁଛି । ଯେଉଁ ସ୍ଥାନକୁ ଉଡ଼ାଇବାକୁ ଧମକ ମିଳିଛି, ସୁରକ୍ଷା ବ୍ୟବସ୍ଥା ମଜବୁତ କରାଯାଇଛି। ପୋଲିସ ଏବଂ ସୁରକ୍ଷା ଏଜେନ୍ସି ମାମଲାର ଯାଞ୍ଚ କରୁଛି । ଧମକ ଦେଇଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ।

## ଖାଇକୁ ଖସିଲା କାର୍, ଚାଲିଗଲା ୪ ଜୀବନ

ଡେରାଡୁନ : ଉତ୍ତରାଖଣ୍ଡ ମସୁରୀରେ ବଡ଼ ଦୁର୍ଘଟଣା । ଉତ୍ତରକାଶୀରୁ ଫେରୁଥିବା ଏକ କାର୍ ଅନିୟନ୍ତ୍ରିତ ହୋଇ ଗଭୀର ଖଣଇକୁ ଖସିପଡିଥିଲା। ଘଟଣାରେ ୪ ଜଣଙ୍କ ଜୀବନ ଚାଲିଯାଇଛି । ଏମାନଙ୍କ ଭିତରେ ଦୁଇଜଣ ମହିଳା ଏବଂ ଦୁଇ ଜଣ ପୁରୁଷ ରହିଛନ୍ତି । ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି । ସୂଚନା ମିଳିବା ପରେ ସ୍ଥାନୀୟ ପୋଲିସ, ଏସଡିଆରଏଫ ଟିମ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରାଯାଉଛି । ଖବର ମୁତାବକ, ଦୁର୍ଘଟଣା ମସୁରୀର ଝାଡିପାଣି ସର୍ଟକଟ୍ ରାସ୍ତାରେ ହୋଇଛି। କାର୍ ଉତ୍ତରକାଶୀରୁ ଫେରୁଥିବା ବେଳେ ଏମାନେ ଗାଡ଼ି ରଖି ଦୋକାନରୁ କିଛି ଜିନିଷ କିଣିଥିଲେ । କିଣିବା ପରେ କାର୍ ଷ୍ଟାଟ୍ କରୁ କରୁ ଗାଡ଼ିଟି ଅନିନ୍ତ୍ରିତ ହୋଇ ସିଧା ଗଭୀର ଖାଇକୁ ଖସିପଡିଥିଲା । କାରରେ ୪ ଜଣ ଥିଲେ, ସମସ୍ତେ ଗାଜିଆବାଦର ବୋଲି ଜଣାପଡିଛି । ଘଟଣା ବିଷୟରେ ଖବର ମିଳିବା ପରେ ମସୁରୀ ଥାନା ପୋଲିସ, ଏସଡିଆରଏଫ ଏବଂ ୧୦୮ ଆମ୍ବୁଲାନ୍ସ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ରେସକ୍ୟୁ ଅପରେସନ କରିଛି । ଘନ ଝାଡି ଏବଂ ଦୁର୍ଗମ ଅଞ୍ଚ ବୋଲି ରେସକ୍ୟୁ ଟିମ୍ ଉଦ୍ଧାର ଅଭିଯାନରେ ସମସ୍ୟା ହେଉଛି । ଏଯାଏଁ ଗୋଟିଏ ମୃତଦେହ ଉଦ୍ଧାର ହୋଇଛି । ପୋଲିସ ଏହାକୁ ବ୍ୟବଚ୍ଛେଦ ପାଇଁ ପଠାଇଛି । ତେବେ ଏବେ ବି ଉଦ୍ଧାର କାର୍ଯ୍ୟ ଜାରି ରହିଛି ।

## ଜୋହାନ୍ସବର୍ଗରେ ଗଣ ଗୁଳିକାଣ୍ଡ ୧୨ ଜଣଙ୍କ ମୃତ୍ୟୁ

ଜୋହାନ୍ସବର୍ଗ : ଦକ୍ଷିଣ ଆଫ୍ରିକୀୟ ସହର ଜୋହାନ୍ସବର୍ଗରେ ମଙ୍ଗଳବାର ବିଳମ୍ବିତ ରାତିରେ ଗଣ ଗୁଳିକାଣ୍ଡ ହୋଇ ୧୨ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ଅନ୍ୟ ୯ ଜଣ ଆହତ ହୋଇଛନ୍ତି। ପୁଲିସ ଅନୁଯାୟୀ ଏକ ମିନିବସ୍ ?ରେ ୧୦ରୁ ଅଧିକ ସନ୍ଦିଗ୍ଧ ଆକ୍ରମଣକାରୀ ଜୋହାନ୍ସବର୍ଗର ଏକ ଉପନଗରୀ କ୍ଲିଭଲାଣ୍ଡ୍ ?ରେ ଏକ ଅନେ ?ପଚାରିକ ବସ୍ତିରେ ଆସି ପହଞ୍ଚିଥିଲେ ଏବଂ ସେମାନେ ଏହି ଅଞ୍ଚଳର ବିଭିନ୍ନ ସ୍ଥାନ ବୁଲି ଲୋକଙ୍କ ଉପରକୁ ଗୁଳି ଚଳାଇଥିଲେ। ସେହି ସମାନ ଗାଡ଼ିରେ ସେମାନେ ସେଠାରୁ ଖସି ପଳାଇଥିଲେ। ମୃତକଙ୍କ ମଧ୍ୟରେ ୯ ଜଣ ପୁରୁଷ ଏବଂ ୩ ଜଣ ମହିଳା ଅଛନ୍ତି। ସେମାନଙ୍କ ମଧ୍ୟରୁ ୧୧ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣଙ୍କର ହସ୍ପିଟାଲରେ ମୃତ୍ୟୁ ହୋଇଥିଲା। ପୁଲିସ ଆକ୍ରମଣକାରୀଙ୍କୁ ଖୋଜୁଛି ଏବଂ ଏଯାବତ ଏହି ମାମଲାରେ କେ ?ଣସି ଜଣଙ୍କୁ ଗିରଫ କରିପାରିନାହିଁ। ତେବେ ଏହି ଗୁଳିକାଣ୍ଡର କାରଣ କ'ଣ ଏଯାବତ ଜଣାପଡ଼ିନାହିଁ। ଉଲ୍ଲେଖଯୋଗ୍ୟ ଦକ୍ଷିଣ ଆଫ୍ରିକାରେ ନିକଟରେ ଅନେକ ହାଇ ପ୍ରୋଫାଇଲ ଗଣ ଗୁଳିକାଣ୍ଡ ହୋଇଛି। ଗତ ଡିସେମ୍ବରରେ ମଧ୍ୟ ଏଠାରେ ୨ ଥର ଗୁଳିକାଣ୍ଡ ହୋଇଛି ଏବଂ ଏଥିରୁ ୨୦ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଥିଲା। ଜୋହାନ୍ସବର୍ଗ ଏବଂ ଏହାର ଆଖପାଖ ଅଞ୍ଚଳରେ ବେଆଇନ ଖଣି ଖନନ ଚାଲେ। ଗୁଳିକାଣ୍ଡ ଘଟଣା ଏହି ବେଆଇନ ଖଣି ମାଫିଆଙ୍କ ସହ ଜଡ଼ିତ ବୋଲି ସନ୍ଦେହ କରାଯାଉଛି।

## ମେଟା ପାଇଁ ଡାଟା ସେଣ୍ଟର କରିବ ରିଲାଏନ୍ସ

ଜାମନଗର: ମାର୍କ ଜକରବର୍ଗଙ୍କ ସଂସ୍ଥା 'ମେଟା' ପାଇଁ ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଗୁଜରାଟର ଜାମନଗରରେ ଏକ ଏଆଇ ଆଧାରିତ ଡାଟା ସେଣ୍ଟର୍ ସ୍ଥାପନ କରିବ।




ସେଥିପାଇଁ ଉଭୟ ସଂସ୍ଥା ମଧ୍ୟରେ ବୁଝାମଣା ହୋଇଛି। ଡାଟା ସେଣ୍ଟର୍‌ର ନିର୍ମାଣଠାରୁ ପରିଚାଳନା ପର୍ଯ୍ୟନ୍ତ ସବୁ ଦାୟିତ୍ୱ ରିଲାଏନ୍ସ ନେବ। ଏହା ଅକ୍ଷୟ ଶକ୍ତିରେ ଚାଲିବ ଓ ସମୁଦ୍ର ପାଣିକୁ ବିଶୋଧନ କରି ସେଥିରେ ବ୍ୟବହାର କରାଯିବ। ୧୬୮ ମେଗାୱାଟ୍ ବିଶିଷ୍ଟ ଏହି ଡାଟା ସେଣ୍ଟର୍ ଜରିଆରେ 'ମେଟା' ଏହାର ବିଶ୍ୱସ୍ତରୀୟ ଏଆଇ ଭିତ୍ତିଭୂମିକୁ ସୁଦୃଢ଼ କରିବ। ଆସନ୍ତା ଦୁଇ ବର୍ଷ ମଧ୍ୟରେ ଉକ୍ତ ଡାଟା ସେଣ୍ଟର କାର୍ଯ୍ୟକ୍ଷମ ହେବ। ଏହି କେନ୍ଦ୍ରକୁ 'ମେଟା' ଲିଜ୍ ସୂତ୍ରରେ ନେବ। ମେଟା ଓ ରିଲାଏନ୍ସ ମଧ୍ୟରେ ସମ୍ପର୍କ ବେଶ ପୁରୁଣା ଓ ଦୃଢ଼। ୨୦୨୦ରେ ରିଲାଏନ୍ସର ଜିଓ ପ୍ଲାଟଫର୍ମସ୍‌ରେ ମେଟା ୫୭୦ କୋଟି ଡଲାର ନିବେଶ କରିଥିଲା। ଏଆଇ ପ୍ଲାଟଫର୍ମ ଓ ଟୁଲ୍ ବିକାଶ କରିବା ପାଇଁ ଗତବର୍ଷ ଉଭୟ ସଂସ୍ଥା ୮୮୫ କୋଟି ଟଙ୍କାର ଏକ ଯୌଥ ଉଦ୍ୟୋଗ ଗଠନ କରିଥିଲେ।

# ଅନ୍ତର୍ଜାତୀୟ କୂଟନୈତିକ ପ୍ରୟାସ ବାଧାପ୍ରାପ୍ତ ଅସ୍ତ୍ରବିରତି ଉଲ୍ଲଂଘନ ନେଇ ଆମେରିକା ଉପରେ ବର୍ଷିଲା ତେହେରାନ



ତେହେରାନ: ମଧ୍ୟପ୍ରାଚ୍ୟରେ ଚାଲିଥିବା ଭୀଷଣ ସାମରିକ ସଂଘର୍ଷ ମଧ୍ୟରେ ଇରାନ ପକ୍ଷରୁ ଆଜିଏକ ବଡ଼ ବୟାନ ସାମ୍ନାକୁ ଆସିଛି। ଦକ୍ଷିଣ ଇରାନର ବିଭିନ୍ନ ସାମରିକ ଘାଟି ଉପରେ ଗତରାତିରେ ଆମେରିକା ପକ୍ଷରୁ କରାଯାଇଥିବା ଏୟାରଷ୍ଟ୍ରାଇକ ପରେ, ଅନ୍ତର୍ଜାତୀୟ ଶାନ୍ତି ପ୍ରୟାସକୁ ବହୁତ ଧକ୍କା ହୋଇଛି ବୋଲି ଇରାନ ଅଭିଯୋଗ କରିଛି। ବୁଧବାର ଇରାନ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ୱାସିଂଟନର ଏଭଳି ସାମରିକ କାର୍ଯ୍ୟାନୁଷ୍ଠାନ ଯୁଦ୍ଧ ଶେଷ କରିବା ପାଇଁ ଜାରି ରହିଥିବା କୂଟନୈତିକ ଆଲୋଚନାକୁ ସମ୍ପୂର୍ଣ୍ଣ ରୂପେ ବାଧାପ୍ରାପ୍ତ କରୁଛି। ଇରାନ ଗଣମାଧ୍ୟମ ଦ୍ୱାରା ପ୍ରସାରିତ ଏକ ଭିଡିଓ ବାର୍ତ୍ତାରେ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଏସମାଏଲ ବାକାଏଇ ଆମେରିକାର ଆଭିମୁଖ୍ୟକୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଦୁର୍ଭାଗ୍ୟବଶତଃ, ଆମେରିକା ବିଭିନ୍ନ ସମୟରେ ଦ୍ୱନ୍ଦ୍ୱାତ୍ମକ ବାର୍ତ୍ତା ପଠାଉଛି। ନିଜର ସ୍ଥିତି ଏବଂ ଦାବିଗୁଡ଼ିକୁ ବାରମ୍ବାର ବଦଳାଉଛି। ଏହା ସହିତ ସବୁଠାରୁ ଖରାପ କଥା ହେଉଛି, ଆମେରିକା ବାରମ୍ବାର ଅସ୍ତ୍ରବିରତି ଚୁକ୍ତିକୁ ଉଲ୍ଲଂଘନ କରୁଛି। ଆମେରିକାର ଏହି ମନୋଭାବ ଯୋଗୁଁ ଅନ୍ତର୍ଜାତୀୟ ସ୍ତରରେ ଚାଲିଥିବା କୂଟନୈତିକ ପ୍ରକ୍ରିୟା ସମ୍ପୂର୍ଣ୍ଣ ନଷ୍ଟ ହେବାରେ ଲାଗିଛି। ଇରାନ ମୁଖପାତ୍ର ନିଜ ବାର୍ତ୍ତାରେ ସ୍ପଷ୍ଟ କରିଛନ୍ତି ଯେ, ସାମରିକ ଶକ୍ତି ପ୍ରଦର୍ଶନ ଏବଂ ଆଲୋଚନା ଏକାସଙ୍ଗେ ଚାଲିପାରିବ ନାହିଁ। ଅନ୍ୟପଟେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଜି ଇରାନକୁ ଚେତାବନୀ ଦେଇ କହିଛନ୍ତି ଯେ ଇରାନ ଏବେ ସୁଯୋଗ ହରାଇଛି ଏବଂ ଶାନ୍ତି ଚୁକ୍ତିରେ ସ୍ୱାକ୍ଷର କରିବାରେ ବହୁତ ବିଳମ୍ବ କରିଛି। ଇରାନ ସେନା ସମ୍ପୂର୍ଣ୍ଣ ପରାସ୍ତ ହୋଇଥିବା ଦାବି କରି ଟ୍ରମ୍ପ କହିଛନ୍ତି ଯେ ୱାସିଂଟନ୍ ସହିତ ଏକ ଚୁକ୍ତିରେ ସ୍ୱାକ୍ଷର କରିନଥିବାରୁ ବର୍ତ୍ତମାନ ଇରାନ ପରିଣାମ ଭୋଗିବ। ଟ୍ରମ୍ପ ଘୋଷଣା କରିଛନ୍ତି ଯେ ଇରାନର ସାମରିକ କ୍ଷମତା ସାଂଘାତିକ ଭାବରେ ହ୍ରାସ ପାଇଛି ଏବଂ ଆମେରିକା ସହିତ ଏକ ଚୁକ୍ତି ହାସଲ କରିବାର ସୁଯୋଗକୁ ନଷ୍ଟ କରୁଛି। ଟ୍ରମ୍ପ କହିଛନ୍ତି, ଇରାନର ନୌସେନା ଏବଂ ବାୟୁସେନା ପ୍ରାୟ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଛି। ସୂଚନାଯୋଗ୍ୟ ଯେ, ଗତ ଏପ୍ରିଲ ମାସରୁ ଉଭୟ ଦେଶ ମଧ୍ୟରେ ଅସ୍ତ୍ରବିରତି ଲାଗୁ ହୋଇଥିଲେ ମଧ୍ୟ ବିଭିନ୍ନ ସମୟରେ ପରସ୍ପର ଉପରେ ଆକ୍ରମଣ ଯୋଗୁ ଏହା ଭଣ୍ଡୁର ହୋଇଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ପରିସ୍ଥିତି ମଧ୍ୟରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଆଜି ସ୍ପଷ୍ଟ କରିଛନ୍ତି ଯେ ଇରାନକୁ କଦାପି ପରମାଣୁ ଅସ୍ତ୍ର ହାସଲ କରିବାକୁ ଦିଆଯିବ ନାହିଁ। ଇସ୍ରାଏଲର ଲକ୍ଷ୍ୟ ଇରାନର ସାମରିକ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ କରିବା ଏବଂ ଏହି ଲକ୍ଷ୍ୟରେ ଆମେ ଅଗ୍ରସହ ହେଉଛୁ ବୋଲି ସେ କହିଛନ୍ତି। ଏହା ସହିତ ହେଜବୁଲ୍ଲା ସଂଗଠନର ମୂଳୋତ୍ପାଟନ କରିବା ମଧ୍ୟ ଆମ ପ୍ରାଥମିକତା ବୋଲି ନେତାନ୍ୟାହୁ କହିଛନ୍ତି। ଇସ୍ରାଏଲ ନିଜ ସୁରକ୍ଷା ପାଇଁ ମଧ୍ୟପ୍ରାଚ୍ୟ ରଣନୀତିରେ କୌଣସି ସାଲିସ କରିବ ନାହିଁ ବୋଲି ଆଜି ସ୍ପଷ୍ଟ କରିଥିବା ବେଳେ ଇରାନ ଉପରେ ପ୍ରଚଣ୍ଡ ଆକ୍ରମଣ ପାଇଁ ପ୍ରସ୍ତୁତି ଚଳାଇଥିବାରୁ ଆଗକୁ ଏକ ମହାଯୁଦ୍ଧର ସଙ୍କେତ ମିଳୁଛି।

## ଟିଏମ୍‌ସି -କଂଗ୍ରେସ ମିଶ୍ରଣକୁ ନେଇ ଚର୍ଚ୍ଚା ରାହୁଲ ଗାନ୍ଧୀ



ନୂଆଦିଲ୍ଲୀ : ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ତୃଣମୂଳ କଂଗ୍ରେସର ଶୋଚନୀୟ ପରାଜୟ ପରଠାରୁ ଦଳ ମଧ୍ୟରେ ଆନ୍ତଃକନ୍ଦଳ ଦଳକୁ ଦୁର୍ବଳ କରିଦେଇଛି। ମମତା ବାନାର୍ଜୀ ମଧ୍ୟ ନିଜ ଦଳ ଉପରେ ଧୀରେଧୀରେ ନିୟନ୍ତ୍ରଣ ହରାଇଦେଲେଣି। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଚର୍ଚ୍ଚା ହେଉଛି ଯେ ତୃଣମୂଳ କଂଗ୍ରେସ ଆଗକୁ କଂଗ୍ରେସ ଦଳ ସହ ମିଶିବାକୁ ଯାଉଛି। ଦିଲ୍ଲୀରେ ଆଜି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ଟିଏମ୍‌ସି ଜାତୀୟ ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀଙ୍କ ମଧ୍ୟରେ ବୈଠକ ଏବଂ ଗତକାଲି ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ ଏବଂ କଂଗ୍ରେସର ପୂର୍ବତନ ସଭାପତି ସୋନିଆ ଗାନ୍ଧୀଙ୍କ ମଧ୍ୟରେ ବୈଠକ ପରେ ଏହି ଚର୍ଚ୍ଚା ଜୋର୍ ଧରିଛି। କିନ୍ତୁ ଟିଏମ୍‌ସି ଏହାକୁ ଖଣ୍ଡନ କରିଛି। କଂଗ୍ରେସ ଦଳ ସହ ଟିଏମ୍‌ସିର ମିଶ୍ରଣ କେବଳ ଏକ ଗୁଜବ ଏବଂ ଏହା ଭୁଲ୍ ବୋଲି ଦଳ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଟିଏମ୍‌ସି ବିଦ୍ରୋହୀ ନେତା ଋତବ୍ରତ ବାନାର୍ଜୀ ଟିଏମ୍‌ସି - କଂଗ୍ରେସ ମଧ୍ୟରେ ମିଶ୍ରଣକୁ ଖଣ୍ଡନ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ରାହୁଲ ଗାନ୍ଧୀ ଏବଂ ଅଭିଷେକ ବାନାର୍ଜୀଙ୍କ ମଧ୍ୟରେ ୧୦ ଜନପଥ ରୋଡ୍‌ରେ ହୋଇଥିବା ବୈଠକ ପାଖାପାଖି ଦେଢ଼ଘଣ୍ଟା ଚାଲିଥିଲା। ଉଭୟ ନେତା ପଶ୍ଚିମବଙ୍ଗରେ ବିକାଶ ସଂକ୍ରାନ୍ତରେ ଆଲୋଚନା କରିଥିଲେ ଏବଂ ରାଜ୍ୟରେ ସେମାନଙ୍କ ସ୍ଥିତି ସୁଦୃଢ଼ କରିବାପାଇଁ ଟିଏମ୍‌ସି ଏବଂ କଂଗ୍ରେସ କିଭଳି ସମନ୍ୱୟ ରକ୍ଷା କରି କାମ କରିବେ ସେଦିଗରେ ଆଲୋଚନା କରିଥିଲେ। ଉଭୟ ନେତା ମଧ୍ୟ ୨୦୨୯ ଲୋକସଭା ନିର୍ବାଚନ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ୩ ବର୍ଷ ପରେ ହେବାକୁ ଥିବା ଲୋକସଭା ନିର୍ବାଚନରେ ଟିଏମ୍‌ସି ଏବଂ କଂଗ୍ରେସ ଦଳ କିଭଳି ବିଜେପିକୁ କ୍ଷମତାରୁ ହଟାଇ ଇଣ୍ଡିମେଣ୍ଟକୁ ସୁଦୃଢ଼ କରିବା ଦିଗରେ ସମନ୍ୱୟ ରଖି କାମ କରିବେ ସେନେଇ ଆଲୋଚନା କରିଥିଲେ। ମଙ୍ଗଳବାର ସୋନିଆ ଏବଂ ମମତାଙ୍କ ମଧ୍ୟରେ ଏକ ବୈଠକ ହୋଇଥିଲା। କିନ୍ତୁ ଏହି ବୈଠକରେ କ'ଣ ଆଲୋଚନା ହୋଇଛି ତାହା ଜଣାପଡ଼ିନି। ଇଣ୍ଡି ମେଣ୍ଟ ବୈଠକରେ ମଧ୍ୟ ଉଭୟ ମମତା ଏବଂ ସୋନିଆ ପରସ୍ପରକୁ ଆଲିଙ୍ଗନ କରିଥିଲେ। ଦୁଇ ଦଳ ପକ୍ଷରୁ ବୈଠକ ସଂକ୍ରାନ୍ତରେ କୌଣସି ସୂଚନା ଦିଆଯାଇନଥିବାରୁ ଆଗକୁ ସେମାନଙ୍କ ରଣନୀତି କ'ଣ ରହିବ ତା' ଉପରେ ସମସ୍ତଙ୍କ ନଜର ରହିଛି।

## ଦିଲ୍ଲୀ ସରକାରଙ୍କ ନୂଆ ଯୋଜନା, ସରକାରୀ ବସ୍ କିମ୍ବା ମେଟ୍ରୋରେ ଆସିଲେ ମିଳିବ ଅଧିକ ଦରମା



ନୂଆଦିଲ୍ଲୀ : ସରକାରୀ କର୍ମଚାରୀଙ୍କ ପାଇଁ ଖୁସି ଖବର । ଦିଲ୍ଲୀ ସରକାର ତାଙ୍କ କର୍ମଚାରୀଙ୍କ ସ୍ୱାର୍ଥ ପାଇଁ ଏବଂ ବଢୁଥିବା ଇନ୍ଧନ ସଙ୍କଟର ସମାଧାନ ପାଇଁ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ସରକାର ଇନ୍ଧନ ବଞ୍ଚାଇବା, ପ୍ରଦୂଷଣ କମ୍ କରିବା ଏବଂ ପବ୍ଲିକ ଟ୍ରାନ୍ସପୋର୍ଟକୁ ବଢାଇବା ପାଇଁ ନୂଆ ପ୍ରୋତ୍ସାହନ ଯୋଜନା ଆରମ୍ଭ କରିଛନ୍ତି । ଯଦି ଆପଣ ନିଜ ବାଇକ୍ ଓ କାର୍ ଛାଡି ଅଫିସ ଯିବାକୁ ମେଟ୍ରୋ କିମ୍ବା ଡିଟିସି ବସ୍ ବ୍ୟବହାର କରନ୍ତି, ତେବେ ଆପଣଙ୍କ ଅଧିକ ଦରମା ମିଳିବ ।

ଦିଲ୍ଲୀ ସରକାର ନିଷ୍ପତ୍ତି ନେଇଛନ୍ତି କି, ସରକାରୀ କର୍ମଚାରୀ ଦିଲ୍ଲୀ ମେଟ୍ରୋ, ଡିଟିସି ବସ କିମ୍ବା ଅନ୍ୟାନ୍ୟ ସାର୍ବଜନୀନ ପରିବହନ ବ୍ୟବହାର କରୁଥିବା ସମସ୍ତ କର୍ମଚାରୀଙ୍କୁ ସ୍ୱତନ୍ତ୍ର ପ୍ରୋତ୍ସାହନ (ଅତିରିକ୍ତ ଭତ୍ତା) ପ୍ରଦାନ କରିବେ । ଯେଉଁ କର୍ମଚାରୀ ନିଜର ଟ୍ରାନ୍ସପୋର୍ଟ ଆଲାଉନ୍ସର ଏକ ଭାଗ ମେଟ୍ରୋ କିମ୍ବା ବସରେ ଯାତ୍ରା କରି ଖର୍ଚ୍ଚ କରିବେ, ସେମାନଙ୍କୁ ୧୦% ଅତିରିକ୍ତ ଟ୍ରାନ୍ସପୋର୍ଟ ଆଲାଉନ୍ସ ମିଳିବ । ଏହି ରାଶି ସେମାନଙ୍କୁ ମାସିକିଆ ଦରମା ସହିତ ମିଳିବ ।

ଗତ ମାସରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ୯୦ ଦିନିଆ 'ମୋ ଭାରତ, ମୋର ଅବଦାନ' ଇନ୍ଧନ ସଞ୍ଚୟ ଅଭିଯାନ ଆରମ୍ଭ କରିଥିଲେ, ଯାହା ସମସ୍ତ ଦିଲ୍ଲୀ ସରକାରୀ କର୍ମଚାରୀଙ୍କୁ ଦୁଇ ଦିନ ଘରୁ କାମ କରିବାକୁ ଏବଂ ସାର୍ବଜନୀନ ପରିବହନ ବ୍ୟବହାର କରିବାକୁ ବାଧ୍ୟତାମୂଳକ ବୋଲି ମଧ୍ୟ ଘୋଷଣା କରାଯାଇଥିଲା । ଅର୍ଥ ବିଭାଗର ନିର୍ଦ୍ଦେଶ ଅନୁଯାୟୀ, ଯଦି ଜଣେ ସରକାରୀ କର୍ମଚାରୀ ଦିଲ୍ଲୀ ପରିବହନ ନିଗମ ଦ୍ୱାରା ଜାରି କରାଯାଇଥିବା ଏକ କମନ ମୋବିଲିଟି କାର୍ଡ କ୍ରୟ କିମ୍ବା ରିଚାର୍ଜ କରିବାରେ ସେମାନଙ୍କର ମାସିକ ପରିବହନ ଭତ୍ତାର ଅତି କମରେ ୨୫ ପ୍ରତିଶତ ଖର୍ଚ୍ଚ କରନ୍ତି, ତେବେ ସେମାନେ ଏହି ଯୋଜନା ପାଇଁ ଯୋଗ୍ୟ ହେବେ । ଏହିପରି କର୍ମଚାରୀମାନେ ସେମାନଙ୍କର ମୋଟ ପରିବହନ ଭତ୍ତାର ୧୦ ପ୍ରତିଶତ ସହିତ ସମାନ ଅତିରିକ୍ତ ପ୍ରୋତ୍ସାହନ ପାଇବେ । ଏହି ପରିମାଣ ପ୍ରତି ମାସରେ ସେମାନଙ୍କ ଦରମାରେ ଯୋଡାଯିବ । ଏହି ଯୋଜନା ବର୍ତ୍ତମାନ ଛଅ ମାସର ପ୍ରାରମ୍ଭିକ ଅବଧି ପାଇଁ କାର୍ଯ୍ୟକାରୀ ହେଉଛି ।

ଏହି ଯୋଜନା ଦିଲ୍ଲୀ ସରକାରଙ୍କ କର୍ମଚାରୀଙ୍କ ପାଇଁ ରହିଛି । ଏହାଛଡା ଦିଲ୍ଲୀ ସରକାରଙ୍କ ଅଧିନରେ ଆସୁଥିବା ସମସ୍ତ ସରକାରୀ କର୍ମଚାରୀ, ବୋର୍ଡ, ସୋସାଇଟି ଏବଂ ଅନୁଦାନପ୍ରାପ୍ତ ସଂସ୍ଥାର କର୍ମଚାରୀ ନିୟମ ଅନୁସାରେ ଲାଭ ଉଠାଇପାରିବେ ।

## ଆଫଗାନିସ୍ତାନ ଉପରେ ପାକିସ୍ତାନର ଏୟାରଷ୍ଟ୍ରାଇକ୍, ୧୩ ମୃତ

ପାକିସ୍ତାନ : ପାକିସ୍ତାନ ଆଫଗାନିସ୍ତାନର ସୀମାବର୍ତ୍ତୀ ଅଞ୍ଚଳରେ ଏୟାରଷ୍ଟ୍ରାଇକ୍ କରିଛି । ଯାହାକୁ ନେଇ ଆନ୍ତର୍ଜାତୀୟ ସ୍ତରରେ ଆଲୋଚନା ଆରମ୍ଭ କରିଛି । ଏହି ଆକ୍ରମଣରେ ୧୧ ଜଣ ପିଲାଙ୍କ ସମେତ ୧୩ ଜଣ ଲୋକଙ୍କ ମୃତ୍ୟୁ ଘଟିଛି ଏବଂ ୧୪ ଜଣ ଗମ୍ଭୀର ଭାବେ ଆହତ ହୋଇଛନ୍ତି । ଆଫଗାନିସ୍ତାନ ସରକାର ପାକିସ୍ତାନର ଏହି କାର୍ଯ୍ୟକୁ କଡ଼ା ନିନ୍ଦା କରିବା ସହ ଏହାକୁ ଅନ୍ତର୍ଜାତୀୟ ନିୟମର ଉଲ୍ଲଂଘନ ବୋଲି କହିଛି । ସୂଚନାନୁଯାୟୀ, ପାକିସ୍ତାନର ଏହି ଆକ୍ରମଣ ଆଫଗାନିସ୍ତାନର କୁନାର, ଖୋସ୍ତ ଏବଂ ପାକତିକା ପ୍ରଦେଶର ଆବାସିକ ଅଞ୍ଚଳରେ କରାଯାଇଛି । ଏହି ମୃତକଙ୍କ ମଧ୍ୟରେ ଶିଶୁ, ମହିଳା ଏବଂ ବୃଦ୍ଧ ରହିଛନ୍ତି ବୋଲି ଆଫଗାନିସ୍ତାନ ଦାବି କରିଛି । ଏହାରି ମଧ୍ୟରେ ଆଫଗାନିସ୍ତାନର ମୁଖପାତ୍ର ଜାବିଉଲ୍ଲା ମୁଜାହିଦ ଏକ ବିବୃତ୍ତି ଜାରି କରିଛନ୍ତି । ତାଙ୍କ ଦ୍ୱାରା ଜାରି ହୋଇଥିବା ବିବୃତ୍ତି ଅନୁଯାୟୀ, ମଙ୍ଗଳବାର ବିଳମ୍ବିତ ରାତିରେ ପାକିସ୍ତାନୀ ଆକ୍ରମଣକାରୀ ସେନା ପୁଣିଥରେ ଆଫଗାନିସ୍ତାନର ସାର୍ବଭୌମତ୍ୱକୁ ଖୋଲାଖୋଲି ଉଲ୍ଲଂଘନ କରିଛନ୍ତି । ଆଫଗାନିସ୍ତାନ ଉପରେ ପାକିସ୍ତାନର ଏୟାରଷ୍ଟ୍ରାଇକରେ ଅନେକ ଲୋକଙ୍କର ମୃତ୍ୟୁ ଘଟିଛି ।

# ପିଓକେରେ ଅଶାନ୍ତି, ଜୋଜିଲାରେ ଖୁସି: ନିୟନ୍ତ୍ରଣ ରେଖା ଦ୍ୱାରା ବିଭାଜିତ ଦୁଇ କାଶ୍ମୀରର କାହାଣୀ



ନୂଆଦିଲ୍ଲୀ: ରାୱଲାକୋଟ୍, ମୁଜାଫରାବାଦ ଓ ମୀରପୁର। ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ର ଏହି ସହରଗୁଡ଼ିକରେ ଅଶାନ୍ତି, ଗିରଫଦାରୀ ଓ ହତ୍ୟାକାଣ୍ଡ ଜାରି ରହିଛି। ଏହି ଅଞ୍ଚଳର ଲୋକମାନେ ଇସଲାମାବାଦର କର୍ତ୍ତୃପକ୍ଷଙ୍କୁ ଚ୍ୟାଲେଞ୍ଜ କରୁଛନ୍ତି। ନିୟନ୍ତ୍ରଣ ରେଖା (ଏଲଓସି) ପାର ହୋଇ ପୂର୍ବରେ ମାତ୍ର ଶହେ କିଲୋମିଟର ଦୂରରେ ଲୋକମାନେ ପ୍ରଗତିକୁ ନେଇ ଖୁସି ମନାଉଛନ୍ତି, ସରକାରଙ୍କୁ ବିରୋଧ ନୁହେଁ।

ବାଲଟାଲ, ସୋନମାର୍ଗ ଓ ମିନାମାର୍ଗର ଇଞ୍ଜିନିୟରମାନେ ମଙ୍ଗଳବାର ହିମାଳୟ ତଳେ ଏକତ୍ରିତ ହୋଇ ଜମ୍ମୁ-କାଶ୍ମୀରରେ ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଜୋଜିଲା ଟନେଲର ସଫଳତା ଉତ୍ସବ ପାଳନ କରିଛନ୍ତି। ଇଞ୍ଜିନିୟରିଂ ଚମତ୍କାର କାର୍ଯ୍ୟ ଶେଷ ହେବା ପରେ ଏହା ଏସିଆର ଦୀର୍ଘତମ ଟନେଲରେ ପରିଣତ ହେବ ବୋଲି ଆଶା କରାଯାଉଛି। ସବୁଦିନିଆ ଜୋଜିଲା ଟନେଲ ଜମ୍ମୁ-କାଶ୍ମୀରକୁ ଲଦାଖ ସହିତ ସଂଯୋଗ କରିବ।

ନିୟନ୍ତ୍ରଣରେଖାର ଉଭୟ ପାର୍ଶ୍ୱରେ ପ୍ରାୟ ଏକାସାଙ୍ଗରେ ଘଟୁଥିବା ଦୁଇଟି ଘଟଣାକ୍ରମ କାଶ୍ମୀରର ଦୁଇ ଭାଗର ଭିନ୍ନତା ଦର୍ଶାଉଛି, ଯେଉଁ ଅଞ୍ଚଳକୁ ୧୯୪୭ରେ ପାକିସ୍ତାନର ଦୁଃସାହସିକ କାର୍ଯ୍ୟ ଦୁଇଟି ଭିନ୍ନ ବାସ୍ତବତାରେ ବିଭକ୍ତ କରିଛି। ଜମ୍ମୁ-କାଶ୍ମୀରର ସମଗ୍ର କେନ୍ଦ୍ରଶାସିତ ଅଞ୍ଚଳ ଏବଂ ଲଦାଖ, ଗିଲଗିଟ୍-ବଲ୍‌ଟିସ୍ତାନ ଓ ଶାକ୍ସଗାମ୍ ଉପତ୍ୟକା ଭାରତର ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିବାବେଳେ ପାକିସ୍ତାନ ୧୯୪୭ ମସିହାରୁ ଏହି ଅଞ୍ଚଳର କିଛି ଅଂଶ ଦଖଲ କରିରଖିଛି।

ଗୋଟିଏ ପଟେ, ପିଓକେ ଶାସନର କ୍ରୂରତା, ମୁଦ୍ରାସ୍ଫୀତି, ରାଜନୈତିକ ପ୍ରତିନିଧିତ୍ୱ ଓ ସରକାରୀ ଦମନ ଅଭିଯୋଗକୁ ନେଇ ଅଶାନ୍ତିର ସମ୍ମୁଖୀନ ହେଉଛି। ଅନ୍ୟପକ୍ଷରେ, ୧୩.୧୫ କିଲୋମିଟର ଜୋଜିଲା ଟନେଲର ସଫଳତା ସହିତ ଭାରତ ଏକ ପ୍ରମୁଖ ଭିତ୍ତିଭୂମି ମାଇଲଖୁଣ୍ଟ ହାସଲ କରିଛି। ଏହି ସୁଡ଼ଙ୍ଗ କାର୍ଯ୍ୟକ୍ଷମ ହେବା ପରେ ଲଦାଖର ଜୋଜିଲା ଗିରିପଥ ବାହାରେ ଥିବା ବିଶାଳ ଅଞ୍ଚଳରେ ବାର୍ଷିକ ଶୀତକାଳୀନ ବିଚ୍ଛିନ୍ନତାକୁ ସମାପ୍ତ କରିବ। ଗତ ଦଶନ୍ଧି ମଧ୍ୟରେ, ଜମ୍ମୁ-କାଶ୍ମୀରରେ ରାଜପଥ, ଟନେଲ, ରେଳବାଇ, ବିଦ୍ୟୁତ୍ ପ୍ରକଳ୍ପ ଓ ପର୍ଯ୍ୟଟନ ଭିତ୍ତିଭୂମି କ୍ଷେତ୍ରରେ ନିରନ୍ତର ପୁଞ୍ଜି ବିନିଯୋଗ ହୋଇଛି। ଜେଡ୍-ମୋଡ଼ ଟନେଲ, ଚେନାବ ରେଳ ପୋଲ, ଜମ୍ମୁ-ଉଧମପୁର-ଶ୍ରୀନଗର-ବାରମୁଲା ରେଳ ସଂଯୋଗ ଓ ଜୋଜିଲା ଟନେଲ ଭାରତର ବ୍ୟାପକ ପ୍ରୟାସର ଏକ ଅଂଶବିଶେଷ। ଇତିମଧ୍ୟରେ, ପିଓକେ ବିଦ୍ୟୁତ୍ ଶୁଳ୍କ ଓ ଗହମ ମୂଲ୍ୟ ବୃଦ୍ଧି, ଶାସନର ଅବହେଳା ଓ ରାଜନୈତିକ ପ୍ରତିନିଧିତ୍ୱକୁ ନେଇ ବାରମ୍ବାର ବିରୋଧର ସାକ୍ଷୀ ହୋଇଛି। ଅନ୍ୟପଟେ ଜୋଜିଲା ଟନେଲ ପରି ଭିତ୍ତିଭୂମି ଉନ୍ନତିକୁ ନେଇ ଲୋକମାନେ ଖୁସି ମନାଉଛନ୍ତି। ମଙ୍ଗଳବାର ରାୱଲାକୋଟରେ ମାରାତ୍ମକ ସଂଘର୍ଷରେ ଡଜନାଧିକ ଲୋକଙ୍କ ମୃତ୍ୟୁ ଘଟିଛି। ସରକାରୀ ରିପୋର୍ଟରେ ମୃତ୍ୟୁ ସଂଖ୍ୟା ୧୧ ବୋଲି ଦର୍ଶାଯାଇଛି, ଯଦିଓ କିଛି କାର୍ଯ୍ୟକର୍ତ୍ତା ମୃତାହତଙ୍କ ସଂଖ୍ୟା ଯଥେଷ୍ଟ ଅଧିକ ବୋଲି ଦାବି କରିଛନ୍ତି। ଇଣ୍ଟରନେଟ୍ ସେବାକୁ ସ୍ଥଗିତ ରଖାଯାଇଛି, ଶହ ଶହ ଲୋକଙ୍କୁ ଅଟକ ରଖାଯାଇଛି ଏବଂ ଅଧିକ ଅଶାନ୍ତି ଆଶଙ୍କା ମଧ୍ୟରେ ସମଗ୍ର ଅଞ୍ଚଳରେ ସୁରକ୍ଷା ବାହିନୀ ମୁତୟନ କରାଯାଇଛି।

ଏଣେ ଭାରତରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ଜମ୍ମୁ-କାଶ୍ମୀରର ଜୋଜିଲା ଟନେଲର ଚୂଡ଼ାନ୍ତ ସଫଳତାରେ ଯୋଗ ଦେଇଥିଲେ। ପ୍ରାୟ ୧୧,୫୦୦ ଫୁଟ ଉଚ୍ଚତାରେ ଅବସ୍ଥିତ ଏହି ୧୩.୧୫ କିମି ଟନେଲ ବିଶ୍ୱର ଦୀର୍ଘତମ ଏକକ-ଟ୍ୟୁବ୍ ସଡ଼କ ଟନେଲ୍ ମଧ୍ୟରୁ ଅନ୍ୟତମ ହେବ ଏବଂ କାଶ୍ମୀର ଓ ଲଦାଖ ମଧ୍ୟରେ ବର୍ଷସାରା ସଂଯୋଗ ସୁବିଧା ଯୋଗାଇବ। ଏହି ଟନେଲ ବରଫ-ଆଚ୍ଛାଦିତ ଜୋଜିଲା ଗିରିପଥରେ ଯାତ୍ରା ସମୟ ହ୍ରାସ କରିବ। ଶୀତ ଋତୁରେ ମଧ୍ୟ ଯୋଗାଯୋଗ ରହିବ, ଯେତେବେଳେ ପ୍ରବଳ ତୁଷାରପାତ ଯୋଗୁଁ ରାଜପଥ ବନ୍ଦ ରହିଥାଏ। ଜୋଜିଲା ଟନେଲ ୨୦୨୮ ସୁଦ୍ଧା କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି। ୨୦୧୯ରେ ଧାରା ୩୭୦ ଉଚ୍ଛେଦ ହେବା ପରେ ଜମ୍ମୁ-କାଶ୍ମୀରରେ ପୁଞ୍ଜି ବିନିଯୋଗ ଓ ଭିତ୍ତିଭୂମି ଖର୍ଚ୍ଚରେ ବୃଦ୍ଧି ଘଟିଛି। ବାର୍ଷିକ ନିବେଶ, ଯାହା ୨୦୨୧ ପୂର୍ବରୁ ୪୫୦ କୋଟି ଟଙ୍କାରୁ କମ୍ ଥିଲା, ୨୦୨୫-୨୬ରେ ରେକର୍ଡ ୫,୮୨୪ କୋଟି ଟଙ୍କାରେ ପହଞ୍ଚିଛି। ଜମ୍ମୁ-କାଶ୍ମୀର ପ୍ରଶାସନ ଦ୍ୱାରା ୧.୬ ଲକ୍ଷ କୋଟିରୁ ଅଧିକ ମୂଲ୍ୟର ପୁଞ୍ଜି ବିନିଯୋଗ ପ୍ରସ୍ତାବ ଗ୍ରହଣ କରାଯାଇଛି।

# ଅଗଷ୍ଟ ୧୫ରୁ ଭାରତ-ଶ୍ରୀଲଙ୍କା ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା

ମୁମ୍ବାଇ: ଆସନ୍ତା ଅଗଷ୍ଟ ୧୫ରୁ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ୍ ଶୃଙ୍ଖଳା ଆରମ୍ଭ ହେବ। ପ୍ରଥମ ଟେଷ୍ଟ୍ ଗଲ୍‌ଠାରେ ଅଗଷ୍ଟ ୧୫ରୁ ୧୯ ପର୍ଯ୍ୟନ୍ତ ଖେଳାଯିବ। ଦ୍ୱିତୀୟ ଟେଷ୍ଟ ପାଇଁ ସ୍ଥାନ ଚୂଡ଼ାନ୍ତ ହୋଇନଥିଲେ ବି ଏହା ଅଗଷ୍ଟ ୨୩ରୁ



ଆରମ୍ଭ ହେବ। ତେବେ ଏହା କଲମ୍ବୋର ସିଂହଳିଜ୍ ସ୍ପୋର୍ଟ୍ସ କ୍ଲବ୍‌ରେ ଖେଳାଯିବାର ସମ୍ଭାବନା ରହିଛି। ସ୍ଥାନ ଚୂଡ଼ାନ୍ତ ହେବା ପରେ ବିସିସିଆଇ ପକ୍ଷରୁ ଚୂଡ଼ାନ୍ତ ଗସ୍ତସୂଚୀ ପ୍ରକାଶ ପାଇବ।

ଏହି ଦୁଇ ଟେଷ୍ଟ ବିଶ୍ୱ ଟେଷ୍ଟ୍ ଚାମ୍ପିଅନ୍‌ସିପ୍ ଚକ୍ରରେ ଅନ୍ତର୍ଭୁକ୍ତ ଥିବାରୁ ଉଭୟ ଦଳ ପାଇଁ ଏହାର ଗୁରୁତ୍ୱ ରହିଛି। ଏହି ଗସ୍ତରେ ଭାରତ ୨ ଟେଷ୍ଟ ବ୍ୟତୀତ ଭାରତ ଗୋଟିଏ ଟ୍ୱେଣ୍ଟି-୨୦ ଖେଳିପାରେ। ତେବେ ୩ ଟ୍ୱେଣ୍ଟି-୨୦ ଖେଳିବାକୁ ଶ୍ରୀଲଙ୍କା ବୋର୍ଡ ଅନୁରୋଧ କରିଛି ଓ ଖୁବଶୀଘ୍ର ଗସ୍ତସୂଚୀ ଚୂଡ଼ାନ୍ତ ହେବ ବୋଲି ବିସିସିଆଇ ସଚିବ ଦେବଜିତ ସାଇକିଆ ନିକଟରେ ସୂଚନା ଦେଇଥିଲେ।

୨୦୧୭ ପରେ ଏହା ହେବ ଶ୍ରୀଲଙ୍କାକୁ ଭାରତର ପ୍ରଥମ ଗସ୍ତ। ୨୦୧୭ରେ ଭାରତ ବିରାଟ କୋହଲିଙ୍କ ନେତୃତ୍ୱରେ ଶ୍ରୀଲଙ୍କା ଗସ୍ତ କରି ଉଭୟ ଟେଷ୍ଟ ଓ ଦିନିକିଆ ଶୃଙ୍ଖଳା ପୋଛିନେଇଥିଲା। ଏହା ସହିତ ଖେଳାଯାଇଥିବା ଏକମାତ୍ର ଟ୍ୱେଣ୍ଟି-୨୦ରେ ବି ବିଜୟ ହାସଲ କରିଥିଲା।

# ଅଷ୍ଟ୍ରେଲିଆରେ କ୍ରିକେଟକୁ ନେଇ ବଡ଼ ଘୋଷଣା କରିବେ ମୋଦୀ

## ପ୍ରଶଂସକଙ୍କୁ ମିଳିବ ବଡ ଉପହାର

ନୂଆଦିଲ୍ଲୀ, ୧୦/୦୬: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ଆଗାମୀ ଅଷ୍ଟ୍ରେଲିଆ ଗସ୍ତ ସମୟରେ ଏକ ବଡ଼ ଘୋଷଣା କରିବାକୁ ପ୍ରସ୍ତୁତ ଥିବା ଜଣାପଡ଼ିଛି। ଭାରତରେ ଅଷ୍ଟ୍ରେଲିୟ ଟି-୨୦ ଲିଗ୍, ବିଗ୍ ବ୍ୟାଶ୍ ଲିଗ୍ ୨୦୨୬-୨୭ (ବିବିଏଲ୍ ୨୦୨୬-୨୭)ର ମ୍ୟାଚ୍ ଆୟୋଜନ କରିବା ନେଇ ଆଲୋଚନା ଜୋର ଧରିଛି। ପ୍ରଧାନମନ୍ତ୍ରୀ ମୋଦୀ ଅଷ୍ଟ୍ରେଲିଆରୁ ଏକ ଆନୁଷ୍ଠାନିକ ଘୋଷଣା କରି ପ୍ରଶଂସକମାନଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଉପହାର ଦେଇପାରନ୍ତି। ଏହି ପରିପ୍ରେକ୍ଷିରେ ପ୍ରଥମ ଥର ପାଇଁ ଭାରତ ମାଟିରେ କୌଣସି ଅଷ୍ଟ୍ରେଲିୟ ଟି-୨୦ ଲିଗ୍ ମ୍ୟାଚ୍ ଖେଳା ହେବାକୁ ଯାଉଛି।



ଆଗାମୀ ବିପିଏଲ୍ ସିଜିନର ପ୍ରଥମ ମ୍ୟାଚ୍ ଚେନ୍ନାଇର ଏମ.ଏ ଚିଦାମ୍ବରମ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହା ବିଗ୍ ବ୍ୟାସ୍ ଲିଗ୍ର ଲୋକପ୍ରିୟତାକୁ ଆହୁରି ବୃଦ୍ଧି କରିବ। ଆଇପିଏଲ୍ ପରେ, ବିଗ୍ ବ୍ୟାସ୍ ଲିଗ୍କୁ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଟି-୨୦ ଲିଗ୍ ଭାବରେ ବିବେଚନା କରାଯାଏ। ଦୀର୍ଘ ଆଲୋଚନା ପରେ, ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଏବଂ ତାମିଲନାଡୁ କ୍ରିକେଟ୍ ସଂଘ ମ୍ୟାଚ୍ ପାଇଁ ଅନୁମତି ପ୍ରଦାନ କରିଥିଲେ। କ୍ରିକେଟ୍ ଅଷ୍ଟ୍ରେଲିଆର ଏକ ପ୍ରତିନିଧି ଦଳ ଆଇପିଏଲ୍ ୨୦୨୬ରେ ଚେନ୍ନାଇ ସୁପର କିଙ୍ଗସର ଅନ୍ତିମ ଘରୋଇ ମ୍ୟାଚ୍ ଦେଖିବା ପାଇଁ ଏମ.ଏ ଚିଦାମ୍ବରମ ଷ୍ଟାଡିୟମ୍ ପରିଦର୍ଶନ କରିଥିଲେ। ବିସିସିଆଇ ଅଧ୍ୟକ୍ଷ ମିଥୁନ୍ ମନ୍‌ହାସ୍ ମଧ୍ୟ ଉପସ୍ଥିତ ଥିଲେ।

ଏବେ ମଧ୍ୟ ଅନେକ ଲଜିଷ୍ଟିକ୍ ବାଧାର ସମାଧାନ କରିବାକୁ ବାକି ଅଛି। ମ୍ୟାଚ୍ ନିଶ୍ଚିତ ହେବା ପୂର୍ବରୁ ସରକାରୀ ଆଲୋଚନା ଚାଲିଛି। ୭ ଉକ୍ସସମଲରଶ୍ବ ର ସାମ୍ବାଦିକ ଟମ୍ ମୋରିସ୍ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀ ଚେନ୍ନାଇରେ ପ୍ରଥମ ବିବିଏଲ ମ୍ୟାଚ୍ ଆନୁଷ୍ଠାନିକ ଭାବରେ ଘୋଷଣା କରିବାକୁ ଯାଉଛନ୍ତି। ଏହା ମଧ୍ୟ କୁହାଯାଇଛି ଯେ ପ୍ରଧାନମନ୍ତ୍ରୀ ମୋଦୀ ୮ ରୁ ୧୦ ଜୁଲାଇ ମଧ୍ୟରେ ଅଷ୍ଟ୍ରେଲିଆର ସିଡନୀରେ ରହିବେ। ଏହା ଦେଖିବା ଆକର୍ଷଣୀୟ ହେବ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇଈଖ ମ୍ୟାଚ୍ ସମ୍ପର୍କରେ କୌଣସି ଘୋଷଣା କରୁଛନ୍ତି କି ନାହିଁ।

ଗତ ସିଜନରେ, ଆଷ୍ଟନ୍ ଟର୍ନରଙ୍କ ଅଧିନାୟକତ୍ୱରେ ପର୍ଥ ସ୍କର୍‌ଚର୍ସ ଫାଇନାଲରେ ସିଡନୀ ସିକ୍ସର୍ସଙ୍କୁ ୬ ୱିକେଟରେ ପରାସ୍ତ କରି ଟାଇଟଲ ଜିତିଥିଲା। ପ୍ରଥମେ ବ୍ୟାଟିଂ କରି ସିଡନୀ ୨୦ ଓଭରରେ ୧୩୨ ରନ କରି ଅଲଆଉଟ୍ ହୋଇଥିଲା। ଟାର୍ଗେଟର ପିଛା କରି ପର୍ଥ ସ୍କର୍‌ଚର୍ସ ୧୭.୩ ଓଭରରେ ୪ ୱିକେଟ ହରାଇ ୧୩୩ ରନ କରିଥିଲା। ସୂଚନାଥାଉକି, ଭାରତର ଆଇପିଏଲ୍ ଭଳି ବିଗ୍ ବାସ୍ ଲିଗ୍ ବା ବିବିଏଲ୍ ହେଉଛି ଅଷ୍ଟ୍ରେଲିଆର ଏକ ବହୁତ ଲୋକପ୍ରିୟ ଏବଂ ପ୍ରମୁଖ ଟି୨୦ କ୍ରିକେଟ୍ ଲିଗ୍। ପ୍ରଥମ ଥର ପାଇଁ କୌଣସି ବିଦେଶୀ ଟି ୨୦ ଫ୍ରାଞ୍ଚାଇଜ୍ ଲିଗ୍ ମ୍ୟାଚ୍ ଭାରତର ଚେନ୍ନାଇରେ ଆୟୋଜନ କରିବାକୁ ଯୋଜନା କରାଯାଉଛି।

# ପ୍ରତ୍ୟାବର୍ତ୍ତନରେ ମେସିଙ୍କ ଗୋଲ୍

ଅଲାବାମା: ଆହତ ଜନିତ ସମସ୍ୟାରୁ ମୁକୁଳିଥିବା ଆର୍ଜେଣ୍ଟିନାର ମହାନ ଫୁଟ୍‌ବଲର୍ ଲିଓନେଲ ମେସି ବିଶ୍ୱକପ୍ ପୂର୍ବରୁ ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। ବିଶ୍ୱକପ୍ ୱାର୍ମ ଅପ୍ ମ୍ୟାଚ୍‌ରେ ତାଙ୍କ ଗୋଲ୍‌ରେ ବିଜେତା ଆର୍ଜେଣ୍ଟିନା ୩-୦ ଗୋଲ୍‌ରେ ଆଇସ୍‌ଲାଣ୍ଡକୁ ପରାସ୍ତ କରିଛି। ଫଳରେ ମେସିଙ୍କ ନେତୃତ୍ୱରେ ଦଳ ପୁଣି ଥରେ ବିଶ୍ୱକପ୍ ତୋଳି ଧରିବାକୁ ପ୍ରସ୍ତୁତ ବୋଲି ବିପକ୍ଷ ରାଷ୍ଟ୍ରକୁ ସଚେତନ କରି ଦେଇଛି। ଏହି ୱାର୍ମ ଅପ୍ ମ୍ୟାଚ୍‌ରେ ଆରମ୍ଭରୁ ଲା ଅଲ୍‌ବିସେଲେଷ୍ଟି ଏକ ସହଜ ଗୋଲ୍ ସୁଯୋଗ ହାତଛଡା କରିବା ଆଇସ୍‌ଲାଣ୍ଡକୁ ଭାରୀ ପଡିଥିଲା। ଭାଲେଣ୍ଟିନା



ବାର୍କୋଙ୍କ ଗୋଲ୍‌ରେ ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା। ଏହାପରେ ବିଶ୍ୱ ବିଜେତା ଆର୍ଜେଣ୍ଟିନା ସଫଳ ପ୍ରତ୍ୟାବର୍ତ୍ତନ କରି ଅଷ୍ଟମ ମିନିଟ୍‌ରେ ଭାଲେଣ୍ଟିନା ବାର୍କୋଙ୍କ ଗୋଲ୍‌ରେ ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା। ୭୨ତମ ମିନିଟ୍‌ରେ ମେସିଙ୍କ ଗୋଲ୍‌ରେ ଦଳ ୨-୦ରେ ଆଗୁଆ ହୋଇଥିଲା। ଏହାପରେ ମେସିଙ୍କ ପାସ୍‌କୁ ଲେଟିନା ମାର୍ଟିନେଜ୍ (୮୬ ମିନିଟ୍) ଗୋଲ୍‌ରେ ପରିଣତ କରି ଦଳକୁ ୩-୦ ବିଜୟ ଭେଟି ଦେଇଥିଲେ। ଏହା ପୂର୍ବରୁ ଜୁନ୍ ୬ରେ ମେସିଙ୍କ ଅନୁପସ୍ଥିତିରେ ଆର୍ଜେଣ୍ଟିନା ୨-୦ରେ ହୋଣ୍ଡୁରାସ୍‌କୁ ପରାସ୍ତ କରିଥିଲା। ଗ୍ରୁପ୍-ଜି'ରେ ସ୍ଥାନ ପାଇଥିବା ଆର୍ଜେଣ୍ଟିନା ଜୁନ୍ ୧୬ରେ ଅଲ୍‌ଜେରିଆ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଏହା ପରେ ୨୨ରେ ଅଷ୍ଟ୍ରିଆ ଓ ୨୮ରେ ଜୋର୍ଡାନ ବିପକ୍ଷରେ ଖେଳି ଗ୍ରୁପ୍ ପର୍ଯ୍ୟାୟ ଶେଷ କରିବ।

# ଶତକ ପରେ ଉପରକୁ ଉଠିଲେ ଗିଲ୍



ନୂଆଦିଲ୍ଲୀ: ସଦ୍ୟ ପ୍ରକାଶିତ ଆଇସିସି ଟେଷ୍ଟ ରାଙ୍କିଂରେ ଉପରକୁ ଉଠିଛନ୍ତି ଶୁଭମନ ଗିଲ୍ । ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ ମୁକାବିଲାରେ ଦମଦାର ଶତକ ପରେ ଲମ୍ବା ଲମ୍ଫ ମାରିଛନ୍ତି ଟିମ୍ ଇଣ୍ଡିଆର ଅଧିନାୟକ । ଟପ୍-୧୦ରେ ଏଣ୍ଟ୍ରି କରିଥିବାବେଳେ ଦୁଇଟି ସ୍ଥାନ ଉପରକୁ ଉଠିଛନ୍ତି । ଯେଉଁଥିରେ ତଳକୁ ଖସିଛନ୍ତି ଜଶସ୍ୱୀ ଜୟସ୍ୱାଲ ।

ସଦ୍ୟ ପ୍ରକାଶିତ ଆଇସିସି ରାଙ୍କିଂରେ ଅଷ୍ଟମ ସ୍ଥାନକୁ ଉଠିଛନ୍ତି ଗିଲ୍ । ସେ ୭୪୩ ପଏଣ୍ଟ ସହ ଏହି ସ୍ଥାନରେ ରହିଛନ୍ତି । ପୂର୍ବରୁ ଗିଲ୍ ଦଶମ ସ୍ଥାନରେ ରହିଥିଲେ । ଏବେ ଦୁଇଟି ସ୍ଥାନ ଉପରକୁ ଉଠିଛନ୍ତି । ତେବେ ଟେଷ୍ଟରେ ଟପ୍-୧୦ ମଧ୍ୟରେ ମାତ୍ର ୨ ଜଣ ବ୍ୟାଟ୍ସମ୍ୟାନ୍ ରହିଛନ୍ତି । ନବମ ସ୍ଥାନରେ ରହିଛନ୍ତି ଜୟସ୍ୱାଲ ।

ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ ମୁକାବିଲାରେ ଗିଲ୍ ୧୭୭ ବଲରୁ ୧୨୬ ରନ୍ କରିଥିଲେ । ମାତ୍ର ଜୟସ୍ୱାଲ ୨୪ ରନ କରିବାରେ ସଫଳ ହୋଇଥିଲେ । ଏହି ଶତକ ବଳରେ ଉପରକୁ ଉଠିଛନ୍ତି ଗିଲ୍ । ଯାହାକି ଜୟସ୍ୱାଲଙ୍କୁ କ୍ଷତି ପହଞ୍ଚାଇଛି । ସେ ଅଷ୍ଟମ ସ୍ଥାନରୁ ନବମ ସ୍ଥାନକୁ ଖସିଛନ୍ତି । ତେବେ ଆଫଗାନିସ୍ତାନ ବିପକ୍ଷ ମୁକାବିଲାରେ କେ.ଏଲ ରାହୁଲ ଶତକ ମାରିବା ପରେ ମଧ୍ୟ ସେ ୩୪ ନମ୍ବର ସ୍ଥାନରେ ରହିଛନ୍ତି ।

ପୂର୍ବରୁ ରଚିନ ରବିନ୍ଦ୍ର ଦଶମ ସ୍ଥାନରେ ରହିଥିଲେ । ମାତ୍ର ଏବେ ସେ ୧୩ତମ ସ୍ଥାନକୁ ଖସିଛନ୍ତି । ଗିଲ୍ ଚାଣ୍ଡିମାଲ ଏବଂ ପନ୍ତଙ୍କୁ ପଛରେ ପକାଇ ଆଗକୁ ବଢ଼ିଛନ୍ତି । ପନ୍ତ ଆଫଗାନିସ୍ତାନ ବିପକ୍ଷ ମ୍ୟାଚରେ ୮୧ ରନର ପାଳି ଖେଳିଥିଲେ । ମାତ୍ର ସେ ଏବେ ୧୨ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି ।

# ଅଷ୍ଟ୍ରେଲିଆନ୍ ଓପନ୍‌ରେ ଆଗେଇଲେ ଭାରତୀୟ ତାରକା ସିନ୍ଧୁ, ତନ୍ୱୀ

ସିଡ୍‌ନି, ୧୦।୬ ସମ୍ମାନଜନକ ଅଷ୍ଟ୍ରେଲିଆନ୍ ଓପନ୍ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାରେ ଭାରତୀୟ ତାରକା ତଥା ଦୁଇ ଥର ଅଲିମ୍ପିକ୍ସ ପଦକ ବିଜୟିନୀ ପିଭି ସିନ୍ଧୁ ପ୍ରିକ୍ୱାର୍ଟରରେ ପ୍ରବେଶ କରିଛନ୍ତି। ତାଙ୍କ ସହ ଭାରତୀୟ କିଶୋରୀ ତନ୍ୱୀ ଶର୍ମା ମଧ୍ୟ ଆଗକୁ ବିଛନ୍ତି। ତୃତୀୟ ସିଡ୍ ସିନ୍ଧୁ ୨୧-୧୩, ୨୧-୧୧ରେ ପେରୁର ଇନେସ ଲୁସିଆ କାଷ୍ଟିଲୋ ସଲାଜରଙ୍କୁ ପରାସ୍ତ କରିଛନ୍ତି।





ଏହି ମ୍ୟାଚ୍ ଜିତିବାକୁ ପୂର୍ବତନ ବିଶ୍ୱବିଜୟିନୀ ସିନ୍ଧୁ ମାତ୍ର ୩୨ ମିନିଟ୍ ସମୟ ନେଇଥିଲେ। ପ୍ରିକ୍ୱାର୍ଟରରେ ସେ ଅନ୍ୟତମ ଭାରତୀୟ ତାରକା ଈଶାରାଣୀ ବରୁଆଙ୍କୁ ଭେଟିବେ। ଈଶାରାଣୀ ୨୨-୨୦, ୧୦-୨୧, ୨୧-୧୪ରେ ଚୀନର ହାନ୍ କ୍ୱିନଙ୍କୁ ପରାସ୍ତ କରି ପ୍ରିକ୍ୱାର୍ଟର ଟିକେଟ ହାସଲ କରିଛନ୍ତି। ଏହି ମ୍ୟାଚ୍ ଜିତିବାକୁ ତାଙ୍କୁ ଦୀର୍ଘ ଏକ ଘଣ୍ଟା ୩ ମିନିଟ୍ କାଳ ଯୁଝିବାକୁ ପଡିଥିଲା।

ଅନ୍ୟପକ୍ଷରେ ୧୭ ବର୍ଷୀୟା ତନ୍ୱୀ ପଞ୍ଚମ ସିଡ୍ ଚାଇନିଜ୍ ତାଇପେର ଚିୟୁ ପିନ ଚିଆନଙ୍କୁ ୨୧-୧୨, ୨୨-୨୦ରେ ହରାଇବା ଦିନର ସବୁଠୁ ବଡ ବିପର୍ଯ୍ୟୟ ଥିଲା। ବିଶ୍ୱମାନ୍ୟତାର ୩୬ତମ ସ୍ଥାନରେ ଥିବା ତନ୍ୱୀ ପରବର୍ତ୍ତୀ ରାଉଣ୍ଡ୍‌ରେ ନିଜ ଦେଶର ମାଳବିକା ବଂସୋଦଙ୍କୁ ଭେଟିବେ। ମାଳବିକା ନିଜ ରାଉଣ୍ଡ୍ ଅଫ୍ ୩୨ ମ୍ୟାଚ୍‌ରେ ଥାଇଲାଣ୍ଡର ତନରୁଗ ସେହେଙ୍ଗଙ୍କୁ ୧୫-୨୧, ୨୧-୧୭, ୨୧-୧୩ରେ ହରାଇ ଦେଇଛନ୍ତି।

ଅନ୍ୟତମ ଭାରତୀୟ ଉଦୀୟମାନ ତାରକା ତାନ୍ୟା ହେମନାଥ ପ୍ରିକ୍ୱାର୍ଟରରେ ପ୍ରବେଶ କରିବା ଭାରତୀୟ ପ୍ରଶଂସକଙ୍କୁ ଉଲ୍ଲସିତ କରିଛି। ପୁରୁଷ ଏକକରୁ କିନ୍ତୁ କିରଣ ଜର୍ଜ, ତରୁଣ ମାନେପାଲି ଓ ସନିତ ଦୟାନନ୍ଦ ବିଦାୟ ନେଇଛନ୍ତି। ମିଶ୍ରିତ ଯୁଗଳରେ ଧ୍ରୁବ ରାୱତ ଓ ମନୀଷା କେ ଦ୍ୱିତୀୟ ରାଉଣ୍ଡକୁ ପ୍ରବେଶ କରିଥିଲା ବେଳେ ମୋହିତ ଜଗଲାନ ଓ ଲକ୍ଷିତା ଜଗଲାନ ନିଜ ପ୍ରଥମ ରାଉଣ୍ଡ୍ ମୁକାବିଲା ହାରି ଯାଇଛନ୍ତି।

# ସୈନିକ ସ୍କୁଲ ଭୁବନେଶ୍ୱରରେ ସ୍କୁଲ ଆନ୍ତଃଗ୍ରୁପ୍ ହକି ପ୍ରତିଯୋଗିତା ଆରମ୍ଭ



ଭୁବନେଶ୍ୱର, ୧୦।୬: ସୈନିକ ସ୍କୁଲ ଭୁବନେଶ୍ୱରରେ ଅସ୍ଥଳ ଭାରତୀୟ ସୈନିକ ସ୍କୁଲ ଆନ୍ତଃଗ୍ରୁପ୍ ହକି ପ୍ରତିଯୋଗିତା-୨୦୨୬ର ଶୁଭାରମ୍ଭ ହୋଇଛି । ଦେଶର ବିଭିନ୍ନ ସୈନିକ ସ୍କୁଲରୁ ଆସିଥିବା ପ୍ରତିଭାଶାଳୀ ଯୁବ ହକି ଖେଳାଳିମାନଙ୍କୁ ଏହି ପ୍ରତିଯୋଗିତା ଏକାଠି କରିଛି ।ଉଦ୍ଘାଟନୀ ସମାରୋହରେ ସିଏସ୍‌ଆଇଆର୍-ଆଇଏସ୍‌ଏମ୍ଟି, ଭୁବନେଶ୍ୱରର ନିର୍ଦ୍ଦେଶକ ଡଃ ରାମାନୁଜ ନାରାୟଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାର ଶୁଭ ଉଦ୍ଘାଟନ କରିଥିଲେ। ସେ ସମସ୍ତ ଅଂଶଗ୍ରହଣକାରୀ ଦଳକୁ କ୍ରୀଡ଼ା ମନୋଭାବ, ଶୃଙ୍ଖଳା ଓ ଉତ୍କର୍ଷ ପ୍ରଦର୍ଶନ ପାଇଁ ଶୁଭେଚ୍ଛା ଜଣାଇଥିଲେ ।ଦେଶର ବିଭିନ୍ନ ଅଞ୍ଚଳର ୮ଟି ଗ୍ରୁପ୍ ମୋଟ ୨୪ଟି ସୈନିକ ସ୍କୁଲ ଏହି ଜାତୀୟ ସ୍ତରର ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି। ପ୍ରତିଯୋଗିତାଟି ତିନୋଟି ବର୍ଗରେ ଆୟୋଜିତ ହେଉଛି—ଅଣ୍ଡର-୧୭ ବାଳିକା, ଅଣ୍ଡର- ୧୭ ବାଳକ ଏବଂ ଅଣ୍ଡର-୧୫ ବାଳକ। ଆନ୍ତଃଗ୍ରୁପ୍ ହକି ପ୍ରତିଯୋଗିତାରେ ଯୋଗ୍ୟତା ହାସଲ କରିବା ପରେ ଏହି ଦଳଗୁଡ଼ିକ ଜାତୀୟ ପ୍ରତିଯୋଗିତାରେ ସ୍ଥାନ ପାଇଛନ୍ତି ।

ପ୍ରତିଯୋଗିତାର ପ୍ରଥମ ମ୍ୟାଚ୍ ଅଣ୍ଡର-୧୫ ବାଳକ ବର୍ଗରେ ସୈନିକ ସ୍କୁଲ କାଝାକୁଟମ୍ ଓ ସୈନିକ ସ୍କୁଲ ପୁରୁଲିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ସୈନିକ ସ୍କୁଲ ପୁରୁଲିଆ ବିଜୟୀ ହୋଇ ପ୍ରତିଯୋଗିତାର ରୋମାଞ୍ଚକର ଆରମ୍ଭ କରିଥିଲା । ଏହି ଆୟୋଜନ ସୈନିକ ସ୍କୁଲମାନଙ୍କର ଶାରୀରିକ ସୁସ୍ଥତା, ଦଳଗତ ଭାବନା, ଶୃଙ୍ଖଳା ଏବଂ ସୁସ୍ଥ ପ୍ରତିଯୋଗିତାର ମନୋଭାବକୁ ପ୍ରୋତ୍ସାହିତ କରିବା ପ୍ରତି ଥିବା ଦୃଢ଼ ପ୍ରତିବଦ୍ଧତାର ପ୍ରତିଫଳନ। ସୈନିକ ସ୍କୁଲ ଭୁବନେଶ୍ୱରର ପ୍ରଧାନାଚାର୍ଯ୍ୟ କର୍ଣ୍ଣେଲ ପଙ୍କଜ କୁମାର ଏହି ସମ୍ମାନଜନକ ଜାତୀୟ କ୍ରୀଡ଼ା ଆୟୋଜନର ଆୟୋଜକ ହୋଇପାରିଥିବାରେ ଗର୍ବ ପ୍ରକାଶ କରି ସମସ୍ତ ଅଂଶଗ୍ରହଣକାରୀ ଦଳ, ଅଧିକାରୀ ଓ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ ।

# ସାକିରାଙ୍କ ବିଶ୍ୱକପ୍ ଗୀତକୁ ସଫଳତା

ୱାସିଂଟନ୍ : ଫିଫା ବିଶ୍ୱକପ୍‌ର ପ୍ରଥମ ହ୍ୱିସିଲ୍ ବାଜିବା ପୂର୍ବରୁ ସାକିରାଙ୍କ ନୂଆ ବିଶ୍ୱକପ୍ ଗୀତ ଚମତ୍କାର ସଫଳତା ହାସଲ କରିଛି। ଏହି ବିଶ୍ୱକପ୍‌ର ଅଫିସିଆଲ୍ ଗୀତ 'ଡାଇ ଡାଇ' ନୂଆ ମାଇଲ୍‌ଖୁଣ୍ଟ ଛୁଇଁଛି। ସଂପ୍ରତି କଲମ୍ବିଆନ୍ ସୁପରଷ୍ଟାର୍ ସାକିରାଙ୍କ ଏହି ଗୀତ ୧୦୦ ମିଲିୟନ୍ (୧୦ କୋଟି) ପ୍ରଶଂସକ ଶୁଣି ସାରିଲେଣି। ଯାହା ପୂର୍ବ ରେକର୍ଡର ଭାଙ୍ଗିବାର ସମ୍ଭାବନା ଦେଖାଦେଇଛି। ଏହି ଗୀତ ଗତ ଦୁଇ ସପ୍ତାହ ତଳେ ମୁକ୍ତିଲାଭ କରିଥିଲା। ନାଇଜେରିଆ ରାପର ବୁର୍ଣ୍ଣା ବୟଙ୍କ ସହ ୪୯ ବର୍ଷୀୟା ସାକିରା ଗୁରୁବାର ରାତିରେ ମେକ୍ସିକୋ-ଦକ୍ଷିଣ ଆଫ୍ରିକା ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଆରମ୍ଭ ପୂର୍ବରୁ ମେକ୍ସିକୋ ସିଟି ପଡିଆରେ ପରିବେଷଣ କରିବେ। ଏହି ଗୀତର ଦ୍ରୁତ ପ୍ରସାରଣ ସାକିରାଙ୍କ ଲୋକପ୍ରିୟତାଙ୍କୁ ଆହୁରି ବାଢ଼ ଦେଇଛି। ପୂର୍ବରୁ ୨୦୧୪ ବ୍ରାଜିଲ ସଂସ୍କରଣ ଗୀତ ଲା ଲା ୧.୫ ବିଲିୟନ୍ ଛୁଇଁଥିଲା। ୨୦୧୦ ୱାକା ୱାକା ଦିସ୍ ଟାଇମ୍ ଫର୍ ଅଫ୍ରିକା ୪.୫ ବିଲିୟନ ବା ୪୫୦ କୋଟି ଦର୍ଶକଙ୍କ ହୃଦୟ ଛୁଇଁଥିଲା।

# ଦିନିକିଆ ଶୃଙ୍ଖଳାରେ ଖେଳିବେନି ପାଣ୍ଡ୍ୟା

ବେଙ୍ଗାଲୁରୁ, ୧୦।୬: ଆଫଗାନିସ୍ତାନ ବିପକ୍ଷ ଦିନିକିଆ ଶୃଙ୍ଖଳା ଖେଳିବା ଲାଗି ଅଭିଜ୍ଞ ଅଲ୍‌ରାଉଣ୍ଡର ହାର୍ଦିକ ପାଣ୍ଡ୍ୟାଙ୍କୁ ମଙ୍ଗଳବାର ବିସିସିଆଇ ଫିଟ୍ ଘୋଷଣା କରିଥିଲା। ହେଲେ ବୁଧବାର ସେ ଅନ୍‌ଫିଟ୍ ଯୋଗୁଁ ଏହି ଶୃଙ୍ଖଳାରେ ଖେଳିବେନି ବୋଲି ଜଣାପଡିଛି। ଆଇପିଏଲ୍ ବେଳେ ପିଠି ଯନ୍ତ୍ରଣା ଯୋଗୁଁ ସେ ବେଙ୍ଗାଲୁସ୍ଥିତ ବୋର୍ଡର ସେଣ୍ଟର ଅଫ୍ ଏକ୍ସଲେନ୍ସଠାରେ ଚିକିତ୍ସିତ ହେଉଥିଲେ। ଏଠାରେ ବିନା ବାଧାରେ ୧୦ ଓଭର ବୋଲିଂ କରିବାରୁ ବିସିସିଆଇ ଡାକ୍ତରୀ ଦଳ ପାଣ୍ଡ୍ୟାଙ୍କ ଫିଟ୍‌ନେସ୍‌କୁ ସବୁଜ ସଙ୍କେତ ଦେଇଥିଲେ। ଏହି ସବୁଜ ସଙ୍କେତ ପାଇବା ପରେ ତାଙ୍କ ଜଙ୍ଘ ମାଂସପେସୀରେ ଯନ୍ତ୍ରଣା ଦେଖାଦେଇଛି। ଏଥିରୁ ମୁକୁଳିବାକୁ ତାଙ୍କ ପ୍ରାୟ ୩ ସପ୍ତାହ ଲାଗିଯିବ। ଫଳରେ ସେ ଚଳିତ ମାସ ୧୭ରୁ ୨୦ ତାରିଖ ପର୍ଯ୍ୟନ୍ତ ଆଫ୍‌ଗାନିସ୍ତାନ ବିପକ୍ଷରେ ଯଥାକ୍ରମେ ଧରମଶାଳା, ଲକ୍ଷ୍ନେ ଓ ଚେନ୍ନାଇରେ ଖେଳାଯିବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳାରୁ ବାଦ୍ ପଡିଛନ୍ତି। ପିଠି ଯନ୍ତ୍ରଣା ଯୋଗୁଁ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ପାଣ୍ଡ୍ୟା କିଛି ଆଇପିଏଲ୍ ମ୍ୟାଚ୍ ଖେଳି ପାରି ନଥିଲେ। ଶେଷ ଥର ଲାଗି ସେ ମେ' ୨୪ ତାରିଖରେ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ମ୍ୟାଚ୍ ଖେଳିଥିଲେ। ସଂପ୍ରତି ଭାରତୀୟ ଦଳ ମୁଲାନପୁରରେ ଅଭ୍ୟାସ କରୁଥିଲା ବେଳେ ଗୁରୁବାର ଧରମଶାଳା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି।

# ଲକ୍ଷ୍ମୀପ୍ରିୟାଙ୍କୁ ସ୍ୱର୍ଣ୍ଣ, ସାଇରାଜଙ୍କୁ ରୌପ୍ୟ

ଭୁବନେଶ୍ୱର: ଅନ୍ତର୍ଜାତୀୟସ୍ତରରେ ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ଦୁଇ ଓଡ଼ିଆ କିକ୍‌ବକ୍ସିଂ ଖେଳାଳି ଲକ୍ଷ୍ମୀପ୍ରିୟା ବାଇ ଓ ସାଇରାଜ ପଟ୍ଟନାୟକ। ଫିଲିପାଇନ୍ସର ଲାପୁଲାପୁ ସିଟିରେ ଆୟୋଜିତ ଡବ୍ଲ୍ୟୁକେଏ ଇଣ୍ଡୋ ଫିଲିପାଇନ୍ସ କିକ୍‌ବକ୍ସିଂ ଓପନ୍ ପ୍ରତିଯୋଗିତାର କେ-୧ ମହିଳା ୫୪ ବର୍ଷରୁ କମ୍‌ରେ ମଧୁପ୍ରିୟ ସ୍ୱର୍ଣ୍ଣ ପଦକ କରାୟତ୍ତ କରିଛନ୍ତି। ସେ ଫାଇନାଲ୍‌ରେ ସ୍ଥାନୀୟ ଖେଳାଳି କ୍ରିଷ୍ଟିନ୍ ଏମ୍‌କୁ ପରାସ୍ତ କରିଥିଲେ ।ତେବେ ପୁରୁଷ ୭୪ କେଜି କମ୍ ବର୍ଗର ଫାଇନାଲ୍‌ରେ ସାଇରାଜ ହାରି ରୌପ୍ୟ ପଦକ ପାଇଥିଲେ। ଉଭୟ ଅଚ୍ୟୁତ ମାର୍ଶାଲ ଆର୍ଟସ୍ ଏକାଡେମୀରେ ପ୍ରଶିକ୍ଷଣ ନେଉଛନ୍ତି। ଏହି ପ୍ରତିଯୋଗିତାରେ ଭାରତୀୟ କିକ୍‌ବକ୍ସିଂ ସଂଘ (ଆଇଏକେଓ) ମହାସଚିବ ପୃଥ୍ୱୀରାଜ ହରିଚନ୍ଦନ ଅଧିକାରୀ ଭାବେ ଯୋଗ ଦେଇଥିଲେ।



# ସେରେନାଙ୍କ ଚମତ୍କାର ପ୍ରତ୍ୟାବର୍ତ୍ତନ

ନୂଆଦିଲ୍ଲୀ, ୧୦।୬: ପ୍ରାୟ ୪ ବର୍ଷ ପରେ ପେସାଦାର ଟେନିସ୍ କୋର୍ଟକୁ ଓହ୍ଲାଇଛନ୍ତି ୨୩ ଗ୍ରାଣ୍ଡ ସ୍ଲାମ୍ ବିଜୟିନୀ ସେରେନା ୱିଲିୟମ୍ସ। ଏହି ଆମେରିକା ଟେନିସ୍ ରାଣୀଙ୍କ ପ୍ରତ୍ୟାବର୍ତ୍ତନ ବି ପ୍ରଭାବଶାଳୀ ରହିଛି। ଲଣ୍ଡନର କୁଇନ୍ସ କ୍ଲବ୍‌ରେ ଆୟୋଜିତ ଏହି ପ୍ରତିଯୋଗିତାରେ ୪୪ ବର୍ଷୀୟା ୱିଲିୟମ୍ସ ମହିଳା ଯୁଗଳରେ କାନାଡାର ୧୯ ବର୍ଷୀୟ ଉଦୀୟମାନ ତାରକା ଭିକ୍ଟୋରିଆ ଏମ୍‌ବୋକୋଙ୍କୁ ସାଥୀ କରି ଖେଳିଥିଲେ। ଏହି ମ୍ୟାଚ୍‌ରେ ୱିଲିୟମ୍ସଙ୍କ ଘଣ୍ଟାପ୍ରତି ୧୨୦ ମାଇଲ୍ (ପ୍ରାୟ ୧୯୩ କିମି) ବେଗ ସର୍ଭିସ ସମସ୍ତଙ୍କୁ ଚକିତ କରି ଦେଇଥିଲା। ସେ ଏବେ ବି ତାଙ୍କ ଟ୍ରେଡ୍‌ମାର୍କ ଶକ୍ତି ହରାଇ ନାହାନ୍ତି ବୋଲି ପ୍ରମାଣ କରି ଦେଇଛନ୍ତି।

ତାଙ୍କର ଏହି ପ୍ରତ୍ୟାବର୍ତ୍ତନ ମ୍ୟାଚ୍‌ରେ ସେରେନା ଓ ଏମ୍‌ବୋକୋ ଯୋଡ଼ି ୭-୬, ୬-୨ ସେଟ୍‌ରେ ତୃତୀୟ ମାନ୍ୟତାପ୍ରାପ୍ତ ନିକୋଲ ମେଲିଚର ମାର୍ଟିନେଜ୍ ଓ ଏରିନ୍ ରୁଟ୍‌ଲିଫ୍‌ଙ୍କୁ ପରାସ୍ତ କରିଥିଲେ। ୨୦୨୨ ୟୁଏସ୍ ଓପନ୍ ପରେ ଏହି ପ୍ରଥମ ବ୍ୟକ୍ତିଗତ ମ୍ୟାଚ୍ ପରେ ଖୁସିରେ ନାଚି ଉଠିଥିଲେ। ବିଜୟ ପରେ ସେ କହିଥିଲେ, ଭିକ୍ଟୋରିଆଙ୍କ ସହ ଖେଳି ବହୁତ ଖୁସି। ସେ ଭଲ ଭାବେ ମୋ ସହିତ ତାଳ ଦେଇ ଖେଳିଥିଲେ ଏବଂ ପଏଣ୍ଟ ବି ଅର୍ଜନ କରିବାରେ ବଡ ଯୋଗଦାନ ରଖିଥିଲେ। ତାଙ୍କ ଉପରେ ମୁଁ ବି ଭରସା କରିଥିଲି। ପୂର୍ବରୁ ଆମେ କେବେ ଏକାଠି ଖେଳିନୁ, ହେଲେ ଏହି ମ୍ୟାଚ୍‌ରେ ଆମର ତାଳମେଳ ଭଲ ରହିଥିଲା। ଗତ ସପ୍ତାହରେ ଯୁଗଳ ମ୍ୟାଚ୍‌କୁ ଫେରିବେ ବୋଲି ସେରେନା ଘୋଷଣା କରିଥିଲେ। ହେଲେ ଏକକ ମ୍ୟାଚ୍ ନେଇ କେଣସି ସ୍ପଷ୍ଟ କରି ନାହାନ୍ତି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com
Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ